


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୪ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 FEBRUARY 2025

Vol.No. 36 ■ No.43 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମଣିପୁରରେ ଲାଗୁ ହେଲା ରାଷ୍ଟ୍ରପତି ଶାସନ

ନୂଆଦିଲ୍ଲୀ, ୧୩/୨ : ମଣିପୁରରେ ଲାଗୁ ହେଲା ରାଷ୍ଟ୍ରପତି ଶାସନ । ଗୃହ ମନ୍ତ୍ରାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି । ଗତ ୯ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ସିଂହ । ୨ ବର୍ଷ ଧରି ମଣିପୁରରେ ଦୁଇ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଲାଗିରହିଛି । ବିଧାନସଭା ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ଇସ୍ତଫା ଦେଇଥିଲେ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂହ । ସେ ରାଜ୍ୟପାଳଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ପରେ ମଣିପୁର ରାଜ୍ୟ



ରାଜନୀତି ସରଗରମ ହୋଇଥିଲା । ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିବା ପରେ ୯ ତାରିଖ ସନ୍ଧ୍ୟା ବେଳେ ରାଜ ଭବନ ଯାଇ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କ ସହିତ ରାଜ୍ୟ ବିଜେପି ସଭାପତି ଏନ୍ ?. ଶାରଦା, ବିଜେପି ଉତ୍ତର-ପୂର୍ବ ମଣିପୁର ପ୍ରଭାରୀ ସମ୍ବିତ ପାତ୍ର ଓ ୧୯ ଜଣ ବିଧାୟକ ଯାଇଥିଲେ । ସୂଚନା ଥାଉକି ମଣିପୁରରେ କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଘଟି ପ୍ରାୟ ଦୁଇ ବର୍ଷ ଧରି ଏଠାରେ ନିଆଁ ଜଳୁଛି । ଦୀର୍ଘ ଦିନ ଧରି ବିରୋଧୀ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରୁଥିଲେ । ତେବେ ରବିବାର ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ପରେ ଆଜି ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି ।

## ଦେଶରେ ସରଳ ହେବ ଆୟକର ବ୍ୟବସ୍ଥା: ନୂଆ ଆୟକର ବିଲ୍ ଲୋକସଭାରେ ଆଗତ

ନୂଆଦିଲ୍ଲୀ, ୧୩/୨ : ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ନୂଆ ଆୟକର ବିଲ୍ ଆଗତ କରିଛନ୍ତି । ନୂଆ ଆୟକର ଆଇନ୍-୨୦୨୫ ସଂସଦର ଅନୁମୋଦନ ଲାଭ କଲେ, ପ୍ରଚଳିତ ଆୟକର ଆଇନ-୧୯୬୧ର ସ୍ଥାନ ନେବ । ତେବେ ବିଲକୁ ସଂସଦର ନିମ୍ନ ସଦନରେ ଆଗତ କରି, ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ସୁପାରିଶ କରିଛନ୍ତି ନିର୍ମଳା । ନୂଆ ଆୟକର ଆଇନକୁ ଅଧିକ ସରଳ ଓ ପାରଦର୍ଶୀ କରାଯାଇଛି । ବିଶେଷ କରି ଟିକସଦାତାଙ୍କ ଅନୁକୂଳ ପ୍ରସ୍ତାବମାନ ଦିଆଯାଇଥିବା ଦାବି କରିଛନ୍ତି ମୋଦୀ ସରକାର । ଦେଖିବା ନୂଆ ବିଲରେ କ'ଣ ସବୁ ପରିବର୍ତ୍ତନ କରିଛନ୍ତି ମୋଦୀ ସରକାର । ବଜେଟରେ ଘୋଷଣା ମୁତାବକ ନୂଆ ଆୟକର ଆଇନରେ ୫ଟି ଆୟକର ସ୍ଲାବ ରହିବ । କିନ୍ତୁ ନିବେଶ କରୁଥିଲେ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟକାରୀଙ୍କୁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ । ଏବେ ଆସନ୍ତୁ ନଜର ପକାଇବା ଆଉକିଛି ବଡ଼ ପରିବର୍ତ୍ତନ ଉପରେ । ୬୦ ବର୍ଷ ପୁରୁଣା ଆଇନରେ କେତେକ ଅସ୍ପଷ୍ଟତା କାରଣରୁ ଟିକସଦାତା ଓ ସରକାରଙ୍କ ମଧ୍ୟରେ ବିବାଦ ଉପୁଜୁଥିଲା । ଫଳରେ ଆୟକରକୁ ନେଇ କୋର୍ଟରେ ମାମଲା ବଢ଼ିଚାଲିଥିଲା । ନୂଆ ଆଇନରେ ଏହାକୁ ସଂଶୋଧନ କରାଯାଇଥିବାରୁ ଆଗକୁ ଦ୍ୱନ୍ଦ୍ୱ କମିବ ବୋଲି ସରକାର ଆଶାବାଦୀ ଅଛନ୍ତି ।

## ସୁରକ୍ଷା ସ୍ଥିତି ଆକଳନ କରିବା ପାଇଁ ଜମ୍ମୁରେ ବୈଠକ

ଜମ୍ମୁ, ୧୩/୨ : କଶ୍ମୀରରେ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକର ଦିନ ପରେ ଅଂଚଳରେ ସୁରକ୍ଷା ସ୍ଥିତିର ଆକଳନ କରିବା ପାଇଁ ଉପରାଜ୍ୟପାଳ ମନୋଜ ସିହ୍ନା ଗୁରୁବାର ଏକ ବୈଠକ ଡାକିଛନ୍ତି, ଯାହାର ଅଧ୍ୟକ୍ଷତା ସେ ନିଜେ କରିଛନ୍ତି । ବୈଠକରେ ଜମ୍ମୁ କଶ୍ମୀର ପୋଲିସ, ସେନା, ସିଆରପିଏଫର ଶୀର୍ଷ ଅଧିକାରୀ ଓ ବିଭିନ୍ନ ଅନ୍ୟ ସୁରକ୍ଷା ଏଜେନ୍ସି ସାମିଲ ଅଛନ୍ତି । ସେ କହିଛନ୍ତି ଯେ, ବୈଠକର ଫୋକସ ଆଇନ ବ୍ୟବସ୍ଥା, ସୁରକ୍ଷା ସ୍ଥିତି, ନିୟନ୍ତ୍ରଣ ରେଖାରେ ଅନୁପ୍ରବେଶ ସହିତ ଅନ୍ୟ ପ୍ରସଙ୍ଗର ଆକଳନ କରିବା ରହିଛି ।

## ଫେବୃଆରୀରୁ ଟାଇଁ ଟାଇଁ ଖରା: ୩୫ ଡେଇଁଲା ରାଜଧାନୀର ତାତି

ଭୁବନେଶ୍ୱର, ୧୩/୨(ନି.ପ୍ର) : ଫେବ୍ରୁଆରୀରୁ ଟାଇଁ ଟାଇଁ ଖରା ଅନୁଭୂତ ହେଲାଣି । ଫେବ୍ରୁଆରୀରୁ ଚେତାବନୀ ଦେଲାଣି ତାତି । ତିନି ଦିନ ଭିତରେ ତାପମାତ୍ରା ବଢ଼ିଲାଣି ୩ ଡିଗ୍ରୀ । ପାରଦ ୩୭ ଡିଗ୍ରୀ ପାର୍ କଲାଣି । ରାଜ୍ୟବାସୀଙ୍କ ମଧ୍ୟରେ ଭାଳେଣି ମଧ୍ୟ ପଡ଼ିଗଲାଣି । ଏବେଠୁ ଯଦି ଏତେ ଗରମ ତ ମେ ଜୁନ୍ ରେ ଅବସ୍ଥା କଣ ହେବ ତାକୁ ନେଇ ଚିନ୍ତିତ ରାଜ୍ୟବାସୀ । ପାଣିପାଗ ବିଭାଗ କହିଛି ଗୁରୁଚାପ ବଳୟରୁ



ରାଜ୍ୟକୁ ଥଣ୍ଡା ପବନ ବନ୍ଦ ହୋଇଛି ଏବଂ ପଶ୍ଚିମା ଝଡ ପ୍ରଭାବରେ ତାତି ବଢୁଛି । ଝାରସୁଗୁଡାରେ ବୁଧବାର ପାରଦ ୩୭ ଛୁଇଁଥିବା ବେଳେ ଆଜି ୩୫ ଡେଇଁଲା ରାଜଧାନୀର ତାତି । ଝାରସୁଗୁଡାରେ ୯ ୧୦ଟା ବେଳକୁ ଦାଉ ଦାଉ ଖରା । ୧୨ ଟା ବାଜୁ ବାଜୁ ମାଡି ଆସୁଛି ତାତି । ଗରମରେ ସିଝିଯାଉଛି ମୁହଁ । ତାତି ଏତେ ବଢ଼ିଛି ଯେ, ଦିନ ଗୋଟାଏରେ ରାସ୍ତା ଘାଟ ଶୂନଶାନ ।


▶▶ପୃଷ୍ଠା ୭


## ବାଖରାବାଦ ୟୁଥ କ୍ଲବର ଚତୁର୍ଥ ବାର୍ଷିକ ମହୋତ୍ସବ: ୭୧ୟୁନିଟ୍ ରକ୍ତ ସଂଗୃହୀତ

ରୂପସା, ୧୩/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅଧିନସ୍ଥ ବାଖରାବାଦ ୟୁଥକ୍ଲବର ଚତୁର୍ଥ ବାର୍ଷିକ ଉତ୍ସବରେ ରକ୍ତଦାନ ଶିବିର, ବୃକ୍ଷ ରୋପଣ ରାଜ୍ୟସ୍ତରିୟ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ୟୁଥକ୍ଲବର ସଭାପତି ରବିନ୍ଦ୍ର କୁମାର ସେଠୀଙ୍କ ପୌରହିତରେ ଏକ ସଭାର ଆୟୋଜନ ହୋଇଥିଲା । ଉଦ୍ଘାଟକ ତଥା ମୁଖ୍ୟ ଅତିଥିଭାବେ ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ତଥା ପରିବେଶବିତ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଯୋଗଦେଇ କହିଥିଲେ ରକ୍ତ ଦାନ ଏକମହତ ଦାନ, ଏକ ୟୁନିଟ ରକ୍ତ ଦାନରେ ଅନେକ ଲୋକଙ୍କ ଜୀବନ




ବଞ୍ଚାଯାଇ ପାରିବ । ବର୍ତ୍ତମାନ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଯାଉଛି ।ଏହି ପରିସ୍ଥିତିରେ କ୍ଲବ ପକ୍ଷରୁ ଏହିଭଳି ଶିବିର ଅନୁଷ୍ଠିତ ହେଉଥିବାରୁ ବ୍ୟକ୍ତି ଗତ ଭାବେ ଅନୁଷ୍ଠାନକୁ ସାଧୁବାଦ ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ ରକ୍ତଦାନ କ୍ଷେତ୍ରରେ ଅଧିକରୁ ଅଧିକ ଯୁବକ ଓ ଯୁବତୀ ଯୋଡି ହେବା ପାଇଁ ନିଜର ଅଭିଭାଷଣ ରଖିବା ସହିତ ବିଶ୍ୱରେ ତାପମାତ୍ରା ବୃଦ୍ଧି ଓ ଜଳ ବାୟୁ ପରିବର୍ତ୍ତନରେ ବୃକ୍ଷ ରୋପଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରି ସବୁଜ ବାଲେଶ୍ୱର


▶▶ପୃଷ୍ଠା ୭


## ରାଜ୍ୟପାଳଙ୍କ ଅଭିଭାଷଣ: 'ଓଡ଼ିଆ ଅସ୍ମିତାର ବିକାଶ ଦିଗରେ କାର୍ଯ୍ୟ କରୁଛି ମୋ ସରକାର'

ଭୁବନେଶ୍ୱର, ୧୩/୨(ନି.ପ୍ର) : ଆଜିଠୁ ଆରମ୍ଭ ହୋଇଛି ସପ୍ତଦଶ ଓଡ଼ିଶା ବିଧାନସଭାର ତୃତୀୟ ଅଧିବେଶନ । ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଗୃହକାର୍ଯ୍ୟ ଆରମ୍ଭ ହୋଇଛି । ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କଲେ ରାଜ୍ୟପାଳ । ଏହାପରେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ବିଧାୟକ ବିଜୟ ମହାନ୍ତି ଓ ସଦନ ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଭିଭାଷଣରେ ରାଜ୍ୟପାଳ ଓଡ଼ିଶାର ଖଣିଜ ସଂପଦ ବିଷୟରେ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଦୁର୍ଗମ ପାହାଡ଼ ତଳେ ମୂଲ୍ୟବାନ ଖଣିଜ ପଦାର୍ଥର ବିଶାଳ ଭଣ୍ଡାର ରହିଛି, ଯାହା ଏହାର ଶିଳ୍ପ ଶକ୍ତି ଏବଂ ଅର୍ଥନୈତିକ ପ୍ରତିଶ୍ରୁତିର ନୀରବ ପ୍ରମାଣ । ଆମର ଲୋକମାନେ ହିଁ ଆମର ସବୁଠାରୁ ବଡ଼ ସମ୍ପତ୍ତି; ଆମ କାରିଗରମାନେ ପଥର ଓ ବସ୍ତ୍ରରେ ଯାଦୁକରୀ ସ୍ପର୍ଶ ଦିଅନ୍ତି, କୃଷକମାନେ ପୃଥିବୀରୁ ଜୀବନ ସୃଷ୍ଟି କରନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ପରିବର୍ତ୍ତନକୁ ବାଛିଛନ୍ତି । ସରକାର ଏହି ପବିତ୍ର ଗୃହରେ 'ସବ୍ କା ସାଥ, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ' ନୀତି ଆଧାରିତ ଏହାର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ । ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୮ ମାସ ବିତିଛି ଏବଂ ଏହି ସ୍ୱଳ୍ପ ସମୟ ମଧ୍ୟରେ ସରକାର ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଅନେକ ଯୋଜନା ପ୍ରଣୟନ କରିଛନ୍ତି । ରାଜ୍ୟ ତଥା ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି । ରାଜ୍ୟର ପ୍ରାୟ ଏକ କୋଟି ମହିଳାଙ୍କ ହିତସାଧନ ପାଇଁ ସରକାର 'ସୁଭଦ୍ରା' କାର୍ଯ୍ୟକାରୀ କରିଛନ୍ତି । ଧାନ ପାଇଁ ଏମଏସପି ଉପରେ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରିବା ପାଇଁ 'ସମୃଦ୍ଧ କୃଷକ ଯୋଜନା" ଆରମ୍ଭ କରିଛନ୍ତି । ଏଥିସହ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଭିତର ରତ୍ନ ଭଣ୍ଡାର ଖୋଲିବା ଓଡ଼ିଆ ଅସ୍ମିତାକୁ ପୁନର୍ଜୀବିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ।


▶▶ପୃଷ୍ଠା ୭


## ସୀମାନ୍ତ ତେଲେଙ୍ଗାନାରେ ୧୯ ଜଣ ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି , ୧୩/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାଣା ରାଜ୍ୟ ଭଦ୍ରାଦ୍ରି କତାଗୁଡେମ ଜିଲ୍ଲା ପୋଲିସ ନିକଟରେ ୧୯ ଜଣ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ତଥ୍ୟ ଅନୁଯାୟୀ ସୀମାନ୍ତ ଛତିଶଗଡ ରାଜ୍ୟ କାଙ୍କେର, ବିଜାପୁର, ଦନ୍ତେବାଡା, ସୁକୁମା, ପ୍ରଭୃତି ଜିଲ୍ଲାର ୧୯ ଜଣ ମାଓବାଦି ଆଜି ତେଲେଙ୍ଗାଣା ଭଦ୍ରାଦ୍ରି କତାଗୁଡେମ ଜିଲ୍ଲା ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି । ଏହି ଆତ୍ମ ସମର୍ପଣକରିଥିବା ମାଓବାଦୀଙ୍କ ମଧ୍ୟରୁ ସରୋଟି ମନିଷ୍, ମାଡବି ନନ୍ଦା, ମାଡବି ହାନ୍ଦା, ମାଡବି ହିଡମା, ମଡକମ୍ ଦେବା, କୋଲ୍ଲୁମୁ ଆଇତା,


▶▶ପୃଷ୍ଠା ୭


## ବିଜେପି ମୁହାଁ ବିଜେଡ଼ି ନେତା: ସନାଙ୍କ ଉପରେ ରାଗିଲେ ନବୀନ

ଭୁବନେଶ୍ୱର, ୧୩/୨(ନି.ପ୍ର) : ବିଜେପି ମୁହାଁ ସନା, ତାଗିଦ୍ କଲେ ନବୀନ । ଆଜି ବିଧାନସଭା ପ୍ରବେଶ ଦ୍ୱାରରେ ଦେଖିବାକୁ ମିଳିଥିଲା ଏମିତି ରୋଚକ ଦୃଶ୍ୟ । ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଧାନସଭାକୁ ପ୍ରବେଶ କଲା ବେଳକୁ ବିଜେଡିର ଅନ୍ୟ ବିଧାୟକଙ୍କ ସହ ଉପସ୍ଥିତ ଥିଲେ ଚମ୍ପୁଆ ବିଧାୟକ ସନା ମହାକୁଡ଼ । ଜଣେ ବିଧାୟକଙ୍କ ପଛରେ ଛିଡା ହୋଇଥିଲେ ସନାତନ ମହାକୁଡ । ତେବେ ନବୀନଙ୍କ ନଜର



ପଡିଯାଇଥିଲା ସନାଙ୍କ ଉପରେ । ଟିକିଏ ଅଟକି ଯାଇଥିଲେ । ଏହି ସମୟରେ ନବୀନ ତାଙ୍କୁ ପଚାରିଥିଲେ କାଲି ବିଜେଡି ବିଧାୟକ ଦଳ ବୈଠକକୁ କାହିଁକି ଆସିନଥିଲ । ସନାଙ୍କ ପାଇଁ ଏହି ପ୍ରଶ୍ନ ଥିଲା ଅପ୍ରତ୍ୟାଶିତ ।


▶▶ପୃଷ୍ଠା ୭


## ମଧ୍ୟପ୍ରଦେଶରେ କାର-ଟ୍ରକ ଧକ୍କା: ୩ ମୃତ

ଭୋପାଳ, ୧୩/୨ : ମଧ୍ୟପ୍ରଦେଶର ନର୍ମଦାପୁରମଜିଲ୍ଲାରେ ବୁଧବାର - ଗୁରୁବାର ରାତି ଇଟାରସୀ ରୋଡରେ ଏକ ଭୟଙ୍କର ସଡକ ଦୁର୍ଘଟଣା ଘଟିଛି । ଏଠାରେ ଚାରିଜଣ ସାଙ୍ଗ କାରରେ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ । ଏହି ସମୟରେ ଦ୍ରୁତ ଗତି କାର ନିୟନ୍ତ୍ରଣ ହରାଇଆଗକୁ ଯାଉଥିବା ଏକ ଟ୍ରକର ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ କାରର ଆଗ ଭାଗ ନଷ୍ଟ ହୋଇଯାଇଥିଲା ।


▶▶ପୃଷ୍ଠା ୭


## ଟ୍ରମ୍ପ-ମୋଦୀ ୱାନ ଟୁ ୱାନ : ଚିନ୍ତାରେ ଚୀନ-ପାକିସ୍ତାନ-ବାଂଲାଦେଶ

ନୂଆଦିଲ୍ଲୀ, ୧୩/୨ : ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଗସ୍ତ ସମୟରେ ସେ ବିଭିନ୍ନ ପ୍ରସଙ୍ଗରେ ଉଭୟ ନେତା ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରୁଛନ୍ତି । ଦୁଇ ବିଶ୍ୱ ନେତା ୱାନ ଟୁ ୱାନ ଆଲୋଚନା କରିବା ପରେ ଚିନ୍ତାରେ ପାକିସ୍ତାନ-ବାଂଲାଦେଶ ଓ ଚୀନ । କାରଣ ଆମେରିକା ଭାରତ ମଧ୍ୟରେ ଲଗାତାର ସମ୍ପର୍କ ମଜବୁତ ହେବାରେ ଲାଗିଛି । ତେଣୁ ଟ୍ରମ୍ପ ସେମାନଙ୍କ ଉପରେ କି ନିର୍ଦ୍ଦେଶନାମା ଜାରି କରୁଛନ୍ତି ସେନେଇ ଏବେଠୁ ଛାତିରେ ପଶିଲାଣି ଛନକା । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ହେବା ପରେ ମୋଦୀଙ୍କୁ ଫୋନ୍ କରି କଥା



ହୋଇଥିଲେ ଟ୍ରମ୍ପ । ଖାଲି କଥା ହୋଇଥିଲେ ତାହା ନୁହେଁ ବରଂ ଆମେରିକା ଯିବାକୁ ନିମନ୍ତ୍ରଣ ଦେଇଥିଲେ । ମୋଦୀ ବି କଥା ରଖି ଟ୍ରମ୍ପ ଶପଥ ନେବାର ମାତ୍ର ୩ ସପ୍ତାହ ମଧ୍ୟରେ ଆମେରିକା ଗସ୍ତରେ ଯାଇଛନ୍ତି । ତେଣୁ ଦୁଇ ନେତା ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ଚିନ୍ତାରେ ପଡ଼ୋଶୀ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ଆମେରିକା ଗସ୍ତରେ ମୋଦୀ ଥିବା ବେଳେ ଟ୍ରମ୍ପଙ୍କ ସହ ବେପାର, ବାଣିଜ୍ୟ, ପ୍ରତିରକ୍ଷା, ଆତଙ୍କବାଦ, ଚୀନର ଦାଦାଗିରି, ଋଷିଆ-ୟୁକ୍ରେନ୍ ଯୁଦ୍ଧ ସହ ଏଚୱାନ-ବି ଭିସା ସମ୍ପର୍କରେ ଆଲୋଚନା ହେଉଛି । ଯେଉଁଥି ଲାଗି ଏହି ଦ୍ୱିପାକ୍ଷିକ ବୈଠକ ଉପରେ ପୁରା ବିଶ୍ୱର ନଜର ରହିଛି । କୁହାଯାଉଛି ଉଭୟ ରାଷ୍ଟ୍ର ଅନେକ କ୍ଷେତ୍ରରେ ବଡ଼ ନିଷ୍ପତ୍ତି ନେଇପାରନ୍ତି । ପୂର୍ବରୁ ଚୀନ ଓ ପାକିସ୍ତାନ ଉପରେ ଆଲୋଚନା ହୋଇଛି ହେଲେ ଏଥର ବାଂଲାଦେଶ ବି ମୁଦ୍ଦାରେ ରହିଛି । କୁହାଯାଉଥିଲା କି, ୬ ମାସ ହେଲାଣି ଉଭୟ ରାଷ୍ଟ୍ର ୟୁକ୍ରେନ୍ ଓ ଋଷିଆ ଯୁଦ୍ଧ ମୁଖ୍ୟ ପ୍ରସଙ୍ଗ ଭିତ୍ତିରେ ଆଲୋଚନା ଚାଲିଥିଲା ।


▶▶ପୃଷ୍ଠା ୭


## ରୂପସା ମହୋତ୍ସବର ତୃତୀୟ ସଂଧ୍ୟା

ରୂପ୍ସା, ୧୩/୨ (ନି.ପ୍ର): ସଦର ବ୍ଲକ ରୂପ୍ସା ମହୋତ୍ସବର ତୃତୀୟ ସଂଧ୍ୟା ମହାସମାରୋହରେ ପାଳିତ ହୋଇଯାଇଛି । ଉପଦେଷ୍ଟା ଯୋଗେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ କବି କାଳୀପଦ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ବିଟ୍ ପଲିଟେକନିକର ସମ୍ପାଦକ ଓ ସମାଜସେବୀ ଶ୍ୟାମସୁନ୍ଦର ମିଶ୍ର ଯୋଗଦେଇଥିଲେ । ବକ୍ତାମାନେ ନିଜ ଭାଷଣରେ କହିଥିଲେ ନିଜ ମାଟି, ନିଜ ଭାଷା ଓ ପରମ୍ପରାକୁ ଯଦି ଆମେ ଉପଯୁକ୍ତ ସମ୍ମାନ ଦେଇପାରିବା




ତେବେ ମହୋତ୍ସବର ଯଥାର୍ଥତା ରହିବ । ଏ ମହୋତ୍ସବ ଅଂଚଳର ଭାଷା, ଶିକ୍ଷା, ପରମ୍ପରାକୁ ଉଜ୍ଜୀବିତ କରିଥାଏ । ସେହି ଅଂଚଳର ସଂସ୍କୃତି, ପରମ୍ପରାର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିଥାଏ । ମହୋତ୍ସବର ପ୍ରଥମରେ ତାହାରପୁର ଗ୍ରାମର ନୃତ୍ୟଶିକ୍ଷୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଅନୁଷ୍ଠିତ ହୋଇଥିଲା । ଗୋପାଳଚନ୍ଦ୍ର ସାହୁ ଅନୁଷ୍ଠାନର ଉପଦେଷ୍ଟା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନର ସଂଯୋଜକ ଶ୍ରୀ ଚିତ୍ତରଂଜନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । ବକ୍ତାମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସମୟରେ ଅଂଚଳର ବିଶିଷ୍ଟ ବ୍ରାହ୍ମଣ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ ।

# ସ୍ଥାୟୀ ଜୀବିକା, ଖାଦ୍ୟ ନିରାପତ୍ତା ଓ ଗ୍ରାମୀଣ ପରିବର୍ତ୍ତନ ମାଧ୍ୟମରେ ବିକଶିତ ଭାରତ ପାଇଁ ମିଲେଟ୍ ଶୀର୍ଷକ ଜାତୀୟ ସେମିନାର

ଜୟପୁର, ୧୩/୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଫେବୃଆରୀ ୧୨ ତାରିଖରେ ସୁନାବେଡ଼ା ସ୍ଥିତ ଏହାର କ୍ୟାମ୍ପସରେ 'ସ୍ଥାୟୀ ଜୀବିକା, ଖାଦ୍ୟ ନିରାପତା ଓ ଗ୍ରାମୀଣ ପରିବର୍ତନ ମାଧ୍ୟମରେ ବିକଶିତ ଭାରତ ପାଇଁ ମିଲେଟ୍ ଶୀର୍ଷକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସ୍ଏସ୍ଆର)ର ଭିଜନ୍ ବିକଶିତ ଭାରତ ଉପରେ ମିଳିତ ଗବେଷଣା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଆହ୍ୱାନ ଅଧୀନରେ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ସହ ପ୍ରଫେସର ଡ. ମିନତି ସାହୁଙ୍କ ନେତୃତ୍ୱରେ ଗବେଷକ ଦଳକୁ ୨୩ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ଆନୁକୂଲ୍ୟରେ ଏହି ଆଲୋଚନାଚକ୍ର ଆୟୋଜିତ ହେଉଅଛି । ଉଦ୍ଘାଟନୀ ମଂଚରେ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ଆଇସିଏସଏସଆରର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଜେକେ ବଜାଜ; ନୀତି ଆୟୋଗର ବରିଷ୍ଠ ଅର୍ଥନୀତିଜ୍ଞ ଡଃ. ପ୍ରଭାକର ସାହୁ, ଭାରତ ସରକାରଙ୍କ ଷୋଡ଼ଶ ଅର୍ଥ ଆୟୋଗର ଅର୍ଥନୈତିକ ଉପଦେଷ୍ଟା ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଓ ଅର୍ଥନୀତି ବିଭାଗର ପ୍ରଫେସର ତଥା ଜାତୀୟ ଆଲୋଚନାଚକ୍ରର ଅଧ୍ୟକ୍ଷ ପ୍ରଫେସର ରଥୀ କାନ୍ତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ତଥା ଆବାହକ ଡ. ମିନତି ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଆଇସିଏସଏସଆର ଦ୍ୱାରା ପାଣ୍ଠି ଯୋଗାଉଥିବା ଗବେଷଣା ପ୍ରକଳ୍ପ ପରିଚାଳନା ପାଇଁ ଉନ୍ନତ ଚିନ୍ତାଧାରା ସଂଗ୍ରହ କରିବା ପାଇଁ ସେମିନାର୍ କରାଯାଇଛି ବୋଲି ସେ ବୁଝାଇଥିଲେ। ଅର୍ଥନୀତି ବିଭାଗର ପ୍ରଫେସର ତଥା ଅଧ୍ୟକ୍ଷ ପ୍ରଫେସର ରଥୀ କାନ୍ତ କୁମ୍ଭାର ବିଷୟଗତ ଅଭିଭାଷଣ ଦେଇ ଆଲୋଚନାଚକ୍ରର ବିଷୟବସ୍ତୁ ବର୍ଣ୍ଣନା କରିଥିଲେ। ପ୍ରଫେସର କୁମ୍ଭାର ସଂସ୍କୃତି, ପ୍ରକୃତି ଓ ବିକୃତି ବିଷୟରେ ଉଲ୍ଲେଖ କରି ଏକ ନୂତନ ଖାଦ୍ୟ ସଂସ୍କୃତି ପ୍ରତିଷ୍ଠା ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଜେକେ ବଜାଜ ଓଡ଼ିଶା ପ୍ରାକୃତିକ ସମ୍ପଦ, ଜଳ ଓ ମାଟିରେ ସମୃଦ୍ଧ ହୋଇଥିଲେ ମଧ୍ୟ ଉତ୍ପାଦକତା ରେ ଦୁର୍ବଳ ବୋଲି ବର୍ଣ୍ଣନା କରିବା ସହ ଗବେଷଣାକ୍ଷେତ୍ରରେ ଏହି ସମସ୍ୟାର ସମାଧାନ କରିବାକୁ ବିଶ୍ୱବିଦ୍ୟାଳୟକୁ ପରାମର୍ଶ ଦେଇଥିଲେ । ଏହି ଗବେଷଣା ପ୍ରକଳ୍ପର ବିଷୟକୁ ସେ ପ୍ରଶଂସା କରିବା ସହ ଖାଦ୍ୟ ସମଗ୍ରୀରେ ବାଜରାର ଉପସ୍ଥିତି ବୃଦ୍ଧି ପାଇଁ ଏହା ଦିଗଦର୍ଶନ ଦେଖାଇବ ବୋଲି ଆଶାବ୍ୟକ୍ତ କରିଥିଲେ । ପ୍ରଫେସର ପି.କେ. ପଣ୍ଡା ଓଡ଼ିଶାକୁ ଏକ ପର୍ବତ ଅର୍ଥନୀତି ବୋଲି ବର୍ଣ୍ଣନା କରିବା ସହ ବିଭିନ୍ନ ଅର୍ଥନୈତିକ ଦୃଷ୍ଟିକୋଣରୁ ବାଜରା ଚାଷ ଓ ବ୍ୟବହାର ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଡଃ. ପ୍ରଭାକର ସାହୁ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଉନ୍ନତ କରିବା ପାଇଁ ସରକାରୀ ପଦକ୍ଷେପ ବିଶେଷ କରି ନୀତି ଆୟୋଗର ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ବାଜରା ମାଧ୍ୟମରେ ନିରନ୍ତର ବିକାଶ ପାଇଁ ସଚେତନତା ଏବଂ ଉତ୍ପାଦକତାର ଆହ୍ୱାନ ବିଷୟରେ ସେ ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶ୍ରୀ ଅନ୍ନ ଶବ୍ଦରେ ଥିବା ବାଜରାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଥିଲେ। କୋରାପୁଟର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଶ୍ୱବିଦ୍ୟାଳୟ ମଣ୍ଡିଆ ପ୍ରସଙ୍ଗକୁ ଅତି ଗମ୍ଭୀରତାର ସହ ନେବାକୁ ଯୋଜନା କରୁଛି ବୋଲି ସେ କହିଛନ୍ତି। ସେ ବିଶ୍ୱବିଦ୍ୟାଳୟର ମିଶନ ଓ ଭିଜନକୁ ଉଦାହରଣ ଦେଇ କହିଲେ ଯେ ଉତ୍କର୍ଷ ଓଡ଼ିଶା ଓ ସମୃଦ୍ଧ ଭାରତ ହାସଲ କରିବା ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ। ଏହି ଅବସରରେ କୋରାପୁଟର ଓଡ଼ିଶାର ମିଲେଟ୍ କୁଇନ୍ ଡ. ରାଇମତୀ ଘିଉରିଆଙ୍କୁ ମଣ୍ଡିଆକୁ ଲୋକପ୍ରିୟ କରିବାରେ ଅବଦାନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମିନତି ସାହୁ ଓ ଡ. ସୌରଭ ଗୁପ୍ତାଙ୍କ ଦ୍ୱାରା ସମ୍ପାଦିତ ସ୍ମାରକୀ 'ବୁକ୍ ଅଫ୍ ଆଇଡିଆସ୍'କୁ ବିଶିଷ୍ଟ ବ୍ୟକ୍ତିମାନେ ଉନ୍ମୋଚନ କରିଥିଲେ ।

# ଖ୍ରୀଷ୍ଟିୟ ମଣ୍ଡଳିର ଉଦ୍ଦୀପନା ସଭାରେ ଯୋଗଦେଲେ ନରସିଂହ

ବଲାଙ୍ଗିର, ୧୩/୨ (ନି.ପ୍ର): ବଲାଙ୍ଗିର ବ୍ଲକ ସ୍ଥିତ ଝାଙ୍କରପାଲି ଠାରେ ଖ୍ରୀଷ୍ଟିୟ ସମାଜ ଦ୍ୱାରା ଝାଙ୍କରପାଲି ସିଏନ୍ଆଇ ମଣ୍ଡଳି ଆନୁକୁଲ୍ୟରେ ଦୁଇ ଦିବସୀୟ ଉଦ୍ଦିପନା ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି ଉଦ୍ଦିପନା ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ ଉପସ୍ଥିତ ଖ୍ରୀଷ୍ଟିୟ ସମାଜର ଜନସାଧାରଣଙ୍କୁ ଶୁଭେଚ୍ଛା ବାର୍ତା ଜଣାଇଥିଲେ । ସେ କହିଥିଲେ, ଆପଣମାନଙ୍କ ଏକତା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଆପଣମାନେ କେବଳ ନିଜ ସମାଜର ନୁହେଁ ସମଗ୍ର ଏହି ଅଂଚଳର ସାମଗ୍ରିକ ବିକାଶ କୁ ନିଶ୍ଚିତ କରିପାରିବେ । ଅତିତରୁ ବର୍ତମାନ ପର୍ଯ୍ୟନ୍ତ ଆପଣମାନେ ମତେ ସହଯୋଗର ହାତ ବଢାଇଛନ୍ତି, ତେଣୁ ମୁଁ କୃତଜ୍ଞ । କଥା ଦେଉଛି ମୁଁ ବଂଚିଥିବା ଯାଏଁ ଆପଣମାନଙ୍କ ସେବାରେ ନିଜକୁ ନିୟୋଜିତ ରଖିବି । ଏହି ପରିପ୍ରେକ୍ଷିରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଆହୁରି ମଧ କହିଥିଲେ, ଦେଶ ସ୍ୱାଧିନତା ପାଇଲା ପରେ ପ୍ରତ୍ୟେକ କ୍ଷେତ୍ରରେ ଦେଶ ବିକାଶ କରିଛି କିନ୍ତୁ ଦୁଃଖର ବିଷୟ ଦେଶର ଧନି ଓ ଗରିବଙ୍କ ମଧ୍ୟରେ ସାମଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସାମଞ୍ଜସ୍ୟ ରହୁନାହିଁ । ଧନୀକ ଶ୍ରେଣୀ ଧନୀ ହେବାରେ ଲାଗିଛନ୍ତି ଓ ଗରୀବ ଆହୁରି ଗରିବ ହେଉଛନ୍ତି, ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ । ଏହାର ସମାଧାନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପ୍ରକାର ପ୍ରୟାସ କରୁନାହାନ୍ତି । ଏପରି ପରିସ୍ଥିତ ଜାରି ରହିଲେ ଆଗାମୀ ଦିନରେ ଦେଶରେ ଏହା ଏକ ବିରାଟ ସମସ୍ୟା ରୂପେ ସାମ୍ନାକୁ ଆସିପାରେ । ତେଣୁ ଏ ସବୁ ଦିଗରେ ସରକାର ତଥା ଜନସାଧାରଣ ସଚେତନ ହେବା ନିହାତି ଜରୁରି ବୋଲି ଶ୍ରୀ ମିଶ୍ର କହିଥିଲେ । ଆଜିର ଏହି ଉଦ୍ଦିପନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆନ୍ଦ୍ରୀୟ ଛତ୍ରିଆ, ମହେନ୍ଦ୍ର ତାଣ୍ଡି, ଜ୍ୟୋତି ବାଗ, ସଂଜୟ ଗଡତ୍ୟା, ମୟ ସାହୁ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ବାରିକ ପ୍ରମୁଖ ମଂଚାସିନ ଥିଲେ ।

# ସାମ୍ବାଦିକ ପଓ୍ୱନ ଅଗ୍ରଓ୍ୱାଲ ଉତ୍କଳମେଲ ସମ୍ମାନରେ ସମ୍ବର୍ଦ୍ଧିତ

ବଲାଙ୍ଗୀର, ୧୩/୨ (ନି.ପ୍ର): ଦୈନିକ ଖବର କାଗଜ ଉତ୍କଳମେଲର ୩୭ତମ ବାର୍ଷିକ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନ ସ୍ଥିତ ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ଉତ୍କଳମେଲ ପ୍ରତିନିଧି ପଓ୍ୱନ କୁମାର ଅଗ୍ରଓ୍ୱାଲଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଉତ୍କଳମେଲ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସାମ୍ବାଦିକତା କ୍ଷେତ୍ରରେ ନିରନ୍ତର ଭାବରେ ଦୀର୍ଘ ୧୬ ବର୍ଷ ସକ୍ରିୟ ଭାବରେ ସର୍ବଦା ଏକ ସକାରାତ୍ମକ ଢଙ୍ଗରେ ଜନସାଧାରଣଙ୍କ ସ୍ୱାର୍ଥର ପ୍ରସଙ୍ଗ ଉଠାଇବା ସହିତ ସର୍ବଦା ସମାଜର ସମସ୍ତ ବର୍ଗର ଉନ୍ନତି ପାଇଁ ଚେଷ୍ଟା କରୁଛନ୍ତି। ଉତ୍କଳମେଲର ମୁଖ୍ୟ ସମ୍ପାଦକ ଡ. ପୀତବାସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଏମ୍.ବି.ସି. ଟିଭିର ମୁଖ୍ୟ ତଥା ଶିକ୍ଷାବିତ ଡ. ବଦ୍ରୀନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ ପଣ୍ଡା, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି କରଙ୍କ କରକମଳରେ ଶ୍ରୀ ଅଗ୍ରଓ୍ୱାଲଙ୍କୁ ସମ୍ମାନିତ କରାଯାଇଛି।

# ଦେଓଗାଁ ବ୍ଲକ ଦେଷଣ୍ଡ ଅନ୍ତର୍ଗତ ଚାନ୍ଦଲି ପାହାଡ଼କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଲା

ବଲାଙ୍ଗୀର, ୧୩/୨ (ନି.ପ୍ର): ରାଜ୍ୟସରକାର ରାଜ୍ୟର ୨୦ଟି ସ୍ଥାନକୁ ଚିହ୍ନଟକରି ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପ୍ରଦାନ କରିଛନ୍ତି । ଏଥିରେ ବଲାଙ୍ଗୀର ଜିଲ୍ଲାର ଦେଓଗାଁ ବ୍ଲକ ଦେଷଣ୍ଡ ଅନ୍ତର୍ଗତ ଚାନ୍ଦଲି ପାହାଡ କୁ ମଧ ସାମିଲ କରାଯାଇଛି। ଗତ ୧୦ ତାରିଖରେ ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା ତାଙ୍କ ପତ୍ରସଂଖ୍ୟା ୨୨୬୧/ ଭ୨୦୨୫ରେ ଜିଲ୍ଲାପାଳମାନଙ୍କୁ ଦେଇଥିବା ଚିଠିରେ ରାଜ୍ୟର ୨୦ଟି ସ୍ଥାନକୁ ପର୍ଯ୍ୟଟନସ୍ଥଳି ଘୋଷଣା କରାଯାଇ ଥିବା ଜଣାଯାଇଛି। ଏଥିରେ ୨ ନମ୍ବରରେ ସୋନପୁର ଜିଲ୍ଲାର ମାଁ ମେଟାକାନୀ ପୀଠ ରହିଥିବା ବେଳେ ୧୦ନମ୍ବରରେ ବଲାଙ୍ଗୀର ଜିଲ୍ଲାର ଚାନ୍ଦଲି ପାହାଡ ରହିଛି। ଦୀର୍ଘ ୪ ବର୍ଷର ଉଦ୍ୟମରେ ଦେଷଣ୍ଡ ଅଂଚଳବାସୀ ଏହାକୁ ହାସଲ କରିପପାରିଛନ୍ତି । ସେଥିପାଇଁ ଅଂଚଳବାସୀ ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା,ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଓ ଜିଲ୍ଲାପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଯେ, ଦେଷଣ୍ଡ ଅଂଚଳବାସୀ ବହୁବର୍ଷ ହେଲା ନୂଆବର୍ଷରେ ଚାନ୍ଦଲିପାହାଡ ଠାରେ ପୂଜାର୍ଚ୍ଚନା କରି ଆସୁଥିଲେ। ଗତ ୩ବର୍ଷ ହେଲା ଏଠାରେ ଚାନ୍ଦଲି ମହୋତ୍ସବ ଆୟୋଜିତ ହୋଇଆସୁଛି। ପୂର୍ବରୁ ଥିବା ନବୀନ ପଟ୍ଟନାୟକ ସରକାର ସମୟରେ ଏହି ସ୍ଥାନର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନବିଭାଗ ପକ୍ଷରୁ ୧କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇ ଥିଲା। ଏହା ବାଦ ବଲାଙ୍ଗୀର- ମୁରିବାହାଲ ମୁଖ୍ୟ ପୂର୍ତରାସ୍ତା ଠାରୁ ଚାନ୍ଦଲି ପାହାଡକୁ ୩.୫କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ଏକ ରାସ୍ତାକାମ ଚାଲିଛି। ଏପର୍ଯ୍ୟନ୍ତ ଚାନ୍ଦଲି ପାହାଡ ଉପରକୁ ପାହାଚ, ପାହାଡ ଉପରେ ଏକ ମଣ୍ଡପ,ତଳେ ଏକ ମଣ୍ଡପ ନିର୍ମାଣ ହୋଇଛି ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇ ପାରିଛି। ଆଗକୁ ଆଉ ୧୦କୋଟି ଟଙ୍କାର ଅନୁଦାନ ଦେବାକୁ ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ରାଜ୍ୟସରକାରଙ୍କୁ ଚିଠି ଲେଖିଛନ୍ତି। ସେହିପରି ଚାନ୍ଦଲି ପାହାଡ ନିକଟରେ ଥିବା ଭୁଲିଆକଟା ବା ମେହେରକଟାର ଉନ୍ନତିକରଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ୬କୋଟି ୭୬ ଲକ୍ଷ ଟଙ୍କାର ଡିପିଆର ରାଜ୍ୟସରକାରଙ୍କୁ ପଠାଯାଇଛି। ଚାନ୍ଦଲିପାହାଡରେ ବହୁ ପୁରାତନ ଗୁମ୍ଫା ରହିଥିବା ବେଳେ ସେଠାରେ ଶିଳାଚିତ୍ର ଗୁଡିକ ମଧ ରହିଛି। ସତ୍ୟ ବଟବୃକ୍ଷ, ସୀତାକୁଣ୍ଡ, ସପ୍ତଫେଣୀନାଗ ପଥର ଇତ୍ୟାଦି ରହିଛି। ଚାନ୍ଦଲିପାହାଡ଼ରେ ପ୍ରତିବର୍ଷ ନୁଆବର୍ଷରେ ନାମଯଜ୍ଞ ସହିତ ମହିମାସାଧୁଙ୍କ ଦ୍ୱାରା ଅଖଣ୍ଡଧୂନୀ ଯଜ୍ଞ ମଧ ହୋଇଥାଏ। ବଲାଙ୍ଗୀର ବନଖଣ୍ଡର କିରିବାଞ୍ଜି ରିଜର୍ଭ ଜଙ୍ଗଲ ଭିତରେ ଥିବା ଏହି ପ୍ରାକୃତିକ ମନୋରମ ସ୍ଥଳିକୁ ରାଜ୍ୟସରକାର ପର୍ଯ୍ୟଟନସ୍ଥଳିର ମାନ୍ୟତା ଦେଇଥିବାରୁ ଅଂଚଳବାସୀ କୃତଜ୍ଞତା ଜଣାଇଛନ୍ତି। ଚାନ୍ଦଲି ମହୋତ୍ସବ କମିଟିର ସଭାପତି ତଥା ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣକୁମାର ମେହେର, ସଂଗଠକ ଘାସିରାମ ରଣା, ସରପଂଚ ଯଶୋଦା ମେହେର, ପୂର୍ବତନ ସରପଂଚ ସୁରେନ୍ଦ୍ର ସାଏ, ସ୍ୱୟମ୍ବର ମେହେର, ରାଧେଶ୍ୟାମ ମେହେର, ପ୍ରଦ୍ୟୁମ୍ନ ଷଢଙ୍ଗୀ, ଦୀନବନ୍ଧୁ ମେହେର, ରଘୁ ରଣା, ଅଶୋକ କୁମାର ସାଏ, ଇନ୍ଦ୍ରଜିତ ରାଉତ, କଳାକାର ବେହେରା, ଜ୍ୟୋସ୍ନା ନାଏକ, ସନ୍ତୋଷିନୀ ରଣା, ବିଦ୍ୟାଧର ନାଏକ, ରବିନ୍ଦ୍ର ସାଏ,ରାଜେନ୍ଦ୍ର ସାଏ, ମନୋରଂଜନ ନାଏକ, ତ୍ରିଲୋଚନ ରଣା ଓ ଗୌରାଙ୍ଗ ମେହେର ପ୍ରମୁଖ ରାଜ୍ୟ ସରକାର, ବଲାଙ୍ଗୀର ବିଧାୟକ ଓ ଜିଲ୍ଲାପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

# ୭ମ ବିଛୁବାହାଲି କପ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ: ମୁରିବାହାଲ ଚାମ୍ପିୟନ

ବଲାଙ୍ଗୀର, ୧୩/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ପଣ୍ଡରିଯୋର ପଂଚାୟତ ଅନ୍ତର୍ଗତ ବିଛୁବାହାଲି ସ୍କୁଲ ଖେଳ ପଡ଼ିଆ ଠାରେ ଚାଲିଥିବା ୭ମ ବିଛୁବାହାଲି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି ଫାଇନାଲ୍ ଖେଳ ମୁରିବାହାଲ(ଏମସିସି )ଓ ବାହାବଲ(ବିସିସି) ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ମୁରିବାହାଲ (ଏମସିସି ) ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭର ରେ ୭ ୱିକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା ଓଏହାର ଜବାବ୍ ରେ ବାହାବଲ(ବିସିସି )ଦଳ ୧୫ ଓଭରରେ ୮ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରି ବିଜୟ ପରାସ୍ତ ହୋଇଥିଲେ। ଯାହା ଫଳ ରେ ମୁରିବାହାଲ(ଏମସିସି)ଦଳ ଚାମ୍ପିୟନ ହାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମା' ସିଂହବାହିନୀ କ୍ଲବ ସଭାପତି ଲଳିତ ମୋହନ ମାଝୀ ଅଧାକ୍ଷ୍ୟତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ୨୫ନମ୍ବର ଜୋନ୍ ଜିଲ୍ଲା ପରିଷଦ ଶବଦ ମିର୍ଦ୍ଧା, ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୨୬ନମ୍ବର ଜୋନ୍ ଜିଲ୍ଲା ପରିଷଦ ଅନିମା ଦାସ, ବେଲପଡା ବ୍ଲକର ବିଜେପି ମୁଖ୍ୟ କାର୍ଯ୍ୟକର୍ତା। ପ୍ରଶାନ୍ତ ଦାସ, ବେଲପଡା ବ୍ଲକ ବିଜେପି ସଭାପତି ଅନୁପ ବନଛୋର, ଅତିଥି ଭାବ ରେ ଏକ୍ସ ସରପଂଚ ଦେବାର୍ଚ୍ଚନ ମାଝୀ, ପଂଚାୟତ ଯୋଗାଣ ସହାୟକ ନାରାୟଣ ୟୁଏଡ଼, ଓ ୱାର୍ଡ ନଂ ୪ର ମେମ୍ବର ଟଙ୍କଧର ମାଝୀ, ପ୍ରୟୋଜକ ମହାବୀର ରଣା ଏଲଆଇସି ଏଡ଼ଭାଇଜର କୁର୍ଲି ଏବଂ ଆୟୋଜକ ସି ଆର କମ୍ପୁଟର ଚକାଡୋଳା ମାଝୀ ଯୋଗ ଦେଇଥିଲେ। ଚାମ୍ପିୟନ ଦଳ କୁ ଟ୍ରଫି ସହ ୨୦୦୦୦ (କୋଡିଏ ହଜାର ) ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୨୦୦୦(ବାର ହଜାର)ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପିୟାର ଭାବେ ଲଳିତ ମୋହନ ମାଝୀ ଓ ପ୍ରଦୀପ ମାଝୀ ଥିଲେ। ଖେଳକୁ ପରିଚାଳନା କରିଥବା ବେଳେ ସ୍କୋରର ରୂପେ ମହେନ୍ଦ୍ର ମାଝୀ ଦାୟିତ୍ୱ ତୁଲାଇ ଥିଲେ। ଜ୍ୟୋତି ରାମ ମିର୍ଦ୍ଧା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କମେଂଟ୍ରିରେ ଉପେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କିଶୋର ଚନ୍ଦନ, ପ୍ରକାଶ ଚନ୍ଦନ, ପଂଚା ଚନ୍ଦନ, ପୁରୁଷୋତମ ମାଝୀ, ବିନୋଦ ଚନ୍ଦନ, ଲଛମନ ମାଝୀ, ମାଧବ ଚନ୍ଦନ, କାନ୍ହାମାଝୀ, ଦେବେନ୍ଦ୍ର ସେଠ, ଦାରାସିଂ ମାଝୀ, ଗିରିଧାରୀ ମାଝୀ, ଭୁଜବଳ ଚନ୍ଦନ, ସରୋଜ କୁମାର ମାଝୀ, ସନ୍ତୋଷ ମାଝୀ, ଲାଲୁ ଚନ୍ଦନ, ଅଭିରାମ ମାଝୀ, ନରେଶ ଚନ୍ଦନ, ବଳ ମାଝୀ, ପ୍ରମୁଖ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ, ଟୁର୍ଣ୍ଣାମେଂଟଟି ଛଅ ଦିନ ଧରି ଚାଲିଥିବାବେଳେ ୧୬ଟି ଦଳ ଭାଗ ନେଇଥିଲେ।

# ଆଟଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ : ଛାତ୍ର ଜୀବନ ଅନୁଭୂତି ଓ ଅଭିଜ୍ଞତା ଅର୍ଜନର ସମୟ

ବଲାଙ୍ଗୀର, ୧୩/୨ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ଆଟଗାଁ ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲିପ କୁମାର ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚରଣ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନ ଅନୁଭୂତି ଓ ଅଭିଜ୍ଞତା ଅର୍ଜନର ସମୟ ବୋଲି କହିବା ସହ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିବା ଶୃଙ୍ଖଳା ଜ୍ଞାନ ସମାଜ ଜୀବନରେ ପ୍ରତିଫଳିତ ହୁଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ.ପ୍ରେମଚାନ୍ଦ ମହାନ୍ତି ଯୋଗଦେଇ ଉତମ ଛାତ୍ରମାନେ ହିଁ ଦେଶର ଭାଗ୍ୟ ନିର୍ମାତା ବୋଲି ନିଜ ବକ୍ତବ୍ୟରେ କହିଥିଲେ। ବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ ଓ ଛତାମଖନା ହାଇସ୍କୁଲର ପ୍ରଧାନ ଶିକ୍ଷକ ନୀଳମଣି ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସମୟାନୁବର୍ତିତା ଜୀବନକୁ ସୁଖମୟ କରିଥାଏ ଏଣୁ ସଫଳତା ନିମିତ ଛାତ୍ର ସମାଜକୁ ସମୟାନୁବର୍ତିତା ହେବାକୁ ପଡିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଦିଲିପ ଯୋଶୀ ବାର୍ଷିକ ବିବରଣୀ ପଠନ କରିଥିଲେ। ସ୍ୱାଗତ ଭାଷଣ ଶିକ୍ଷୟତ୍ରୀ ସନ୍ତୋଷିନୀ ସାହୁ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଅନ୍ତର୍ଯ୍ୟାମୀ ବିଶ୍ୱାଳ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସନାତନ ବାଗ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ତରଫରୁ 'ରସବର୍ଣ୍ଣା' ପତ୍ରିକାକୁ ଉନ୍ମୋଚିତ କରାଯାଇଥିଲା। ଗତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ପାଇଁ ସୋନାଲି ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଜ୍ଞାନ ସୁନାଙ୍କ ନିର୍ଦ୍ଦେଶିତ ନାଟକ 'ଭୂଲ ସ୍ୱୀକାର' ଛାତ୍ରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

# ବିଶ୍ୱ ଉଚ୍ଚଶିକ୍ଷାରେ ମାନବ ସଂସ୍କୃତିର ଗୁଣାତ୍ମକ ଅଧ୍ୟୟନରେ ମିଳିତ ପ୍ରୟାସ ଉପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର

ଜୟପୁର, ୧୩/୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ପକ୍ଷରୁ 'ସୀମା ବାହାରେ ସହଯୋଗ: ବିଶ୍ୱ ଉଚ୍ଚଶିକ୍ଷାରେ ମାନବ ସଂସ୍କୃତିର ଗୁଣାତ୍ମକ ଅଧ୍ୟୟନରେ ମିଳିତ ପ୍ରୟାସ' ଶୀର୍ଷକ ଏକ ଚିନ୍ତନଶୀଳ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୧୧ ଫେବୃଆରୀ ୨୦୨୫ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରିଟେନର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗବେଷଣା ସହାୟକ ଶ୍ରୀ ଆଡାମ ଉଡେଜ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇଥିଲେ । ସମାଜବିଜ୍ଞାନ ବିଭାଗର ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡ. କପିଳ ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜବିଜ୍ଞାନର ଆସୋସିଏଟ୍ ପ୍ରଫେସର ଡ. ଦୀପ୍ତି ଶଙ୍କର ସଂଯୋଜନା କରି ଅଧିବେଶନ ଉପସ୍ଥାପନ କରିଥିଲେ। ଶ୍ରୀ ଉଡେଜ୍ ପାରମ୍ପରିକ ମାନବ ସଂସ୍କୃତିର ଗୁଣାତ୍ମକ ଅଧ୍ୟୟନ ପଦ୍ଧତିକୁ ଆହ୍ୱାନ କରି ଆଲୋଚନାର ଆରମ୍ଭ କରିଥଲେ ଏବଂ ନୂତନ, ବୈଜ୍ଞାନିକ ସିଦ୍ଧାନ୍ତ ଗବେଷଣା ପଦ୍ଧତି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅଧିବେଶନରେ ବିଶ୍ୱ ଉଚ୍ଚଶିକ୍ଷା ପରିପ୍ରେକ୍ଷୀରେ ମାନବ ସଂସ୍କୃତିର ଗୁଣାତ୍ମକ ଅଧ୍ୟୟନ ଗବେଷଣାର ଭବିଷ୍ୟତ ଗତିପଥ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ତାଙ୍କର ଶିକ୍ଷାଗତ କାର୍ଯ୍ୟ ବ୍ୟତୀତ, ଶ୍ରୀ ଉଡେଜ୍ କ୍ରୀଡ଼ା, ବିଶେଷକରି ଫୁଟବଲ କ୍ଷେତ୍ରରେ ଜଣେ ପ୍ରକାଶିତ ଲେଖକ ଏବଂ ଜଣେ ବୈଷୟିକ-ଶିକ୍ଷା ଉଦ୍ୟୋଗୀ । ୨୦୨୫ ଫେବ୍ରୁଆରି ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗସ୍ତରେ ଆସି ଶ୍ରୀ ଉଡେଜ୍ ସମାଜବିଜ୍ଞାନ, ମାନବବିଜ୍ଞାନ ଓ ଆନୁଷଙ୍ଗିକ ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହ ଆଲୋଚନା କରୁଛନ୍ତି। ଗବେଷଣା ପାଇଁ ସ୍ଥାନୀୟ ସଂଗ୍ରହାଳୟ ଏବଂ ପାଠାଗାର ପରିଦର୍ଶନ ମଧ ତାଙ୍କ କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ । ସମାଜବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ନୂପୁର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ କରିଥିଲେ। ଡ. ଆଦିତ୍ୟ କେଶରୀ ମିଶ୍ର, ଡ. ଏଲିସା ମହାନ୍ତି, ଡ. ସୌଭାଗ୍ୟ ଲକ୍ଷ୍ମୀ ସିଂହ ଓ ଡ. ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ସମାଜବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ଆଲୋଚନା ଚକ୍ରରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଏକ ଜୀବନ୍ତ ଶୈକ୍ଷିକ କାର୍ଯ୍ୟକ୍ରମରେ ପରିଣତ କରିଥିଲେ।

# ଗ୍ରାହକ ସେବା କେନ୍ଦ୍ର ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ସୁବର୍ଣ୍ଣପୁର, ୧୩/୨ (ନି.ପ୍ର): ସୁବର୍ଣ୍ଣପୁର ସଦର ମହକୁମା ସୁବର୍ଣ୍ଣ ମେରୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ବ୍ଲକର ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପରିଚାଳିତ ଗ୍ରାହକ ସେବାକେନ୍ଦ୍ର ପରିଚାଳକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଙ୍କୁର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାହକ ସେବା କେନ୍ଦ୍ର ପରିଚାଳକମାନଙ୍କ ବିଭିନ୍ନ ପ୍ରକାର ହେଉଥିବା ଅସୁବିଧା, ସୁବିଧା ଉପରେ ଆଲୋଚନା କରାଯାଇଥିଲା। ବର୍ତମାନ ସରକାରଙ୍କ ତରଫରୁ ଆୟକର ଦାଖଲ କରୁଥିବା ଗ୍ରାହକ ସେବାକେନ୍ଦ୍ର ପରିଚାଳକଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ରାସନ କାର୍ଡ ସମର୍ପଣ କରିବାକୁ ଚିଠା ଯୋଗାଣ ସହାୟକ ମାନଙ୍କ ପାଖକୁ ଆସିଚି। ଯେହେତୁ ବ୍ୟାଙ୍କ ମାସକୁ ଆମ ଟଙ୍କା ଫେରସ୍ତ ପାଇଁ ଆୟକର ରିଟର୍ନ ଫାଇଲ କରୁଛୁ। ଆମେ ବିଭିନ୍ନ କମ୍ପାନୀ ତରଫରୁ ନିୟୋଜିତ ଓ କମିଶନ ମାଧ୍ୟମରେ କାମ କରୁଛୁ ଓ ଆଶାନୁରୂପ ଆୟ ମଧ ହେଉନାହିଁ। ଏଣୁ ଆଜି ଜିଲ୍ଲାର ସମସ୍ତ ଗ୍ରାହକ ସେବାକେନ୍ଦ୍ର ପରିଚାଳକ ଏକତ୍ରିତ ହୋଇ ରାସନ କାର୍ଡରୁ ଉଛେଦ ନକରିବାକୁ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଗଲା।

# ମିଲରଙ୍କ ଅସହଯୋଗ ଯୋଗୁଁ ଧନ କିଣାରେ ବିଭ୍ରାଟ: ମଣ୍ଡିରେ ପଡି ରହୁଛି ହଜାର ହଜାର ବସ୍ତା ଧାନ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): ୨୦୨୫ ମସିହାରେ ଚାଷୀମାନଙ୍କ ଠାରୁ ମଣ୍ଡି ମାଧ୍ୟମରେ ଧାନ କିଣିବା ପାଇଁ ରାଜ୍ୟ ସରକାର ଯେତେ ପ୍ରକାର ନିୟମ କାନୁନ ପ୍ରଣୟନ କଲେ ମଧ ମିଲରମାନଙ୍କ ଅସହଯୋଗ କାରଣରୁ ଧାନକିଣାରେ ବ୍ୟାପକ ବିଭ୍ରାଟ ଦେଖା ଦେଇଛି । ସମସ୍ତ ପ୍ରକାର କଟକଣାକୁ ଆଡେଇ ଦେଇ ମିଲରମାନେ ଅସହଯୋଗ କରୁଥିବା କାରଣରୁ ମଣ୍ଡି ମାନଙ୍କରେ ହଜାର ହଜାର ବସ୍ତା ଧାନ ଖରା କାକରରେ ପଡି ରହିଥିବାବେଳେ ଧାନ ବିକିବା ପାଇଁ ଚାଷୀମାନେ ଅପେକ୍ଷା କରିବା ସହ ବାରମ୍ବାର ମଣ୍ଡିକୁ ଦୌଡି ନିରୁପାୟ ହୋଇ ବସିଛନ୍ତି । କଟନି ଛଟନି ହେବନାହିଁ ବୋଲି ସରକାର ନିୟମ କରିଥିବାବେଳେ ୩୫ କିଲିଆ ଝୋଟ ବସ୍ତାରେ ଧାନ ସଂଗ୍ରହ ପାଇଁ ନିୟମ ଧାର୍ଯ୍ୟ କରିଥିଲେ । ଏହା ସହ ଏଫକ୍ୟୁଏ ମାନର ଧାନ କିଣିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା । ମଣ୍ଡିରୁ ମିଲକୁ ଯାଉଥିବା ଗାଡିରେ ଜିପିଏସ ସିଷ୍ଟମ ସଂଯୋଗ କରିବା ଓ ଯୋଗାଣ ବିଭାଗର ରାଡାରରେ ଏହି ଯାନ ଗୁଡିକ ରହିବବୋଲି ନୀତି ନିୟମ ଧାର୍ଯ୍ୟ କରାଯାଇ ଥିଲା । ଏହିସବୁ ନିୟମ ପାଳନ କରାଯାଇ ଥିଲେ ଚାଷୀମାନେ ପ୍ରକୃତ ଲାଭ ପାଇଥାନ୍ତେ । ମାତ୍ର ମିଲରମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ଏକ ପ୍ରକାର ଧାନକ୍ରୟ ବ୍ୟବସ୍ଥାକୁ ଆଂଶିକ ଅଚଳ କରି ଦେଇଛନ୍ତି । ସେମାନଙ୍କ ମର୍ଜିରେ ଧାନ ଉଠୁଥିବାରୁ ମଣ୍ଡିମାନଙ୍କରେ ଅପ୍ରତିକର ପରିସ୍ଥିତି ଦେଖାଦେଇଛି । ଜିଲ୍ଲାରେ ୧୧୮ଟି ମଣ୍ଡିରେ ପ୍ରାୟ ୪୦ ହଜାର ଚାଷୀ ପଞ୍ଜିକୃତ ଥିବାବେଳେ ପ୍ରାୟ ୧୬ ହଜାର ଚାଷୀ ୬ଲକ୍ଷ କ୍ୱିଂଟାଲ ଧାନ ବିକ୍ରୟ କରିଛନ୍ତି । ୨୦୨୩-୨୪ ମସିହାରେ ସାଢେ ୮ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇ ଥିବାବେଳେ ୨୦୨୨-୨୩ ରେ ୧୧ଲକ୍ଷ ୫୦ ହଜାର କ୍ୱିଣ୍ଟାଲ କିଣା ଯାଇଥିଲା । ୨୦୨୪-୨୫ ଚଳିତ ବର୍ଷ ମିଲରମାନଙ୍କ ଅସହଯୋଗ ଯୋଗୁଁ ଧାନ କିଣା ମନ୍ଥର ଗତିରେ ଚାଲିଛି । ଆଜିସୁଦ୍ଧା ଜିଲ୍ଲାରୁ ମୋଟ୍ ୫ଲକ୍ଷ ୯୪ ହଜାର ୮୫୮ କ୍ୱିଣ୍ଟାଲ ଧାନ ଚାଷୀ ମାନଙ୍କ ଠାରୁ କିଣା ଯାଇଥିବା ସୂଚନା ମିଳିଛି । ତେବେ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନ ବିଭିନ୍ନ ମଣ୍ଡି ବୁଲି ଧାନକିଣା ତଦାରଖ କରି ଧାନ ପରିବହନରେ ବିଭ୍ରାଟ ଲକ୍ଷ୍ୟ କରି ମିଲରମାନଙ୍କୁ ସତର୍କ କରାଇ ଦେଇଛନ୍ତି । ବିଭିନ୍ନ ଆଳ ଦେଖାଇ ଯେଉଁ ମିଲରମାନେ ମଣ୍ଡିରୁ ଧାନ ଉଠାଇବାକୁ ବିଳମ୍ବ କରୁଛନ୍ତି ଓ ମନ୍ଥର ଗତିରେ ପରିବହନ କରୁଛନ୍ତି, ସେମାନେ ତୁରନ୍ତ ସରକାରଙ୍କ ନିର୍ଦ୍ଦେଶକୁ ମାନି ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ପରିବହନକୁ ସ୍ୱାଭାବିକ କରିବା ପାଇଁ ଚେତାବନୀ ଦେଇଛନ୍ତି ଓ ଚରମ ବିଶୃଙ୍ଖଳା ସୃଷ୍ଟି କରୁଥିବା ମିଲରମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି କୈଫତ ତଲବ କରିଥିବା ସୂଚନା ମିଳିଛି ।

# ସେଂଟ୍ରାଲ ରିଜର୍ଭ ପୋଲିସ ଫୋର୍ସର ଦ୍ୱିତୀୟ ବାଟାଲିୟନର ୭୮ ତମ ସ୍ଥାପନା ଦିବସ

ମାଲକାନଗିରି, ୧୩/୨ (ନି.ପ୍ର): ସେଂଟ୍ରାଲ ରିଜର୍ଭ ପୋଲିସ ଫୋର୍ସର ଦ୍ୱିତୀୟ ବାଟାଲିୟନର ୭୮ ତମ ସ୍ଥାପନା ଦିବସକୁ ସ୍ମରଣ କରିବା ପାଇଁ ଏକ ବଡ଼ ମେଳା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ବାଟାଲିୟନର କମାଣ୍ଡାଂଟ ରତି କାନ୍ତ ବେହେରା ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମର ଗୌରବମୟ ଇତିହାସ, ଏହାର ସାହସିକତା ଏବଂ ଦେଶ ପାଇଁ ସେବା ପାଇଁ ଉତ୍ସର୍ଗ କରାଯାଇଥିଲା । ଏହି ବିଶେଷ ଉତ୍ସବରେ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ସୁକମା ରେଞ୍ଜ ଆନନ୍ଦ ସିଂ ରାଜପୁରୋହିତ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ତାଙ୍କ ସହ ଅରୁଣ ରାଜପୁରୋହିତଙ୍କୁ ସମ୍ମାନିତ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିବାବେଳେ ୨୨୬ ବାଟାଲିୟନର କମାଣ୍ଡାଂଟ ଧନ ସିଂ ବିଷ୍ଟ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବିଶିଷ୍ଟ ବ୍ୟକ୍ତି ଥିଲେ ସୁରେଶ ସିଂ ପାୟଲ, ଦ୍ୱିତୀୟ କମାଣ୍ଡିଂ ଅଫିସର ପଓ୍ୱନ କୁମାର, ଦ୍ୱିତୀୟ କମାଣ୍ଡିଂ ଅଫିସର ରଣ ବିଜୟ, ଦ୍ୱିତୀୟ କମାଣ୍ଡିଂ ଅଫିସର ତଥା ଅନ୍ୟ ଅଧିକାରୀ ଏବଂ ଯବାନ ମାନେ ଉପସ୍ଥିତ ଥିଲେ। ଏହି ମେଳାରେ ବିଭିନ୍ନ ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ଯବାନମାନଙ୍କୁ ଏକ ସକରାତ୍ମକ ଏବଂ ଉପଭୋଗ୍ୟ ପରିବେଶ ଯୋଗାଇଥାଏ ଛ ଏହି ଅବସରରେ ମଲଖାମ ଏବଂ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଯେଉଁଥିରେ ଯବାନମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ ।

# ଅଂଟା ବ୍ୟଥାକୁ ଅଣଦେଖା କରନ୍ତୁନି

**ଅଂଟାବ୍ୟଥାର କାରଣ:** ଅଂଟାର ଗଠନଶୈଳୀ ଅନୁସାରେ ମାଂସପେଶୀ, ସ୍ନାୟୁ, ଅସ୍ଥି, ଡିସ୍କ (ମେରୁଦଣ୍ଡ ଚନ୍ଦ୍ରିକା), ଲିଗାମେଣ୍ଟ ଇତ୍ୟାଦି ରହିଛି। ଏଥିରୁ ଯେକୌଣସି ଅଂଶରେ ଅସୁବିଧା ସୃଷ୍ଟି ହେଲେ ଅଂଟାବ୍ୟଥା ହୋଇପାରେ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ପାଖାପାଖି ୪୦% ଲୋକ





ସେମାନଙ୍କ ଜୀବନକାଳ ଭିତରେ ଅଂଟା ବ୍ୟଥାର ସମ୍ମୁଖୀନ ହୁଅନ୍ତି। ଏହା ୨୦ରୁ ୮୦ବର୍ଷ ପର୍ଯ୍ୟନ୍ତ ଦେଖାଦେଇପାରେ।


ସାଧାରଣତଃ ଅଣ୍ଟା ବ୍ୟଥାର କାରଣ ୩ ପ୍ରକାର: ଆଘାତଜନିତ ଅଂଟା ବ୍ୟଥା: ମାଂସପେଶୀ ମକଚି ହେବା, ଡିସ୍କ (ମେରୁଦଣ୍ଡ ଚକ୍ରିକା) ଖସିଯିବା, ହାଡ଼ର ସାନ୍ଧ୍ୟତା କମିଯିବା (ଅଷ୍ଟିଓପୋରୋସିସ) ହାଡ଼ଭାଙ୍ଗିଯିବା କାରଣରୁ ବ୍ୟଥାକୁ ବୈଜ୍ଞାନିକ ଭାଷାରେ ମେକାନିକଲ ଅଣ୍ଟା ବ୍ୟଥା କୁହାଯାଏ।

ଅନ୍ୟ ରୋଗଜନିତ: ଗଣ୍ଠିବାତ ଥିଲେ, ପ୍ରୋଷ୍ଟେଟ ବା ଥାଇରଏଡ଼ କ୍ୟାନ୍ସର ରହିଲେ, ଅସ୍ଥି ଯକ୍ଷ୍ମା ରୋଗ ଦ୍ୱାରା ଅଂଟା ବ୍ୟଥା ହେବାକୁ ନନମେକାନିକାଲ ଅଣ୍ଟା ବ୍ୟଥା କୁହାଯାଏ।

**ଅଂଟାବ୍ୟଥାର ଅନ୍ୟାନ୍ୟ:** ଅନ୍ୟ ଅଙ୍ଗର ଅସୁବିଧା ଯୋଗୁଁ ଅଂଟାବ୍ୟଥାକୁ ରେଫରଡଡ଼ ଅଂଟାବ୍ୟଥା କୁହାଯାଏ। ଯେପରିକି କିଡନୀ ଷ୍ଟୋନ, ଗଲବ୍ଲାଡର ରୋଗ, ଗର୍ଭାଶୟ ରୋଗରୁ ମଧ୍ୟ ଅଂଟାବ୍ୟଥାର ସମ୍ଭାବନା ରହିଛି।

**ଲକ୍ଷଣ:** କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଅଂଟାରେ ବ୍ୟଥା ହେଲେ ମାଂସପେଶୀ ମକଚି ହେବାର ଲକ୍ଷଣ। ଯଦି ଅଂଟା ବ୍ୟଥା ଗୋଡ଼ ବା ପାଦକୁ ଅଗ୍ରସର ହୁଏ ଏହାକୁ ସିଆଟିକା ବୋଲି କୁହାଯାଏ।

- ଠିଆ ହେଲେ ବା ଚାଲିଲେ ଯଦି ଅଣ୍ଟା ବ୍ୟଥା ବଢ଼ିଯାଏ ଏବଂ ବସିଲେ ଭଲ ଲାଗେ ଏହାକୁ ନ୍ୟୁରୋଲୋଜିକ କ୍ଲଡିକେସନ କୁହାଯାଏ। ମେରୁଦଣ୍ଡର ସ୍ନାୟୁ ପ୍ରଭାବିତ ହେଲେ ଏହା ହୋଇଥାଏ।



- ଅଂଟାବ୍ୟଥା ସକାଳେ ଉଠିଲେ ବେଶୀ ହୁଏ ଏବଂ ଚଲାବୁଲା ପରେ କମିଯିଏ ଏହାକୁ 'ମର୍ଣ୍ଣିଙ୍ଗ ଷ୍ଟିଫନେସ କୁହାଯାଏ। ଏହା ସାଧାରଣତଃ ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ ଗଣ୍ଠିବାତ ରୋଗର ଲକ୍ଷଣ ହୋଇଥାଏ।

**ରେଡ଼ଫ୍ଲାଗ ଲକ୍ଷଣ ଗୁଡ଼ିକ କ'ଣ ?**

ଅଂଟାବ୍ୟଥା ଅସହ୍ୟ ହେବା ସହ ଅନ୍ୟ କେତେଗୁଡ଼ିଏ ଲକ୍ଷଣ ଦେଖାଗଲେ ଏହା ଭୟଙ୍କର ରୋଗ ଗୁଡ଼ିକର କାରଣ ହୋଇଥାଏ। ଏହାକୁ ରେଡ଼ଫ୍‌ଲାଗ ଲକ୍ଷଣ କୁହାଯାଏ। ଯେପରିକି ଅଂଟାବ୍ୟଥା ଅଧିକ ଦିନ ରହି ରାତିରେ ଅଧିକ ଯନ୍ତ୍ରଣା ହେବା, ଓଜନ ଧୀରେ ଧୀରେ ହ୍ରାସ ପାଇବା ଆଦି କ୍ୟାନ୍ସରର ଲକ୍ଷଣ ହୋଇପାରେ। ଅଂଟା ଯନ୍ତ୍ରଣା ଅଧିକ ବଢ଼ି ଝାଡ଼ା ଓ ପରିସ୍ରାରେ ନିୟନ୍ତ୍ରଣ ନରହିବା, ଗୋଡ଼ରୁ ଶକ୍ତି କମିଯାଇ ଚପଲ ପିନ୍ଧିଲେ ପାଦରୁ ଚପଲ ଖସିଯିବା 'କଡ଼ା ଇକ୍ୱିନା ସିଣ୍ଡ୍ରୋମ'ର ଲକ୍ଷଣ ହୋଇପାରେ। ଅନ୍ୟ କୌଣସି ରୋଗ ପାଇଁ ଷ୍ଟେରଏଡ଼ ଔଷଧ ଖାଇବା ସହ ଅଣ୍ଟା ଯନ୍ତ୍ରଣା ଅଧିକ ହେଲେ ଅଷ୍ଟିଓପୋରୋସିସ ଫ୍ରାକଚର ସମ୍ଭାବନା ଥାଏ।

**ପରୀକ୍ଷା:** ମାଂସପେଶୀ ମକଚି ବ୍ୟଥା ହେଉଥିଲେ କୌଣସି ଟେଷ୍ଟର ଦରକାର ନାହିଁ। ଯଦି ରେଡ଼ଫ୍ଲାଗ୍ ଲକ୍ଷଣ ଥାଏ ତେବେ ଏକ୍ସରେ ଏବଂ ଏମଆରଆଇ କରାଯାଏ। ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ ସନ୍ଦେହ ଥିଲେ ରକ୍ତ ପରୀକ୍ଷା ଯେପରିକି ଇଏସଆର, ସିଆରପି, ଏଚଏଲଏବି-୨୭ କରାଯାଏ।

**ଚିକିତ୍ସା ସୁବିଧା:** ଅଂଟା ବ୍ୟଥା ହେଲେ ପ୍ରଥମେ ତାର କାରଣ ଜାଣିବା ଦରକାର। ଯଦି କୌଣସି ରେଡ଼ ଫ୍ଲାଗ୍ ଲକ୍ଷର ନାହିଁ ତେବେ ଉପଯୁକ୍ତ ବ୍ୟାୟାମ ଦ୍ୱାରା ଏହା ଠିକ୍ ହୋଇଯାଏ। ଅଧିକ ଦରଜ ହେଲେ



ପାରାସିଟାମଲ ଓ ପେନକିଲର ଅଳ୍ପଦିନ ପାଇଁ ବ୍ୟବହାର କରିହେବ। କିନ୍ତୁ ଏହା ବେଶୀ ଦିନ ଖାଇଲେ ଏହାର କୁପ୍ରଭାବ ଖାଦ୍ୟନଳୀ, ବୃକକ ଓ ହାର୍ଟ ଉପରେ ପଡ଼ିବାର ସମ୍ଭାବନା ଅଛି। ତେଣୁ ଅଂଟା ବ୍ୟଥା ଯଦି ୬ ସପ୍ତାହ ମଧ୍ୟରେ କମ୍ ନହୁଏ ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଯଦି ଗଣ୍ଠିବାତ ବା ଆଙ୍କାଇଲୋଜିଂ ସ୍ପିଣ୍ଡାଲାଇଟିସ ରୋଗ ଚିହ୍ନଟ ହୁଏ ତେବେ ର୍‌ୟୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନିଅନ୍ତୁ। ବେଳେବେଳେ ମେରୁଦଣ୍ଡ ଚକ୍ରିକା ସମ୍ବନ୍ଧୀୟ ରୋଗ ଥିଲେ ଅସ୍ତ୍ରୋପଚାର ଦରକାର ପଡ଼ିଥାଏ। ଯାହା ଉଚ୍ଚତାଲିମ ପ୍ରାପ୍ତ ନ୍ୟୁରୋସର୍ଜନ ବା ଅର୍ଥୋପେଡିକ ସ୍ପେଶାଲିଷ୍ଟମାନେ କରିଥାନ୍ତି।

**ପ୍ରତିକାର:** ସାଧାରଣ ଅଂଟା ବ୍ୟଥାରୁ ମୁକ୍ତି ପାଇଁ ନିୟମିତ ବ୍ୟାୟାମ ସହ ଓଜନ ନିୟନ୍ତ୍ରଣରେ ରଖନ୍ତୁ। କର୍ମକ୍ଷେତ୍ରରେ ଚେୟାରରେ ବସିବା ସମୟରେ ସିଧା ବସନ୍ତୁ। ନରମ ଚପଲ ବ୍ୟବହାର କରନ୍ତୁ ହାଇହିଲ୍ ଠାରୁ ଦୂରେଇ ରୁହନ୍ତୁ। ଶୋଇବା ସମୟରେ ତକିଆ ଦୁଇ ଆଣ୍ଠୁ ମଧ୍ୟରେ ଦେଇ ଶୋଇଲେ ଏହା ଅଂଟାକୁ ଆରାମ ଦିଏ। ଭାରି ଜିନିଷ ଅଂଟାନୁଆଇ ଉଠାନ୍ତୁ ନାହିଁ। ପ୍ୟାଣ୍ଟ ପକେଟରେ ମୋଟା ପର୍ସ ରଖି ବସନ୍ତୁ ନାହିଁ। ଶୋଇବା ବେଳେ ସମତୁଲ ଓ କମ ଉଚ୍ଚତାର ଶଯ୍ୟା ବ୍ୟବହାର କରନ୍ତୁ।

# କମ୍ ସମୟରେ ଦାଗ ଗାଏବ୍

**ଆମ ଘରେ ଥିବା ବିଭିନ୍ନ ପସନ୍ଦିଆ ଜିନିଷରେ କେବେ କେବେ ଏମିତି ଦାଗ ଲାଗିଯାଏ, ଯାହାକୁ ଛଡ଼ାଇବା ପାଇଁ ଆମେ ଚିନ୍ତାରେ ପଡ଼ିଯାଉ। ଏହି ଦାଗ ଛଡ଼ାଇବା ପାଇଁ ଆମେ ନାକେଦମ୍ ହେଉ, ମାତ୍ର ତାହା ଛାଡ଼ି ନଥାଏ। ତେବେ ଏମିତି କିଛି ସରଳ ଉପାୟ ଅଛି, ଯାହା ଜରିଆରେ କେତେକ ଦାଗକୁ ଖୁବ୍ ସହଜରେ ଛଡ଼ାଇପାରିବା। ବାସ୍ ଜାଣିଲେ ହେଲା। ଏଇ ଯେମିତି...**


- ଆମେ ପରିବାପତ୍ର କାଟିବା ପାଇଁ ଚପିଂ ବୋର୍ଡ଼ ବ୍ୟବହାର କରିଥାଉ। ବାରମ୍ବାର ବ୍ୟବହାର କରିବା ପରେ ଏଥିରେ ବିଭିନ୍ନ ଦାଗ ରହିଯାଏ, ଆଉ ଦେଖିବାକୁ ଭଲ ଲାଗେନା। ଏହି ଦାଗ ଛଡ଼ାଇବା ପାଇଁ ଚପିଂ ବୋର୍ଡ଼ ଉପରେ ଲୁଣ ପକାଇ କଟା ଲେମ୍ବୁ ପକାଇ କଟା ଲେମ୍ବୁ ଦେଇ ଚିପୁଡ଼ି ଭଲ ଭାବେ ଘଷନ୍ତୁ। ଚପିଂ ବୋର୍ଡ଼ରେ ଥିବା ସମସ୍ତ ଦାଗ ଛାଡ଼ିଯିବ ଓ ନୂଆ ଭଳି ଚିକ୍ ଚିକ୍ ବି ଦେଖାଯିବ।
- ଘରେ ଭେଲଭେଟ୍ ସୋଫାକୁ କିଛିଦିନ ଅନ୍ତରରେ ସଫା କରିବା ପାଇଁ ଆପଣ ବେକିଂ ପାଉଡ଼ର ବ୍ୟବହାର କରିପାରିବେ। ପ୍ରଥମେ ସୋଫାରେ ବେକିଂ ପାଉଡ଼ର ଛଞ୍ଚି ଦିଅନ୍ତୁ। ୫ ମିନିଟ୍ ପରେ ଭାକ୍ୟୁମ୍ କ୍ଲିନରରେ ସଫା କରିନିଅନ୍ତୁ। ସମସ୍ତ ଧୂଳିମଳି ଭଲ ଭାବେ ସଫା ହୋଇଯିବ।
- ଯଦି କାଚ ବାସନରେ କୌଣସି ଦାଗ ଲାଗିଯାଇଛି, ତେବେ ଆଲୁମିନିୟମ ଫଏଲକୁ ବଲ ଆକାର କରି ଏଥିରେ ୱାସିଂ ପାଉଡ଼ର୍ ନେଇ କାଚ ବାସନରେ ଘଷନ୍ତୁ। ଦାଗ ବି ଛାଡ଼ିଯିବ ଓ କାଚରେ ଗାର ବି ପଡ଼ିବନି।
- ଯଦି ଟେବୁଲ କ୍ଲଥ୍ ବା ଡ୍ରେସ୍‌ରେ କଫିର ଦାଗ ଲାଗିଥାଏ, ତେବେ ପ୍ରଥମେ କପଡ଼ାକୁ ଓଦା କରିନିଅନ୍ତୁ। ତା'ପରେ ବେକିଂ ପାଉଡ଼ର ପକାଇ ଛାଡ଼ି ଦିଅନ୍ତୁ। କିଛି ସମୟପରେ ଏହାକୁ ସାମାନ୍ୟ ଘଷି ଧୋଇ ଦିଅନ୍ତୁ। ଦାଗ ଛାଡ଼ିଯିବ।

# ଉତ୍ତମ ଜୀବନଶୈଳୀରୁ ସୁସ୍ଥ ହୃତପିଣ୍ଡ



-ସକାଳୁ ଉଠି ପ୍ରତିଦିନ ଦୁଇରୁ ତିନି କିମି ପର୍ଯ୍ୟନ୍ତ ଚାଲନ୍ତୁ।
- ନିୟମିତ ବ୍ୟାୟାମ କରନ୍ତୁ।
- ଭୋଜନରେ ପ୍ରତିଦିନ ଫଳ ଓ ପରିବା ସାମିଲ କରନ୍ତୁ।
- ଖାଇବା ସମୟରେ ଖାଦ୍ୟ ଚୋବେଇ ଚୋବେଇ ଖାଆନ୍ତୁ।
- ମିଠା କମ୍ ପରିମାଣରେ ଖାଆନ୍ତୁ। କାରଣ ଅଧିକ ପରିମାଣରେ ମିଠା ଖାଇବା ଦ୍ୱାରା ମୋଟା ହେବାର ସମ୍ଭାବନା ରହିଛି।
- ଚାଲିବା ଅଭ୍ୟାସ ରଖନ୍ତୁ। ଉପରକୁ ଚଢ଼ିବା ବେଳେ ସିଢ଼ିର ବ୍ୟବହାର କରନ୍ତୁ।
- ଧୂମପାନ ଓ ମଦ ସେବନ କରନ୍ତୁନାହିଁ।
- ପ୍ରତିଦିନ ପାଂଚମିନିଟ ଧ୍ୟାନରେ ବସନ୍ତୁ ଏହାଦ୍ୱାରା ଚିନ୍ତାରୁ ମୁକ୍ତି ମିଳିଥାଏ।
- ତିନିରୁ ଚାରି ଲିଟର ପାଣି ପିଅନ୍ତୁ। ହୃଦରୋଗ ଦୂରହେବ।

# ପରିସ୍ରା ରୋକନ୍ତୁ ନାହିଁ



**କେତେକ ଲୋକ ବ୍ୟସ୍ତତା ମଧ୍ୟରେ ରହି ପରିସ୍ରା ରୋକିଥାନ୍ତି। ହେଲେ ୨/୩ ଘଂଟାରୁ ଅଧିକ ସମୟ ପରିସ୍ରା ନଯାଇ ରୋକିବା ଦ୍ୱାରା ବିଭିନ୍ନ ପ୍ରକାର ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ସେହି ସମସ୍ୟାଗୁଡ଼ିକ...**

**କିଡନୀ ଷ୍ଟୋନ:** ପରିସ୍ରାରେ ୟୁରିଆ ଓ ଏମିନୋ ଏସିଡ଼ ପରି ବିଷାକ୍ତ ତତ୍ତ୍ୱ ରହିଛି। ଯଦି ନିୟମିତ ଭାବରେ ଦୀର୍ଘ ସମୟଧରି ପରିସ୍ରା ନଯାଇ ରୋକାଯାଏ, ତେବେ ଏହି ବିଷାକ୍ତ ତତ୍ତ୍ୱ କିଡନୀରେ ପହଞ୍ଚି ଷ୍ଟୋନ କରିଯାଇଥାଏ।

**ପରିସ୍ରା ନଳୀ ସଂକ୍ରମଣ:** ଦୀର୍ଘ ସମୟ ଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ବ୍ୟାକ୍ଟେରିଆ ଜମା ହୋଇଯାଏ। ଏହି ବ୍ୟାକ୍ଟେରିଆ ଯୋଗୁଁ ପରିସ୍ରା ନଳୀ ସଂକ୍ରମଣ ପରି ସମସ୍ୟା ଉପୁଜିଥାଏ।

**ମୂତ୍ରାଶୟରେ ଯନ୍ତ୍ରଣା:** ଅଧିକ ସମୟଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ଯନ୍ତ୍ରଣା ହେବା ଆରମ୍ଭ ହୋଇଥାଏ। ଏପରିକି ପରିସ୍ରା ଯିବା ସମୟରେ ପେଟ ବହୁତ ଦରଜ ଲାଗିଥାଏ।

**କିଡନୀ ଅକାମୀ:** ଅଧିକ ସମୟ ପରିସ୍ରା ରେକିବା ଦ୍ୱାରା କିଡନୀ ଉପରେ ଚାପ ପଡ଼ିଥାଏ। ଏହି କାରଣରୁ କିଡନୀ ଅକାମୀ ହେବାର ଅଧିକ ଆଶଙ୍କା ଥାଏ।

**ପରିସ୍ରା ରଙ୍ଗ ବଦଳିଯିବା:** ଦୀର୍ଘ ସମୟ ଧରି ପରିସ୍ରା ରୋକିବା ଦ୍ୱାରା ପରିସ୍ରାରେ ବ୍ୟାକ୍ଟେରିଆ ତିଆରି ହୋଇଥାଏ। ଏଥିପାଇଁ ପରିସ୍ରାର ରଙ୍ଗ ଗାଢ଼ ହଳଦିଆ ହେବା ସହ ବହୁତ ଦୁର୍ଗନ୍ଧ ମଧ୍ୟ ହୋଇଥାଏ।

**ମାଂସପେଶୀ ଦୁର୍ବଳ ହେବା:** ଦୀର୍ଘସମୟ ଧରି ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟରେ ଷ୍ଟୋଚିଙ୍ଗ ହୋଇଥାଏ। ଏହାଦ୍ୱାରା ମୂତ୍ରାଶୟ ମାଂସପେଶୀ ଦୁର୍ବଳ



ହୋଇଥାଏ। ଏହାସହିତ ଦରଜ ମଧ୍ୟ ଲାଗିଥାଏ।

# ବାସ୍ତୁ ଅନୁସାରେ ଲଗାନ୍ତୁ ଏହିସବୁ ଗଛ, ପ୍ରାପ୍ତ ହେବ ସକାରାତ୍ମକ ଶକ୍ତି

**ସକାରାତ୍ମକ ଶକ୍ତି ବୃଦ୍ଧ ପାଇଁ ବାସ୍ତୁଶାସ୍ତ୍ରରେ ବିଭିନ୍ନ ପ୍ରକାର ଗଛର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ ଅଛି। ଉକ୍ତ ଗଛଗୁଡ଼ିକୁ ସକାରାତ୍ମକ ଶକ୍ତିର ଉତ୍ସ ବୋଲି କୁହାଯାଏ। ତେବେ ବାସ୍ତୁ ନିୟମ ଅନୁସାରେ, ଘରର ମୁଖ୍ୟ ଦ୍ୱାରରେ କେଉଁସବୁ ଗଛ ରଖିପାରିବେ ଆସନ୍ତୁ ଜାଣିବା...**



**ତୁଳସୀ:** ଧାର୍ମିକ ଓ ବାସ୍ତୁ ନିୟମ ଅନୁସାରେ, ତୁଳସୀ ଗଛ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ସକାରାତ୍ମକ ଶକ୍ତିର ଉତ୍ସ ଭାବରେ ବିବେଚନା କରାଯାଏ। ତୁଳସୀ ଗଛ ଦ୍ୱାରା ଘରର ଆଖପାଖର ପରିବେଶ ସୁଗନ୍ଧିତ ରହିବା ସହିତ ଏହା ସକାରାତ୍ମକ ଶକ୍ତି ଏବଂ ଧନସମ୍ପଦକୁ ଆକର୍ଷିତ କରିଥାଏ। ତେଣୁ ତୁଳସୀ ଗଛ ଘର ପାଇଁ ଭାଗ୍ୟଶାଳୀ ବୋଲି ବିବେଚନା କରାଯାଏ।

**ମଲ୍ଲୀ:** ଘରର ସକାରାତ୍ମକ ଶକ୍ତି ବୃଦ୍ଧି ପାଇଁ ମଲ୍ଲୀ ବେଶ୍ ଲାଭଦାୟକ। ଏହାର ସୁଗନ୍ଧ ଶରୀର ଏବଂ ମନକୁ ସତେଜ ରଖିଥାଏ। କୁହାଯାଏ ଯେ, ଯଦି ମୁଖ୍ୟ ଦ୍ୱାରରେ ମଲ୍ଲୀ ଗଛ ଅଛି, ତେବେ ଏହା କେବଳ ଘରକୁ ସୁଗନ୍ଧରେ ପରିପୂର୍ଣ୍ଣ କରିବ ନାହିଁ, ବରଂ ଧନ ମଧ ବୃଦ୍ଧି କରିଥାଏ।

**ମନିପ୍ଲାଣ୍ଟ:** ମନିପ୍ଲାଣ୍ଟକୁ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ମନିପ୍ଲାଣ୍ଟକୁ ଘର ଭିତରେ କିମ୍ବା ଘର ବାହାରେ ମଧ ଲଗାଯାଇପାରିବ। ଏହାଦ୍ୱାରା ପରିବାରରେ ଖୁସିର ମାହୋଲ୍ ରହିଥାଏ। ମନିପ୍ଲାଣ୍ଟ ଦ୍ୱାରା ସୁଖସମୃଦ୍ଧି ମଧ ବୃଦ୍ଧି ହୁଏ।

**ତାଳ ଗଛ:** ତାଳ ଗଛକୁ ବାୟୁ ବିଶୋଧକ ଭାବେ ବିବେଚନା କରାଯାଏ। ତେଣୁ ଏହାକୁ ଘରର ମୁଖ୍ୟ ଦ୍ୱାର ପାଖରେ ଲଗାଇ ପାରିବେ। ଘରର ମୁଖ୍ୟ ଦ୍ୱାରରେ ତାଳ ଗଛ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ।

**ଫର୍ଣ୍ଣ ଗଛ:** ଫର୍ଣ୍ଣ ଗଛ ଦେଖୀବା ପାଇଁ ଯେତିକି ସୁନ୍ଦର, ଘର ପାଇଁ ସେତିକି ଭାଗ୍ୟଶାଳୀ ମଧ ହୋଇଥାଏ। ବୋଷ୍ଟର୍ଣ୍ଣ ଫର୍ଣ୍ଣ ଗଛକୁ ଘରର ମୁଖ୍ୟ ଦ୍ୱାରରେ ସଜାଇ ରଖୀପାରିବେ। ଏହାଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଏହା ସହିତ ସୁଖସମୃଦ୍ଧି ମଧ ବୃଦ୍ଧି ହୁଏ।

**କମଳା ଗଛ:** ଫେଙ୍ଗ୍‌ସୁଇ ଅନୁସାରେ, ଲେମ୍ବୁ ବା କମଳା ଗଛ ମଧ ଘର ପାଇଁ ବହୁତ ଶୁଭ ବୋଲି କୁହାଯାଏ। ଏହାଦ୍ୱାରା ସୌଭାଗ୍ୟ ବୃଦ୍ଧି ହୁଏ। ଏହାକୁ ଘରର ମୁଖ୍ୟ କବାଟର ଠିକ୍ ସାମନାରେ ରଖୀବା ପରିବର୍ତ୍ତେ ମୁଖ୍ୟ ଦ୍ୱାରର ଡାହାଣ ପାର୍ଶ୍ୱରେ ରଖନ୍ତୁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଫେବୃଆରୀ ୨୦୨୫, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆତ୍ମହତ୍ୟାର ଆର୍ଥିକ ବୋଝ...

ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗ ଅନୁଯାୟୀ, ଭାରତ ବିଶ୍ୱର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାବରେ ଚୀନ୍‌କୁ ଅତିକ୍ରମ କରିଛି। ସକାରାତ୍ମକ ଦୃଷ୍ଟିକୋଣରୁ, ଜନସଂଖ୍ୟା ବୃଦ୍ଧିକୁ ଜନସଂଖ୍ୟା ଜନିତ ଲାଭାଂଶର ବୃଦ୍ଧି(ଡେମୋଗ୍ରାଫିକ୍ ଡିଭିଡେଣ୍ଡ) ବୋଲି କୁହାଯାଇପାରିବ। ଗୋଟିଏ ଦେଶର ମୋଟ କର୍ମକ୍ଷମ ଜନସଂଖ୍ୟା ତୁଳନାରେ ଯଦି କର୍ମହୀନ ବା ନିର୍ଭରଶୀଳ ଜନସଂଖ୍ୟା କମ ରୁହେ, ତେବେ ସେହି ଅବସ୍ଥାକୁ ଜନସଂଖ୍ୟା ଜନିତ ଲାଭାଂଶ ବୋଲି କୁହାଯାଏ। ୟୁନେସ୍କୋ ରିପୋର୍ଟ ଅନୁଯାୟୀ, ୧୫-୬୪ ବର୍ଷ ବୟସର ଜନଗଣଙ୍କୁ କର୍ମକ୍ଷମ ଭାବେ, ୧୪ ବର୍ଷରୁ କମ ଶିଶୁ ଓ କିଶୋର ଏବଂ ୬୫ ବର୍ଷରୁ ଅଧିକ ବୟସ୍କମାନଙ୍କୁ ନିର୍ଭରଶୀଳ ବୋଲି ବିବେଚନା କରାଯାଇଛି। ଜାତିସଂଘର ଏହି ପରିସଂଖ୍ୟାନ ଅନୁଯାୟୀ, ଭାରତରେ ୬୫ ବର୍ଷର ବୟସ୍କ ଲୋକଙ୍କ ସଂଖ୍ୟା ଭାରତର ସମୁଦାୟ ଜନସଂଖ୍ୟାର ମାତ୍ର ୭% ହୋଇଥିଲା ବେଳେ ଚୀନ୍ ଓ ଆମେରିକା ଭଳି ବିକଶିତ ଦେଶମାନଙ୍କରେ ତାହା ଏବେ ଯଥାକ୍ରମେ ୧୪% ଓ ୧୭%। ଆକଳନ ଅନୁସାରେ ୨୦୫୦ ମସିହା ବେଳକୁ ଚୀନ୍‌ର କର୍ମକ୍ଷମ ଲୋକଙ୍କ ସଂଖ୍ୟା ମାତ୍ର ୫୮% ଓ ଆମେରିକାର ୬୧% ହେବାର ସମ୍ଭାବନା ଥିବା ବେଳେ ଭାରତର ଏହି ସଂଖ୍ୟା ୬୭% ରହିବାର ସମ୍ଭାବନା ଅଛି। ସେଥିପାଇଁ ଆଜି ଭାରତ ଯୁବ ରାଷ୍ଟ୍ର ରୂପେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଏହି ସବୁ ତଥ୍ୟ, ଅନୁମାନ, ସଂଖ୍ୟା ଓ ପରିସଂଖ୍ୟାନ, ଯାହା ବର୍ତ୍ତମାନ ଆମେ ଦେଖୁଛନ୍ତି, ତା' ଆଢୁଆଳରେ ଥିବା ଅଣଦେଖା ସଙ୍କଟକୁ ଏଡ଼ାଇଦେଲେ ତାହା ବର୍ତ୍ତମାନ ଓ ଭବିଷ୍ୟତର ବିକାଶ ଓ ଅଭିବୃଦ୍ଧି ଲାଗି ବାଧକ ସାଜି ପାରେ। ସେଥିମଧ୍ୟରୁ ଯୁବ ଆତ୍ମହତ୍ୟା ଦୁଃଖଦ ଘଟଣା। ଏହା କେବଳ ପରିବାର ପାଇଁ ଏକ ଭାବପ୍ରବଣ ବିପର୍ଯ୍ୟୟ ନୁହେଁ, ବରଂ ସାରା ସମାଜ ଉପରେ ପଡୁଥିବା ଅଣଦେଖା ଆର୍ଥିକ ବୋଝ। ଭାରତ, ଯାହାର ଜନସଂଖ୍ୟାର ପ୍ରାୟ ୩୪% ଯୁବକ, ଏହି ବର୍ଗରେ ଆତ୍ମହତ୍ୟାର ବୃଦ୍ଧି କେବଳ ଏକ ସାମାଜିକ ଓ ସାଂସ୍କୃତିକ ସଙ୍କଟର ସଙ୍କେତ ଦିଏ ନାହିଁ, ବରଂ ଦେଶର ଅର୍ଥନୈତିକ ଏବଂ ବିକାଶ ଆକାଂକ୍ଷା ପାଇଁ ଏକ ଅପୂରଣୀୟ କ୍ଷତି ମଧ୍ୟ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଆଧାରରେ ଛାତ୍ରଛାତ୍ରୀ ଆତ୍ମହତ୍ୟା ସମ୍ପର୍କିତ ରିପୋର୍ଟରେ ଦର୍ଶାଯାଇଛି ଯେ, ସାମଗ୍ରିକ ଆତ୍ମହତ୍ୟା ସଂଖ୍ୟା ବାର୍ଷିକ ୨% ହାରରେ ବୃଦ୍ଧି ପାଇଥିବା ବେଳେ ଛାତ୍ର ଆତ୍ମହତ୍ୟା ମାମଲା ୪% ବୃଦ୍ଧି ପାଇଛି। ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ, ଛାତ୍ର ଆତ୍ମହତ୍ୟା ଘଟଣା ଉଭୟ ଜନସଂଖ୍ୟା ବୃଦ୍ଧି ହାର ଓ ସାମଗ୍ରିକ ଆତ୍ମହତ୍ୟା ଧାରାକୁ ଅତିକ୍ରମ କରିଚାଲିଛି। ଗତ ଦଶନ୍ଧି ମଧ୍ୟରେ ୦ ରୁ ୨୪ ବର୍ଷ ବୟସ୍କଙ୍କ ସଂଖ୍ୟା ୫୮୨ ନିୟୁତରୁ ୫୮୧ ନିୟୁତକୁ ହ୍ରାସ ପାଇଥିବା ବେଳେ ଛାତ୍ର ଆତ୍ମହତ୍ୟା ସଂଖ୍ୟା ୬, ୬୫୪ ରୁ ୧୩, ୦୪୪କୁ ବୃଦ୍ଧି ପାଇଛି। ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସହିତ ସେମାନଙ୍କର ଉତ୍ପାଦନକ୍ଷମ ବର୍ଷ, ଦେଶର ଅର୍ଥନୀତିରେ ସେମାନଙ୍କ ଉତ୍ପାଦନ କ୍ଷମତାର ଯୋଗଦାନ ଏବଂ ଦେଶର ଜନସଂଖ୍ୟା ଲାଭାଂଶ ପ୍ରଭାବିତ ହୁଏ। ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, କୁଶଳୀ ଯୁବକମାନଙ୍କ ଅକାଳମୃତ୍ୟୁ ହେତୁ ଭାରତର ଜିଡିପି କୋଟିକୋଟି ଟଙ୍କା ହରାଇପାରେ। ଛାତ୍ରଛାତ୍ରୀମାନେ ବା ଆମ କର୍ମକ୍ଷମ ଯୁବ ପିଢ଼ି ଦେଶର ପୁଞ୍ଜି। ଯଦି ଦେଶର ଉଜ୍ଜ୍ୱଳ ତଥା ଯୋଗ୍ୟ ଛାତ୍ରଛାତ୍ରୀ ଓ ଯୁବକମାନେ ଆତ୍ମହତ୍ୟା କରନ୍ତି, ତେବେ ଉତ୍ପାଦନକାରୀ ଶ୍ରମ ଏବଂ ଅଣ-ଉତ୍ପାଦକ ଗ୍ରାହକଙ୍କ ମଧ୍ୟରେ ଅସନ୍ତୁଳନ ଦେଖା ଦେବ, ଯେଉଁଠାରେ ଅଣ-ଉତ୍ପାଦକ ଉପଭୋକ୍ତା ଉତ୍ପାଦକ ଯୋଗଦାନକାରୀ ଓ ସେମାନଙ୍କ ଉତ୍ପାଦନ ଅବଦାନକୁ ଅତିକ୍ରମ କରିବ। ଦେଶର ଅର୍ଥନୀତି ଲାଗି ଏହା ଏକ ଶୁଭସଂକେତ ନୁହେଁ। ମାନବ ପୁଞ୍ଜି ସିଦ୍ଧାନ୍ତରେ ଦର୍ଶାଯାଇଛି ଯେ ଶିକ୍ଷା ଓ ଦକ୍ଷତା ବିକାଶରେ ନିବେଶ, ଉତ୍ପାଦକତା ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଊର୍ଦ୍ଧ୍ୱମୁଖୀ କରିଥାଏ। କିନ୍ତୁ ଯୁବ ଆତ୍ମହତ୍ୟା ଏହି ଚକ୍ରକୁ ବ୍ୟାହତ କରେ। ଉଦାହରଣ ସ୍ୱରୂପ, ଜଣେ ଛାତ୍ରଙ୍କ ଶିକ୍ଷାରେ ବର୍ଷ ବର୍ଷ ଧରି କରାଯାଇଥିବା ନିବେଶ ଖର୍ଚ୍ଚ, ଆତ୍ମହତ୍ୟା ସହିତ ବ୍ୟର୍ଥ ହୋଇଯାଏ, ଯାହା ଆର୍ଥିକ ଉତ୍ପାଦନରେ କ୍ଷତିର କାରଣ ହୋଇଥାଏ। ଆର୍ଥିକ ଦୃଷ୍ଟିକୋଣରୁ, ଯୁବ ଆତ୍ମହତ୍ୟା ସହିତ ଶ୍ରମଶକ୍ତି, ନବସୃଜନତା ଓ ଅର୍ଥନୈତିକ ଅଭିବୃଦ୍ଧିରେ ଅବଦାନ ସ୍ଥାୟୀ ଭାବେ ସମାପ୍ତ ହୋଇଯାଏ। ପ୍ରତ୍ୟେକ ଶିକ୍ଷିତ, ଉପଯୁକ୍ତ ଓ କର୍ମ ନିଯୁକ୍ତ ଯୁବକ କେବଳ ନିଜ ଘରୋଇ ଆୟରେ ଯୋଗଦାନ କରନ୍ତି ନାହିଁ, ବରଂ ଉପଭୋଗ ଓ ନିବେଶ ମାଧ୍ୟମରେ ବ୍ୟାପକ ଅର୍ଥବ୍ୟବସ୍ଥାରେ ମଧ୍ୟ ଯୋଗଦାନ କରନ୍ତି, ଯାହା ଯୁବ ଆତ୍ମହତ୍ୟା ସହିତ ବାଧାପ୍ରାପ୍ତ ହୋଇଥାଏ। ଅକାଳ ଜୀବନହାନି, ଘରୋଇ ଆୟକୁ ହ୍ରାସ କରିଥାଏ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ହ୍ରାସ କରି ଏକ ତରଙ୍ଗ ପ୍ରଭାବ ସୃଷ୍ଟି କରେ, ଯାହା ସ୍ଥାନୀୟ ଏବଂ ଜାତୀୟ ଅର୍ଥନୀତିକୁ ପ୍ରଭାବିତ କରେ। ଭାରତରେ ଯୁବ ଆତ୍ମହତ୍ୟା ହାର ବୃଦ୍ଧି ହେଉଛି ମନସ୍ତାତ୍ତ୍ୱିକ, ସାମାଜିକ ଏବଂ ବ୍ୟବସ୍ଥିତ କାରଣଗୁଡ଼ିକର ଏକ ଜଟିଳ ପାରସ୍ପରିକ କ୍ରିୟା। ଭାରତର ଶିକ୍ଷା ବ୍ୟବସ୍ଥା ସାମଗ୍ରିକ ବିକାଶ ତୁଳନାରେ ଶ୍ରେଣୀ ପରୀକ୍ଷାଗତ ସଫଳତା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥାଏ। କୋଟାରେ ଛାତ୍ରଛାତ୍ରୀମାନେ କଠିନ ପରିସ୍ଥିତିରେ ଦିନକୁ ୧୪-୧୬ ଘଣ୍ଟା ଅଧ୍ୟୟନ କରିବାକୁ ବାଧ୍ୟ। ଏପରିକି ଯେତେବେଳେ ସେମାନେ ସାହାଯ୍ୟ ଲୋଡ଼ନ୍ତି, ସେତେବେଳେ ତାଲିମପ୍ରାପ୍ତ ପରାମର୍ଶଦାତା ଓ ପେସାଦାର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅଭାବ ଏହି ସମସ୍ୟାକୁ ଅଧିକ ବୃଦ୍ଧି କରିଦିଏ। ପିଲାମାନଙ୍କ ସଫଳତା ପାଇଁ ପିତାମାତାଙ୍କ ଆକାଂକ୍ଷା ଅଯଥା ଚାପରେ ପରିଣତ ହୁଏ। ଅନେକ ପିତାମାତା ଇଞ୍ଜିନିୟରିଂ କିମ୍ବା ଡାକ୍ତରୀ ଡିଗ୍ରୀକୁ ସଫଳତାର ଏକମାତ୍ର ମାର୍ଗ ଭାବରେ ଦେଖନ୍ତି, ଯାହା ସେମାନଙ୍କ ପିଲାମାନଙ୍କର ଆବେଗ ଓ ମାନସିକ ସୁସ୍ଥତା ପ୍ରତି ଧ୍ୟାନ ଦିଏ ନାହିଁ। ଉଚ୍ଚ ଶିକ୍ଷାନୁଷ୍ଠାନର ଅନେକ ଛାତ୍ରଛାତ୍ରୀ ଛାତ୍ରାବାସରେ ବା ଘରୁ ଦୂରରେ ରୁହନ୍ତି, ଯାହା ସେମାନଙ୍କୁ ନିଜର ମାନସିକ ଅସୁସ୍ଥତା ସହିତ ମୁକାବିଲା କରିବା ଲାଗି କଷ୍ଟକର ହୋଇପଡ଼େ।

# ଭାଲେଣ୍ଟାଇନ ଡେ ପ୍ରେମ ଦିବସ ନୁହଁ ଏକ ବ୍ୟକ୍ତିର ମୃତ୍ୟୁ ଦିବସ

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଆମେ ଜାଣିଛନ୍ତି ଯେ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଫରକ ହୋଇଥାଏ । ତେବେ ଯେଉଁଠି ଗୋଟେ ଦେଶର ସଂସ୍କୃତି ଅନ୍ୟ ଏକ ଦେଶରେ ପ୍ରସାରିତ ହୁଏ, ସେଠି ବିରୋଧାଭାଷ ହେବା ସ୍ୱାଭାବିକ , କାରଣ ସଂସ୍କୃତି ହେଉଛି ଗୋଟିଏ ଜାତିର ଆଦର୍ଶ, ଗର୍ବ ଓ ଗୌରବ ଆଉ ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା। ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟ ଭୂମି । କିନ୍ତୁ ଏବେ ଆଧୁନିକ ଶିକ୍ଷାର ପ୍ରସାର ତଥା ପଶ୍ଚିମା ସଂସ୍କୃତିକୁ ଆପଣେଇ ନେବାର ଦୁସ୍ଥ ମାନସିକତା ଆମ ପରମ୍ପରା ଓ ସଂସ୍କୃତି କୁ କରିଛି ଅବକ୍ଷୟ ଓ ଅପମାନ ଆଉ ଏହି ଅନ୍ୟ ବିଦେଶୀ ଉଦ୍ଭଟ ସଂସୃତି ଧୀରେ ଧୀରେ କର୍କଟ ରୋଗ ଭଳି ଗ୍ରାସ କରିଚାଲିଛି ଆମ ବର୍ତ୍ତମାନ ଓ ଆଗାମୀ ଯୁବପିଢ଼ି ମାନଙ୍କୁ। ଉକ୍ତ ପାଶ୍ଚାତ୍ୟ ସଂସ୍କୃତିକୁ ଆଜିର ଯୁବପିଢି ମନେ ରଖିଥିବା ବେଳେ ଆମ ପରମ୍ପରା ଓ ସଂସ୍କୃତି କୁ ଆଦୌ ଜାଣି ନାହାଁନ୍ତି କି ବୁଝି ନାହାଁନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଯେପରି ଆମ ଦେଶର ହିନ୍ଦୁ ନବବର୍ଷ, ଓଡ଼ିଆ ନବବର୍ଷ, ସଂକ୍ରାନ୍ତି, ପୂର୍ଣ୍ଣମୀ, ମହାପୁରୁଷ ମାନଙ୍କ ଜୟନ୍ତୀ, ଜାତୀୟ ଦିବସ, ପରମ୍ପରା ଓ ଆମ ସଂସ୍କୃତି କଣ ସେମାନେ ଜାଣି ନଥିବେ କିନ୍ତୁ ଅନ୍ୟ ଦେଶରୁ ଆସିଥିବା ଭାଲେଣ୍ଟାଇନଡେକୁ ଭଲ ଭାବରେ ଜାଣିଥିବେ ଆଉ ସେ ଦିବସ କେବେ ଆସିବ ସେ ଦିନ ଗଣୁଥିବାବେଳେ ନିଜ ପରମ୍ପରାର ଦିବସ ଯାଇ ସାରିବା ପରେ ମଧ୍ୟ ପଚାରିଲେ ଦିବସଟି କଣ ଜାଣି ନଥିବେ। ଆଉ ଏକଥା ସତ୍ୟ ଯେ ଏହି ଭାଲେଣ୍ଟାଇନ ଦିବସ କାହିଁକି ପାଳନ କରାଯାଏ ଓ ଏହା ପଛରେ କି କାହାଣୀ ଅଛି ସେମାନେ ଜାଣି ନ ଥିବେ ଖାଲି ଅନୁକରଣୀୟ ଭାବେ ଏହି ଦିବସକୁ ପାଳନ କରିବାକୁ ଅନେଇ ବସିଥିବେ। ଆଉ ଏହି ଇଚ୍ଛାଶକ୍ତି ନେଇ ଆପଣା ସଂସ୍କୃତିକୁ ଅଣଦେଖା କରି ସେମାନେ ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଚାଲିଛନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ଅନେକ ବିଦେଶୀ ଉତ୍ସବ ସହ ଭାଲେଣ୍ଟାଇନ ଦିବସ । ବିଶେଷକରି ସେମାନଙ୍କୁ ଏବେ ଘାରିଛି 'ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିବାର ଉତ୍କଟ ନିଶା। କିନ୍ତୁ ପ୍ରକୃତ ପ୍ରେମ କଣ ସିଏ ଜାଣି ନାହାଁନ୍ତି କି ଆମ ଧର୍ମ, ପରମ୍ପରା, ସଂସ୍କୃତି ଓ ଶାସ୍ତ୍ରରେ ଥିବା ପ୍ରକୃତ ପ୍ରେମ କାହାଣୀକୁ ବୁଝିବାକୁ କେବେ ଚେଷ୍ଟା କରି ନାହାଁନ୍ତି ଆଉ ଏ ବିଷୟରେ ସେମାନଙ୍କ ଅଭିଭାବକ ବି କେବେ ଜଣାଇବାକୁ ଚେଷ୍ଟା କରିନାହାନ୍ତି । ଯେଉଁଥିପାଇଁ ଆଜି ଆମ ପରମ୍ପରା ଆଉ ସଂସ୍କୃତି ଠାରୁ ବହୁତ ଦୂରରେ ଯୁବପିଢ଼ି ଓ ଅପସଂସ୍କୃତିର ମାୟାଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇ ଅସତ୍ ମାର୍ଗ ଅପଣାଇବାକୁ ପଛାଉନାହାନ୍ତି। ତେବେ ଏହି ଭାଲେଣ୍ଟାଇନ ଡେ ପାଇଁ ଦୁଇଟି ପାଶ୍ଚାତ୍ୟ ଲୋକକଥା ଅଛି ଯାହା ଜାଣିବା ଆବଶ୍ୟକ । କାରଣ ଏହି ଦିବସକୁ ପ୍ରେମ ଭଳି ପୁଣ୍ୟ ଶବ୍ଦ ଦେବା କେତେଦୂର ଯୁକ୍ତି ଯୁକ୍ତ ତାହା ଏହି କାହାଣୀରୁ ଅନୁମେୟ ତଥା ଏହି ଦିବସ ଆଦୌ କୌଣସି ପ୍ରେମ ଦିବସ ନୁହଁ ଏହା ଏକ ବ୍ୟକ୍ତିର ମୃତ୍ୟୁ ଦିବସ ମାତ୍ର। ଭାଲେନଣ୍ଟାଇନ ନାମକ ଜଣେ ବ୍ୟକ୍ତିଙ୍କ ପାଇଁ ଏହି ଦିନ ଜଣେ ଦୁଷ୍ଟ ରାଜା ଓ କୃପାଳୁ ଭାଲେନଣ୍ଟାଇନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଯୁଦ୍ଧର କାରଣ ରୋମର ରାଜା ଥିଲେ। ରାଜାଙ୍କ ଅନୁସାରେ ପୁରୁଷଙ୍କର ବିବାହ ପରେ ସବୁ ଶକ୍ତି ଓ ବୁଦ୍ଧି ନଷ୍ଟ ହୋଇଯାଏ। ଏହି କାରଣରୁ ସେ ତାଙ୍କ ରାଜ୍ୟରେ ଘୋଷଣା କରିଥିଲେ ଯେ କୌଣସି ସୈନିକ ଓ ସେନାଅଧିକାରୀ ବିବାହ କରିବେ ନାହିଁ। କିନ୍ତୁ ଭାଲେନଣ୍ଟାଇନ ରାଜାଙ୍କ ବିରୁଦ୍ଧରେ ଯାଇ ରାଜ୍ୟରେ ସମସ୍ତଙ୍କୁ ବିବାହ କରିବା ପାଇଁ ଉପଦେଶ ଦେଉଥିଲେ। ରାଜ୍ୟରେ ଅନେକ ସୈନିକ ଓ ଅଧିକାରୀଙ୍କର ବିବାହ ମଧ୍ୟ କରାଇଥିଲେ ଭାଲେନଣ୍ଟାଇନ। ତେବେ ରାଜା ଭାଲେନଣ୍ଟାଇନଙ୍କ ଉପରେ ରାଗି ତାଙ୍କୁ ୨୬୯ ମସିହା, ଫେବୃଆରୀ ୧୪ ତାରିଖରେ ଫାଶି ଦଣ୍ଡ ଦେଇଥିଲେ। ଏହି କାରଣରୁ ଫେବୃଆରୀ ୧୪ ତାରିଖରେ ଭାଲେନଣ୍ଟାଇନଙ୍କ ସ୍ମରଣରେ ଭାଲେନଣ୍ଟାଇନ ଡେ ପାଳନ କରାଯାଏ ବୋଲି ଲୋକକଥା ରହିଛି ।

ପ୍ରକୃତ ପ୍ରେମର ସଂଜ୍ଞା ବହୁତ୍ ମୂଲ୍ୟବାନ୍ । ପ୍ରେମ ଦୁଇ ହୃଦୟର ମିଳନ । ପ୍ରେମରେ ପହିଥିବା ମଣିଷ ଜାତି, ଧର୍ମ ଓ ବର୍ଣ୍ଣର ବାଛ ବିଚାର ରଖେ ନାହିଁ । ଏହା କେତେବେଳ, କିପରି ଓ କାହା ସହ ହୋଇଥାଏ ତାହା କାହାକୁ ମଧ୍ୟ ଜଣାନାହିଁ । ପ୍ରେମର ସଂଜ୍ଞା ତୀବ୍ର ଗତିରେ ପରିବର୍ତ୍ତନ ଘଟୁଛି । ଏହା ତ୍ୟାଗ ଉପରେ ପର୍ଯ୍ୟବେସିତ ନହୋଇ ଭୋଗ, ଦିଆନିଆ ବ୍ୟାପର ଉପରେ ପର୍ଯ୍ୟବେଶିତ । ଏହିଭଳି କିଛି କଦର୍ଥ କାର୍ଯ୍ୟ କଳାପ ଯୋଗୁଁ ଆଜି ପ୍ରେମର ସଜ୍ଞା ଆଜି ବଦଳିଯାଇଛି । ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ନୈସର୍ଗିକ । ପ୍ରେମ ପାଇବାରେ ଥାଏ, ଥାଏବି ହରାଇବାରେ । ସଂସାର ଓ ସମାଜରେ ସମସ୍ତଙ୍କ ପାଇଁ କେବଳ ଉତ୍ସର୍ଗ ହିଁ ପ୍ରେମ । ପରସ୍ପର ପ୍ରତି ଥିବା ଆବେଗ ଓ ଅନାବିଳତା ପ୍ରକାଶରେ ଏହା ହିଁ ପ୍ରକୃଷ୍ଟ ମାଧ୍ୟମ । ତେବେ ପ୍ରେମର ନିଦର୍ଶନ କେବଳ ପାଶ୍ଚାତ ସଂସ୍କୃତିରେ ନୁହେଁ ବରଂ ଭାରତୀୟ ସଂସ୍କୃତିରେ ମଧ୍ୟ ନିଛକ ଉଦାହରଣ ଭରି ରହିଛି । ସବୁ ଧର୍ମ, ପରମ୍ପରା ଓ ସଂସ୍କୃତିରେ ପ୍ରତିପାଦିତ ହୋଇଛି ପ୍ରେମର ମହତ୍ତ୍ୱ। ଭାରତୀୟ ପୌରାଣିକ ଶାସ୍ତ୍ରରେ ରାଧା-କୃଷ୍ଣ, ଶିବ - ପାର୍ବତୀ, ରାମ-ସୀତା, ରତି-କାମଦେବ, ସାବିତ୍ରୀ-ସତ୍ୟବାନ ଓ ଦୁଷ୍ମନ୍ତ-ଶକୁନ୍ତଳା, ଆଦି ପ୍ରେମ କାହାଣୀରେ ରହିଛି ପ୍ରେମର ସର୍ବୋଚ୍ଚ ଉପଲବ୍ଧି। ଆମ ଇତିହାସ ଓ ଲୋକକଥାରେ ମଧ୍ୟ ଅମର ହୋଇ ରହିଛି ପୃଥ୍ୱୀରାଜ-ସଂଯୁକ୍ତା, କେଦାର-ଗୌରୀଙ୍କ ପ୍ରେମ କାହାଣୀ। ଏସବୁ ପ୍ରେମ କାହାଣୀରେ ପ୍ରେମର ଉପସ୍ଥିତି ନୁହେଁ, ବରଂ ସମାଜକୁ ଦେଇଛି ଶିକ୍ଷା, ସଚେତନତା ଓ ସାମାଜିକ ମୂଲ୍ୟବୋଧର ବାର୍ତ୍ତାବହ । ରାଧା କୃଷ୍ଣଙ୍କ ପ୍ରେମ ତ ସର୍ବୋଚ୍ଚ ଯେଉଁଠି ମିଳନ, ବିଚ୍ଛେଦ, ବିଦଗ୍ଧ, ବିଶ୍ୱସନୀୟତା, ସମର୍ପଣର କେବଳ ବାର୍ତ୍ତା ବହନ କରେ। ଏହାଠାରୁ ଶକ୍ତିଶାଳୀ ପ୍ରେମ ଆଉ କେଉଁଠି ଦେଖିବାକୁ ମିଳେ ନାହିଁ। ତେବେ ବିଦେଶୀ ସଂସ୍କୃତି ବହନ କରୁଥିବା ଏହି ଭାଲେଣ୍ଟାଇନ ଦିବସ ବର୍ତ୍ତମାନର ଯୁବପିଢିକୁ ବାଇଆ କରୁଥିବା ବେଳେ ତଥା ଏହି ଦିବସକୁ ଉତ୍ସାହର ସହିତ ପାଳନ କରୁଥିବା ବେଳେ ଅନେକ ଏହାର ବିରୋଧ ଭାଷ ମଧ୍ୟ କରନ୍ତି । ବିଶେଷତଃ ବଜରଙ୍ଗ ଦଳ ଓ କଳିଙ୍ଗ ସେନା ଭଳି ସଙ୍ଗଠନ ଏହି ପ୍ରଥାର ଘୋର ବିରୋଧ କରନ୍ତି । ସେମାନଙ୍କ ମତରେ ପାଶ୍ଚାତ୍ୟ ସଂସ୍କୃତିରେ ପ୍ରଭାବିତ ହୋଇ ଏହି ଦିବସ ପାଳନ ଆମ ଭାରତୀୟ ସଂସ୍କୃତି ପ୍ରତି ଅବମାନନା ସହ ତୁଳନୀୟ। ସେମାନଙ୍କ କଥା ବି ଯୁକ୍ତି ଯୁକ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରେମ ଖାଲି ପୁଅ ଝିଅ ମଧ୍ୟରେ ସମ୍ପର୍କ ନୁହଁ- ପ୍ରେମ ପିତାମାତା, ଭାଇ ଭଉଣୀ, ଦେଶ ପ୍ରୀତି, ସମାଜ ପ୍ରୀତି ସହିତ ରହିବା ଦରକାର ଯାହା ଆମ ସଂସୃତି ଓ ପରମ୍ପରା ଆମକୁ ଶିଖାଇଛି।




+ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ: ୯୯୩୮୯୦୬୦୭୦


# ଭାଲେଣ୍ଟାଇନ୍ସ ଡେ' ଅନ୍ତରାଳେ

### ପ୍ରଦେଶ ପ୍ରତ୍ୟୁଷ



୧୪ ଫେବୃୟାରୀରେ ସାରା ପୃଥିବୀରେ ପାଳନ ହୁଏ ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ। ବିଶେଷ କରି ଆମେରିକା, କାନାଡା, ମେକ୍ସିକୋ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ବ୍ରିଟେନ, ଆର୍ଜେଣ୍ଟିନାରେ ଏହି ଦିନକୁ ପାଳନ କରାଯାଉଛି। ବିଭିନ୍ନ ଦେଶରେ ଯୁବକ ଯୁବତୀ ପରସ୍ପରକୁ କାର୍ଡ, ଚକୋଲେଟ, ଫୁଲ, ଉପହାର ଦେବା, ଡେଟ୍ସରେ ଯିବା ଓ ସାମୂହିକ ବିବାହ (ମାସ୍ ମ୍ୟାରେଜ) ଭଳି ଭିନ୍ନ ଭିନ୍ନ ଉପାୟରେ ପାଳନ କରନ୍ତି।

ପ୍ରେମ ଦିବସ ପାଖେଇ ଆସିଲେ ଯୁବକ ଯୁବତୀଙ୍କ ମଧ୍ୟରେ ଉପହାର ଓ ସମ୍ଭାଷଣର ପର୍ବ ଆରମ୍ଭ ହୋଇଯାଏ। ହୃଦୟରେ ପ୍ରେମ ପ୍ରୀତିର ଭେଣ୍ଟାଫେଣ୍ଟି କଳକଲ୍ଲୋଳିନୀ ବହେ। ପ୍ରେମୀ ଯୁଗଳଙ୍କ ମନରେ ଭରି ଯାଏ ନୂତନ ଶିହରଣ। ମାନ ଅଭିମାନକୁ ଭୁଲି ମନ ଗଢେ ସଂପର୍କର ନୂଆ ସେତୁ । ପ୍ରୀତିର ନିଡ଼ ରଚନ୍ତି ଦୁଇ ପ୍ରେମୀ, ଦୁଇ ବନ୍ଧୁ।

'ଭାଲେଣ୍ଟାଇନ୍ସ ଡେ' ବା 'ପ୍ରେମ ଦିବସ' ଭାବେ ଏହି ଦିନ ଏକ ନିଆରା ପରିଚୟ ସୃଷ୍ଟି କରିଛି। ଚିଠିରୁ ଟେଲିଫୋନ ଓ ଏବେ ସୋସିଆଲ ମିଡ଼ିଆ ...ଯେମିତି ଏହି ଦିବସଟିକୁ ଭାଇରାଲ କରିବାରେ ପ୍ରମୁଖ ମାଧ୍ୟମ ପାଲଟି ଯାଇଛି। ଏହି ଦିନଟି କାହିଁକି ଏତେ ଚର୍ଚ୍ଚାରେ, କାହିଁକି ଏହାର ନାଁ ଭାଲେଣ୍ଟାଇନ ଡେ , ଏହା ପଛରେ କଣ ରହିଛି ରହସ୍ୟ ...ଏହା କିନ୍ତୁ ଅନେକଙ୍କୁ ଅଜଣା ଥାଇପାରେ। ହେଲେ ପ୍ରେମରେ ମତୁଆଲା ଆମର ଯୁବବର୍ଗ କିନ୍ତୁ ଏହି ଦିବସକୁ ନେଇ ଭାଲେଣ୍ଟାଇନ ସପ୍ତାହ ପାଳନ୍ତି ...ଯେମତି କି ରୋଜ୍ ଡେ, ପ୍ରପୋଜ ଡେ, ଚକୋଲେଟ୍ ଡେ, ଟେଡ୍ଡି ଡେ, ପ୍ରମିଜ ଡେ, ହଗ୍ ଡେ, କିସ୍ ଡେ ଓ ଭାଲେଣ୍ଟାଇନ ଡେ। ହେଲେ ଏହାର ପ୍ରକୃତ ଯଥାର୍ଥକୁ ବୁଝିବାକୁ ଯୁବଗୋଷ୍ଠୀ ଆଖି ବୁଜି ଦେଇଛନ୍ତି।

ରୋମରେ ସେତେବେଳେ ଶାସନ କରୁଥାନ୍ତି କ୍ଲାଉଡିୟସ୍ ଦ୍ୱିତୀୟ । ଅତି କ୍ରୁର ଓ କଠୋରତା ପୂର୍ଣ୍ଣ ଶାସନ ପାଇଁ ତାଙ୍କର ସେନା ବାହିନୀରେ କେହି ଯୁବକ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରୁ ନଥିଲେ। ତାଙ୍କର ଭ୍ରାନ୍ତ ଧାରଣା ଥିଲା ଯେ ରାଜ୍ୟର ସବୁ ଲୋକେ ସେମାନଙ୍କର ପ୍ରିୟଜନ ଓ ପରିବାର ଲୋକଙ୍କ ସହ ଅୟସ ଆରାମରେ ଜୀବନ ବିତାଉ ଥିବାରୁ ସେନାବାହିନୀରେ କେହି ଯୋଗ ଦେଉନାହାଁନ୍ତି । ସେଥିପାଇଁ ରାଜ୍ୟର ସବୁ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ନିଷେଧାଦେଶ ଜାରି କରି ଦେଲେ । ତାଙ୍କର ଧାରଣା ଥିଲା ଯେ ସେନାବାହିନୀର ସିପାହୀମାନେ ସେମାନଙ୍କ ପତ୍ନୀ ଓ ପ୍ରେମିକାଙ୍କ ସହ ସଂପର୍କ ରଖିବା ବା ବିବାହ କରିବା ଦ୍ୱାରା ଶକ୍ତି ହୀନ ହୋଇଯିବେ। ସେଥିପାଇଁ ସେମାନଙ୍କ ପାଇଁ ଅନେକ ପ୍ରତିବନ୍ଧକ ଲଗାଇଲେ । ଏହାଦ୍ୱାରା ବହୁତ ଅସନ୍ତୋଷ ଓ ବିରୋଧାଭାସ ସୃଷ୍ଟି ହେଲା। ହେଲେ ଏଭଳି ନିଷ୍ଠୁର ଶାସକ ବିରୁଦ୍ଧରେ ମୁହଁ ଖୋଲିବାକୁ କେହି ସାହସ କଲେ ନାହିଁ।

ଏହି ସମୟରେ ରାଜ୍ୟର ଯୁବକ ଯୁବତୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ଭାଲେଣ୍ଟାଇନ ନାମକ ଜଣେ ପାଦ୍ରୀ ଯୁବକ। ନିଜର ସହକର୍ମୀ ମୋରିୟସଙ୍କୁ ସାଥି କରି ପ୍ରେମୀ ଯୁଗଳଙ୍କୁ ଗୋପନରେ ବିବାହ କରାଇଲେ। ଏଭଳି ଏକ ମହତ କାର୍ଯ୍ୟ ପାଇଁ ତାଙ୍କୁ ସମସ୍ତେ ପ୍ରଶଂସା କରିବାକୁ ଲାଗିଲେ । ରାଜା କ୍ଲାଉଡିୟସ ଏହା ଜାଣି ଭାଲେଣ୍ଟାଇନଙ୍କୁ ବନ୍ଦୀ କଲେ । ଏକ ନିର୍ଦ୍ଦିଷ୍ଟ ଦିନରେ ମୃତ୍ୟୁଦଣ୍ଡର ଘୋଷଣା କଲେ ଏବଂ ପ୍ରେମୀଙ୍କୁ ନୂଆ ଦୁନିଆ ଦେଉଥିବା ଭାଲେଣ୍ଟାଇନ୍ ନିଜ ପାଇଁ ଏକ ଅପୂର୍ବ ଉପହାର ସ୍ୱରୂପ ଏହି ମୃତ୍ୟୁଦଣ୍ଡକୁ ହସି ହସି ଆପଣେଇ ଥିଲେ ଏବଂ ଜେଲରେ ବନ୍ଦୀ ଭାବେ ଥିବା ବେଳେ ପ୍ରେମର ପ୍ରକୃତ ସ୍ୱରୂପକୁ ବର୍ଣ୍ଣନା କରି, ଜେଲରଙ୍କ ଝିଅଙ୍କୁ ଜୀବନର ପ୍ରଥମ ଓ ଶେଷ ଚିଠି ଲେଖିଥିଲେ । "...ଏ ଭାଲେଣ୍ଟାଇନ କାଲିର ସୂର୍ଯ୍ୟୋଦୟ ପରେ ଆଉ ଏ ପ୍ରେମର ଦୁନିଆରେ ନଥିବ । ମତେ ତୁମେ କେମିତି ବୁଝିଛ ? ଏ ଦୁନିଆ କେମିତି ବୁଝିଲା ... ଏହା ସମୟ କହିବ । ଆଉ ପ୍ରେମ ସେତେବେଳକୁ ଏକ ନୂଆ ପରିଚୟରେ ନିଆରା ଦୁନିଆ ଗଢି ସାରିଥିବ।

ସେଦିନର ସେହି ନିର୍ଦ୍ଦୟ ରାଜା କ୍ଲାଉଡିୟସ ଦ୍ୱିତୀୟଙ୍କ ଆଦେଶରେ, ଫେବୃୟାରୀ ୧୪ରେ ସର୍ବସାଧାରଣଙ୍କ ସମ୍ମୁଖରେ ପାଦ୍ରୀ ଯୁବକ ଭାଲେଣ୍ଟାଇନଙ୍କୁ ମୃତ୍ୟୁଦଣ୍ଡ ଦିଆ ଯାଇଥିଲା । ନିର୍ବାପିତ ହୋଇଗଲା ପ୍ରେମର ପ୍ରକୃତ ପୂଜାରୀ ଓ ପ୍ରକୃତ ନାୟକର ଜୀବନ ଦୀପ । ସେହି ପ୍ରେମିକ ପୁରୁଷର ବଳି ଦାନରେ ଇତିହାସ ପାଲଟିଲା ଏହି ଦିନ। ଜନ୍ମ ନେଲା ପ୍ରେମର ଏକ ନିଆରା କାନଭାସ୍। ସେଥିରେ ସବୁଦିନ ପାଇଁ ଅଙ୍କା ହେଲା ପ୍ରୀତିର ଚିକ୍‌ମିକ୍‌ର ସ୍ୱତନ୍ତ୍ର ଚିତ୍ର । ଭାଲେଣ୍ଟାଇନ ପାଲଟି ଗଲେ ଏକ ଚିରସ୍ମରଣୀୟ ଦିବସ – 'ଭାଲେଣ୍ଟାଇନ ଡେ' ।

କହିବା ବାହୁଲ୍ୟ ଯେ, 'ଭାଲେଣ୍ଟାଇନ ଡେ'ର ଇତିବୃତ୍ତ ଏୟା ନୁହେଁ, ଯାହା ଆଜିର ଯୁବଗୋଷ୍ଠୀ ବୁଝିଛି। ଜଣେ ନିର୍ଦ୍ଦିଷ୍ଟ ରାଜାଙ୍କର ନିଷ୍ଠୁର ନିଷ୍ପତ୍ତି ଓ ଭ୍ରମ ବିରୁଦ୍ଧରେ ଲଢ଼େଇ ଥିଲା ସେଦିନର ଜଣେ ପାଦ୍ରୀ ଯୁବକ ଭାଲେଣ୍ଟାଇନଙ୍କର। ସମାଜର ହିତ ସାଧନରେ ଥିଲା ତାଙ୍କର ଉଦ୍ଦେଶ୍ୟ ଓ ବଳିଦାନ। ହେଲେ ଆଜି କ'ଣ ସେହି ଉଦ୍ଦେଶ୍ୟକୁ ସମ୍ମାନ ଦିଆ ଯାଉଛି ?

ଦେଖିବାକୁ ମିଳୁଛି ଭାଲେଣ୍ଟାଇନ୍ସ ଡେ ପାଳନ ଅବସରରେ ଅନେକ ବିଶୃଙ୍ଖଳିତ ଓ ଅନୈତିକ କାର୍ଯ୍ୟ ଘଟୁଛି। ଯୁବବର୍ଗ ଏହି ଦିବସର ମୋହରେ ପଡି ଏହି ପାଶ୍ଚାତ୍ୟ ସଂସ୍କୃତିକୁ ଅଧିକ ପ୍ରଚାର ପ୍ରସାର କରୁଛନ୍ତି। ଯାହାକି କରିବା ଉଚିତ୍ ନୁହେଁ। ଅନେକ ସାମାଜିକ କର୍ମୀଙ୍କ ମତରେ, ଦେଖିବାକୁ ମିଳେ ଯେ, ଏହି ଭାଲେଣ୍ଟାଇନ୍ସ ଡେ ଅବସରରେ ଅନେକ ପାର୍କ, ମଲ, ହୋଟେଲ ଓ ରେଷ୍ଟୋରାଁରେ ପ୍ରେମୀ ଯୁଗଳଙ୍କ କାରନାମା ସମାଜ ଉପରେ ଖରାପ ପ୍ରଭାବ ପକାଉଛି । ସାଇକୋଲଜିଷ୍ଟଙ୍କ ବିଶ୍ୱାସ ଯେ, ଭାଲେଣ୍ଟାଇନ୍ସ ଡେ'ରେ ଆତ୍ମହତ୍ୟା ଓ ଅବସାଦ ପ୍ରବଣତା ବଢୁଛି। ପ୍ରେମ ପରି ଏକ ଶାଶ୍ୱତ ଓ ପବିତ୍ର ଭାବନା କଳଙ୍କିତ ହେଉଛି।

ପାଶ୍ଚାତ୍ୟ ଦେଶର ଏହି 'ଭାଲେଣ୍ଟାଇନ ଡେ'କୁ ପାଳନରେ ବିଶ୍ୱର ୬ଟି ଦେଶ( ପାକିସ୍ତାନ, ଇରାନ, ସାଉଦି ଆରବ, ମାଲେସିଆ, ଇଣ୍ଡୋନେସିଆ, ଉଜବେକିସ୍ତାନ) ରେ ଖୁବ ବିରୋଧ କରାଯାଉଛି। ବିଶେଷ କରି ଆମର ପଡୋଶୀ ଦେଶ ପାକିସ୍ତାନରେ ଏଥିରେ ତୀବ୍ର ପ୍ରତିବନ୍ଧକ ଲାଗିଛି। ୨୦୧୮ ମସିହାରେ ସେଠାର ହାଇକୋର୍ଟ ଏହି ଦିବସର ପାଳନ ଓ ମିଡ଼ିଆ କଭରେଜରେ ରୋକ୍ ଲଗେଇଛି।

ଉଜବେକିସ୍ତାନ ନିଜ ଦେଶରେ ଭାଲେଣ୍ଟାଇନ୍ସ ଡେ ପରିବର୍ତ୍ତେ ବାବରଙ୍କ ଜନ୍ମ ଦିନ ପାଳୁଛି। ମାଲେସିଆରେ ଏହି ଦିବସ ପାଳନ ବିରୋଧରେ ୨୦୦୫ ମସିହାରେ ଫତୱା ଜାରି ହୋଇଥିଲା। ୨୦୧୪ରେ ସାଉଦି ଆରବରେ ଭାଲେଣ୍ଟାଇନ୍ସ ଡେ ପାଳିବା ନେଇ ୩୯ଜଣଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା।

ଆମ ଦେଶରେ ମଧ୍ୟ କିଛି ବର୍ଷ ହେବ ଭାଲେଣ୍ଟାଇନ୍ସ ଡେ ପାଳନ ପରିବର୍ତ୍ତେ ମାତୃ ପିତୃ ପୂଜନ ଦିବସ ପାଳନ ପାଇଁ ମତ ଉଠିଛି। ପିଲାମାନଙ୍କୁ ଭାଲେଣ୍ଟାଇନ ସଂସ୍କୃତି ନୁହେଁ ମାତାପିତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିର ପରମ୍ପରା ପ୍ରସାର ପାଇଁ କିଛି ଅନୁଷ୍ଠାନ ଓ ସାମାଜିକ କର୍ମୀଙ୍କ ଦ୍ୱାରା ଉତ୍ସାହିତ କରାଯାଇ ଗାଁ, ସହର, ଘରୋଇ ଓ ସରକାରୀ ବିଦ୍ୟାଳୟ ମାନଙ୍କରେ ମାତୃପିତୃ ପୂଜନ ଦିବସ ପାଳିତ ହେଉଛି।




କୁରୁମଟାଙ୍ଗର,
ମହୁଲପଡ଼ା, ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭


## କବିତା କୋଣାର୍କ

### ପ୍ରେମର ସ୍ୱୀକୃତି

**ସୁବ୍ରତ କୁମାର ଜେନା**

ଥରେ ଭାବିଲ କେବେ ଯଦି ଏ
ଆକାଶଟା
ତଳକୁ ଓଲ୍ହାଇ ଆସନ୍ତା ମାଟି
ପାଖକୁ
ଆଉ ମାଟିକୁ ଭିଜେଇ ଦିଅନ୍ତା
ପ୍ରେମର ବର୍ଷାରେ
ଦୁହେଁ ମନ ଭରି ବେଶ୍ କିଛି ସମୟ
ଉପଭୋଗ କରନ୍ତେ ସମୟକୁ
ନୀରବରେ
ଯେଉଁ ଆଡକୁ ଚାହାଁନ୍ତେ ସବୁଠି
ଗୋଲାପୀ ଗୋଲାପୀ ଆସ୍ତରଣ
ଗୋଲାପୀ ଧୂଆଁର ବଳୟ
ଆଉ ଶୁଭୁଥାନ୍ତା ପ୍ରେମ ସଙ୍ଗୀତର ମୃଦୁ
ଧ୍ୱନି
ଏମିତି କଣ ହୁଅନ୍ତାନି କେବେ
ବାସ୍ତବରେ ?

ମାଟି ସହ ବର୍ଷାର ସମ୍ପର୍କ ବହୁତ ନିବିଡ଼
କିଏ ନଜାଣେ କହିଲ ?
ଏଥିରେ ହଜିଯାନ୍ତି କବିଠୁ ଚିତ୍ରଶିଳ୍ପୀ ଯାଏଁ
ଖାଲି ସେଥି ଲାଗିତ
ଭିଜା ମାଟିର ବାସ୍ନା
ଆଃ..ତୃପ୍ତି ଭରିଦିଏ କୋଟି ପ୍ରାଣରେ
କେତେ ପୁଲକରେ
ଆଉ ବିଚରା ମୟୂରୀ
କେତେବା ନାଚିବ କଳା ମେଘକୁ
ଆକାଶରେ ଦେଖି ଦେଖି
ସେବି ଭାବିବସେ
କେବେ ବର୍ଷା ତାକୁ ନିଜର କରନ୍ତାନି
ଦଣ୍ଡେ, ମୁହୂର୍ତ୍ତେ ଅବା ଘଡ଼ିଏ ଲାଗି !
ସେବି ଅନୁଭବ କରନ୍ତା ପ୍ରେମର
ପୁଲକକୁ
ତା ପ୍ରିୟର ବାହୁ ବନ୍ଧନରେ..।

ଏତେ ସବୁ ପ୍ରେମର ରଙ୍ଗୀନ
ସମୟରେ
ମୁଁ ଆଉ ତୁମେ କୋଉଠି ?
ହଁ ମୁଁ ଜାଣେ ତୁମେ ଆଉ ମୁଁ
ଗୋଟେ ମୁଦ୍ରାର ଦୁଇଟି ପାର୍ଶ୍ୱ
ମିଳନ ଅସମ୍ଭବ
ତଥାପି ମୁଁ ହାରିଯାଇନାହିଁ ଏ
ପ୍ରତିକୂଳ ପରିବେଶରେ
ମୁଁ ଜାଣେ ସବୁ ପରେ ପ୍ରେମ ସତ୍ୟ
ଆଉ ସୁନ୍ଦର
ତୁମେ ନିଶ୍ଚିତ ଫେରିବ ଆରମ୍ଭକୁ ଖାଲି
ମୋଲାଗି
ଯେମିତି...ନଈ ଧାଇଁ ଯାଏ ସମୁଦ୍ର
ପାଖକୁ
ଆଉ ଜହ୍ନ ଚାହିଁଥାଏ ନୀଳ କଇଁକୁ
ସେଥିଲାଗି ମୁଁ ଜଗି ବସିଛି ତୁମ
ଫେରିବା ପଥରେ ପତୃଷ୍ଣା କାତର
ଚାତକ ପରି
ଗୋଟେ ସତ ପ୍ରେମର ସ୍ୱୀକୃତି
ଅପେକ୍ଷାରେ।


ଶୁରଡ଼ିହ, ନନ୍ଦିପୁର,ଯାଜପୁର
ମୋ:୯୭୭୬୨୦୮୯୩୦


### ଅପ୍ରତ୍ୟାଶିତ ପ୍ରେମ

**ସୁମନ ଲେଙ୍କା**

ମୁଁ ଚାହେଁ ନାହିଁ ତା ସହିତ
ପାଦରେ ପାଦ ମିଶେଇ
ଚାଲିବାକୁ ଜୀବନର ବାଟ
ମୁଁ ଚାହେଁ ନାହିଁ ଅନ୍ତରଙ୍ଗ ମୁହୂର୍ତ୍ତରେ
ତାର ଆଲିଙ୍ଗନ
କିନ୍ତୁ ସେ ମୋତେ ଭଲ ପାଏ
କ୍ଷଣେ ହେଲେ ଛାଡେନି ପାଖରୁ ।
ବେଳେ ବେଳେ ସେ ତାର
ବହୁରୂପୀ ହାତକୁ ମୋ ଆଡେ ବଢେଇ
ଦିଏ
ପ୍ରେମ ନିବେଦନ ଆଳରେ
ସେ ପ୍ରେମରେ ନଥାଏ ଛଳନା,
ନଥାଏ ପ୍ରତାରଣା, ଥାଏ କେବଳ
ଚିରନ୍ତନ ସତ୍ୟର ଦିବ୍ୟ ସ୍ମରଣିକା ।
ସେ ତାର ଥଣ୍ଡା ହାତକୁ ମୋ ଗରମ
ହାତ
ଉପରେ ରଖି କଥା ଦେଇ କହେ
ସାଙ୍ଗ ହୋଇ ରହିବାର ଆବାହନୀ ମନ୍ତ୍ର
କିନ୍ତୁ ମୁଁ ତାକୁ ଭଲ ପାଇପରେନା
ମୋ ସ୍ୱପ୍ନ ଭାଙ୍ଗିଯିବା ଭୟରେ
ଆଶା ଅପୂର୍ଣ୍ଣ ରହିଯିବା ଗ୍ଲାନିରେ ।
ତାର ସେ ପ୍ରେମ ଏକତରଫା ନୁହେଁ
ତା ପ୍ରେମରେ ନାହିଁ କୌଣସି ଦୈହିକ
କାମନା
ସେ ଜାଣେ ମୁଁ ମୋର ଉଲଗ୍ନ
ଶରୀରକୁ ଦିନେ
ଭେଟି ଦେବି ତା ପାଖରେ ।


ଅଲଣା-୨ ,ବଛାଳୋ, ନାଉଗାଁ,
ଜଗତସିଂହପୁର
ମୋ: ୭୮୪୮୦୬୨୫୧୦

# ନାଟକ 'ମାଧବ ସନ୍ଧାନେ': ଏକ ବିଶ୍ଳେଷଣ





ନାଟକର ଲେଖକ, ନିର୍ଦ୍ଦେଶକ, ଅଭିନେତା ଡ. ନରେନ୍ଦ୍ର ମିଶ୍ର



## ସୁଜାତା ମହାପାତ୍ର

ଜାନୁଆରୀ ୨୦୨୫ର ଅନ୍ତିମ ଦିନ,ଏକ ସୁନ୍ଦର ସନ୍ଧ୍ୟା। ସ୍ଥାନ : ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର । ଓଡିଶା ଭାଷା ଓ ସଂସ୍କୃତି ବିଭାଗ ତରଫରୁ ନାଟ୍ୟଶ୍ରୀ, ନାଟ୍ୟରତ୍ନ,ବିଶିଷ୍ଟ ମଞ୍ଚ ଓ ସିନେ ଅଭିନେତା ଡଃ:ନରେନ୍ଦ୍ର ମିଶ୍ରଙ୍କ ଲିଖିତ, ନିର୍ଦ୍ଦେଶିତ ଓ ଅଭିନୀତ ନାଟକ 'ମାଧବ ସନ୍ଧାନେ'ପୂର୍ଣ୍ଣ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେଉଥିଲା। କଳାକାରମାନଙ୍କ ପୋଖତ ଅଭିନୟ ସହଦର୍ଶକ ଗ୍ୟାଲେରୀରୁ ଉକୁଟି ଆସୁଥିବା ପ୍ରତିକ୍ରିୟାଶୀଳ ମନର ଦରଦ, ନାଟକଟିକୁ କେବଳ କଳାକାରଙ୍କ ଯାଏଁ ସୀମିତ ରହିବାକୁ ନଦେଇ ଦର୍ଶକମାନଙ୍କୁ ମଧ ନାଟକର ଏକ ଅଂଶ କରିସାରିଥିଲା। ଏ ସାମର୍ଥ୍ୟ ରଖନ୍ତି ବରିଷ୍ଠ ନାଟ୍ୟକାର ଡଃ:ନରେନ୍ଦ୍ର ମିଶ୍ର। ତେବେ ନାଟକ ଓ କଳାକାରମାନଙ୍କ ବିଷୟରେ ଆଉ ଅଧିକ ଆଲୋଚନା ନକରି ଜଣେ ଲେଖିକା ଭାବରେ ମୁଁ କାହାଣୀଟିର ଆଲୋଚନା କରିବାକୁ ଚାହିଁବି। ନାଟକର ନାଆଁରୁ ହଠାତ୍ ଜଣେ ଚିନ୍ତା କରି ପାରେ ଯେ, ଭକ୍ତଟିଏ ତା ଭଗବାନଙ୍କର ସନ୍ଧାନରେ ବାହାରିଛି । ଉକ୍ତିଟି କେତେକାଂଶରେ ଠିକ୍ ହେଲେ ମଧ ଏହାର ଅନ୍ତର୍ନିହିତ ଅଭିବ୍ୟକ୍ତିଟି ଖୁବ୍ ଜଟିଳ ।ଏହା ପୌରାଣିକ କଥାବସ୍ତୁ ନୀଳ ମାଧବ, ବିଶ୍ୱାବସୁ, ବିଦ୍ୟାପତି ଓ ଲଳିତାଙ୍କ ସହ ସମ୍ବନ୍ଧିତ ହେଲେ ସୁଦ୍ଧା ଐତିହାସିକ ପୃଷ୍ଠଭୂମିଟି ଏହି ସାମାଜିକ ନାଟକରେ ମୋତେ କେବଳ ଏକ ମେଟାଫର୍ ବା ପ୍ରତୀକାତ୍ମକ ହିଁ ବୋଧ ହେଲା । ନାଟକର ଲେଖକ ନିଜେ ଅବିଭକ୍ତ କୋରାପୁଟ ମାଟିର ସନ୍ତାନ ହୋଇଥିବାରୁ ତାଙ୍କ ଲେଖନୀ ଓ ଅଭିନୟ ମାଧମରେ ସେ ସେହି ଅଞ୍ଚଳବାସୀଙ୍କ ଅନୁଭବ ଓ ମନର କଥାକୁ ସମ୍ବେଦନଶୀଳତାର ସହବ୍ୟକ୍ତ କରିବାରେ ସଫଳ ହୋଇଛନ୍ତି ଯାହା କି ପୂର୍ଣ୍ଣ ପ୍ରେକ୍ଷାଳୟରେ ଉପସ୍ଥିତ ଶହ ଶହ ଦର୍ଶକଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟହେଉଥିଲା।

ନୀଳ ମାଧବଙ୍କ ସନ୍ଧାନରେ ବାହାରି ଥିବା ବିଦ୍ୟାପତି ଯଦି ବର୍ତ୍ତମାନର ସାମନ୍ତବାଦୀ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରନ୍ତି, ଆଦିବାସୀ ସରଳ ଝିଅ ଲଳିତା ଯୁଗ ଯୁଗରୁ ଠକି ହେଉଥିବା ଡଙ୍ଗରିଆ ମଣିଷଙ୍କର ପ୍ରତିନିଧି । ଯାହାକୁ ମିଛ ଛଳନାରେ ପ୍ରତାରିତ କରି ଆଜି ବି ଠକି ଚାଲିଛନ୍ତି ଚାଲାକ୍ ରାଜାଙ୍କର ପ୍ରତିନିଧିମାନେ। ଆଦିବାସୀଙ୍କର ଦେବତା, ସେମାନଙ୍କର ପାହାଡକୁ ଭାଙ୍ଗି ଈଶ୍ୱରଙ୍କ ମୂର୍ତ୍ତି ଗଢା ଚାଲିଛି, ମନ୍ଦିର ତିଆରି ହେଉଛି । ଆଦିବାସୀ ପୂଜା କରୁଥିବା ଜୀଅନ୍ତା ଗଛକୁ କାଟି ଆଣି ପ୍ରଭୁଙ୍କର ବିଗ୍ରହ ତିଆରି ହେଉଛି । କିଛି ଲୋକଙ୍କର ଧର୍ମୀୟ ଭାବନାକୁ ବଳ ଦେବା ପାଇଁ ଆଉ କିଛିଙ୍କର ମୌଳିକ ଧର୍ମୀୟ ଅଧିକାରକୁ ନାରଖାର କରି ଦିଆ ଯାଉଛି । ଠକି, ଭଣ୍ଡି ବା ଧମକ ଦେଇ ସେମାନଙ୍କ ଅଧିକାରକୁ ଛଡେଇ ନିଆଯାଉଛି । ଓ ଶେଷରେ !

ଆଦିବାସୀ ହୋଇଯାଉଛି ଅପାଙ୍କ୍ତେୟ, ଅଲୋଡା, ଅସ୍ପୃଶ୍ୟ, ଅଛବ । ପଣ୍ଡିତ ସେବକଙ୍କ ମେଳରେ ମାଧବଙ୍କର ଆଦ୍ୟ ସେବକ, ଜଗନ୍ନାଥଙ୍କ ପରିବାରର ମୂଳ ସଦସ୍ୟମାନେ ହୋଇଯାଉଛନ୍ତି ଯାତ୍ରୀ ବା ବିଦେଶୀ । ଶବର ରାଜା ବିଶ୍ୱାବସୁଙ୍କୁ ଆଉ ଖୋଜୁନାହିଁ ଏ ଜାତି ଇତିହାସ, ଖୋଜୁ ନାହାନ୍ତି ମଧ ଜଗନ୍ନାଥ ସଂସ୍କୃତିର ବଡ଼ ପଣ୍ଡାମାନେ । ବରଂ ମାଧବଙ୍କୁ ପାଗଳ ଭଳି ଖୋଜି ଖୋଜି ଶହ ଶହ ମାଇଲ୍ ରାସ୍ତା ଚାଲି ଚାଲି ଆସି ଜଗନ୍ନାଥ ଧାମରେ ପହଞ୍ଚିଥିବା ଆଦିବାସୀ ଶବରମାନଙ୍କୁ ନକ୍ସଲ ଓ ମାଓବାଦୀ କହି ଅଟକ ରଖା ଯାଉଛି ପୁରୀରୁ ଢେର୍ ଦୂରରେ । କାଳେ ଏମାନେ କାଳିଆ ସାଆନ୍ତଙ୍କ ଯାତ୍ରାରେ କିଛି ବିଘ୍ନ ଘଟାଇବାର ଯୋଜନା କରି ଆସିଛନ୍ତି କି ଆଉ ! ସଭ୍ୟତାର କି କ୍ରୁର ଅଟ୍ଟହାସ୍ୟ !

ନୀଳ ମାଧବ ଯାହାର ପ୍ରାଣର ଠାକୁର, ଯିଏ ବଣର କେବଳ ମିଠା ଫଳ ଚାଖି ଚାଖି ତାଙ୍କୁ ଖୁଆଇ ଦେଉଥିଲା, ଯେ ଦିନ ରାତି ତା'ରି ଆଶ୍ରିତ, ଯେ ନିଜେ ତା ପରିବାରର ମୁଖିଆ, ସେ ପୁଣି ତାର ଶତ୍ରୁ ! ଏକଥା ଆଦିବାସୀଟିଏ ପାଇଁ ଚିନ୍ତା କରିବାକୁ କି ଗ୍ରହଣ କରିବାକୁ ଅସମ୍ଭବ ହୋଇ ପାରେ ହେଲେ ଯେଉଁମାନେ ଛଳ, କପଟ କରି ଅନ୍ୟର ସର୍ବସ୍ୱ ଓ ଶେଷରେ ତାର ଆରାଧ୍ୟକୁ ମଧ ହରଣ କରି ନିଜ ଅଧିକାରରେ ରଖିଛନ୍ତି, ସେମାନଙ୍କ ପାଇଁ ଏଭଳି ଚିନ୍ତା ସାମାନ୍ୟ ଓ ସହଜ । ନାଟକରେ ମଧ ଏହି ସମାନ କଥାକୁ ଅତି ସହଜ ଭାବରେ ଦର୍ଶାଇ ଦେଇଛନ୍ତି କଳାକାରମାନେ । ଦଳ ଦଳ ଆଧୁନିକ ଅସ୍ତ୍ର ଶସ୍ତ୍ର ଯୁକ୍ତ ପୋଲିସ୍ ବାହିନୀ ହାତ ଗଣତି କିଛି ଆଦିବାସୀଙ୍କ କାନ୍ଧରେ ଓହଳୁଥିବା ଧନୁ, ତୀର କି ଟାଙ୍ଗିଆ, ବର୍ଚ୍ଛାକୁ ମାରଣାସ୍ତ୍ର କହି ସେମାନଙ୍କୁ ସହର ବାହାରେ ଅଟକ ରଖିବା ଆଦିବାସୀଙ୍କ ପ୍ରତି ବର୍ତମାନ ସମାଜର ସନ୍ଦେହି ମାନସିକତାକୁ ପ୍ରତୀକାତ୍ମକ ଭାବରେ ଦର୍ଶାଉଛି। ହେଲେ ସେ ତ ଭାବର ଠାକୁର ! ତାକୁ ଅବା କେଉଁ ଆଇନ୍ କି ରାଜା ବାନ୍ଧି ରଖି ପାରିବ । ମାଦଲ ଓ ତାସାର ତାଳରେ ତା ଅପାଦ ପାଦ କଣ ଢେମ୍ସା ନାଚିବାକୁ ବାଧ ହେବ ନାହିଁ ? ସେ ଓହ୍ଲାଇ ଆସିଛି ତା ରତ୍ନ ସିଂହାସନରୁ, ତା ନୀଳ କନ୍ଦରରୁ, ପଣ୍ଡିତ ଓ ରାଜ କର୍ମଚାରୀଙ୍କ ବେଢଣରୁ, ଶ୍ରୀମନ୍ଦିରରୁ, ବଡ ଦାଣ୍ଡରୁ । ଭକ୍ତଙ୍କ ଗହଳି, ମାଇକ୍ ଫଟା ଭଜନ, ଗର୍ଜନ, ପ୍ରବଚନରୁ ମୁକୁଳି ଆସି ସେ ଦୋଷୀଟିଏ ଭଳି ଠିଆ ହୋଇଛି ରାଜା ବିଶ୍ୱାବସୁଙ୍କ ଆଗରେ । ହଁ, ଦୋଷୀ ନୁହେଁ ତ ଆଉ କଣ? କିଏ ତାକୁ ନେବାକୁ ଚାହିଁଲେ କଣ ନେଇ ପାରନ୍ତା ? ସିଏ ପରା ମନୁଆ ଠାକୁର ! ସାଥିରେ ଗଲା ବୋଲି ସିନା ଗଜପତି ନେଇ ପାରିଲା । ତେଣୁ ଦୋଷୀ ସେଇ ଶବର ପୁଅ କାଳିଆ ନୀଳ ମାଧବ । ଯିଏ ନାହିଁ ସିଏ ଡାକିଲା ବୋଲି ତା ଘର ଲୋକଙ୍କୁ ଅନାଥ କରି ଚାଲିଯିବ ? ଖୁବ୍ ରାଗିଛି ରାଜା ବିଶ୍ୱାବସୁ, ଅଭିମାନ କରୁଛି, ବିକଳରେ କାନ୍ଦୁଛି, ନେହୁରା ହେଉଛି, ଅନୁନୟ କରୁଛନ୍ତି ଡଙ୍ଗରିଆମାନେ । ଭକ୍ତ, ଭଗବାନ ସମସ୍ତେ ଏଠି ଏକା ଭାବ, ଏକା ରୂପ । ଏଠି ଈଶ୍ୱର କିଏ ? ସେ ବି ତ ତା ପରିବାରର ଜଣେ ସଦସ୍ୟ । ଅନେକ ବର୍ଷ ପରେ ଯାହାକୁ ଫେରେଇ ନେବା ପାଇଁ ସେମାନେ ଆସି ପହଞ୍ଚିଛନ୍ତି ସୁଦୂର ପୁରୀ ଧାମରେ । ତାଙ୍କ ପ୍ରଭୁଙ୍କର ଠିକଣା ଦେଇ, ସେମାନଙ୍କୁ ଏଠାରେ ପହଞ୍ଚିବାରେ ସାହାଯ୍ୟ କରିଥିବା ବିଶ୍ୱ ବିଦ୍ୟାଳୟର ଦୁଇ ଛାତ୍ର ଛାତ୍ରୀଙ୍କୁ ମାଓବାଦୀଙ୍କ ସମର୍ଥକ ଭାବରେ ପୋଲିସ୍ ଆଗରୁ ଗିରଫ କରି ସାରିଲାଣି । ହେଲେ ସେମାନେ ନିଜ ଜିଦ୍ ରେ ଅଟଳ। ମାଧବକୁ ସାଥିରେ ନ ନେଇ ସେଠୁ ଘୁଞ୍ଚିବେ ନାହିଁ । ବିଶ୍ୱାବସୁଙ୍କ ଚରିତ୍ରରେ ଅଭିନୟ କରିଥିବା ଡଃ : ମିଶ୍ରଙ୍କ ଅଭିନୟ ଯେତିକି ଜୀବନ୍ତ ଥିଲା ସାଥୀ କଳାକାରଙ୍କର ଅଭିନୟ ସେତିକି ଚିତ୍ତାକର୍ଷକ। ଉପସ୍ଥିତ ଦର୍ଶକ ମଧ କାନ୍ଦୁଥିଲେ ମାଧବଙ୍କୁ ନେହୁରା ହୋଇ ।

ମାଧବ ବି ଜାଣେ ଏ ସରଳ ଆଦିବାସୀଙ୍କୁ ସେମାନଙ୍କ ପରିବାରର ଜଣେ ହୋଇ ବୁଝାଇଦେବା ଅଧିକ ସହଜ । ବିଶ୍ୱାବସୁଙ୍କ ବିଶ୍ୱାସ ଖୁବ୍ ଶସ୍ତା । ତେଣୁ ସେ ଶବର ରାଜାଙ୍କୁ ବୁଝାଇ ଦେଇଛନ୍ତି, ସେମାନେ ନ ଚାହିଁଲା ଯାଏଁ ସେ ପାଦେ ହେଲେ ହଲିବେ ନାହିଁ ।ରଥଯାତ୍ରାରେ ବିଘ୍ନ ଘଟି ସାରିଛି । ପଣ୍ଡା, ଭକ୍ତ ଓ ମହାପ୍ରଭୁଙ୍କର ଆଦ୍ୟ ସେବକ ବୋଲାଉଥିବା ଗଜପତି ସମସ୍ତେ ପ୍ରଭୁଙ୍କୁ ଖୋଜି ଖୋଜି ଆସି ଆଦିବାସୀଙ୍କ ମେଳରେ ଉପସ୍ଥିତ । ସେମାନେ ପ୍ରଭୁଙ୍କୁ ପାଛୋଟି ନେବାକୁ ଚାହାଁନ୍ତି। ବିଶ୍ୱାବସୁଙ୍କୁ ବିନତି କରୁଛନ୍ତି ପ୍ରଭୁଙ୍କୁ ଫେରାଇ ଦେବାକୁ ।


ବିଶ୍ୱାବସୁ ଆଦିବାସୀ ଶବର ଓ ରାଜା । ରାଜା କେବଳ ଦେଇ ଜାଣେ, ଛଡ଼ାଇ ଆଣିବା ତାର ପ୍ରକୃତି ନୁହେଁ।ସେ ତା ମାଧବକୁ ଅନୁମତି ଦେଇଛି, ନିଜ ଇଛା ମୁତାବକ ପ୍ରତିଷ୍ଠିତ ହେବା ପାଇଁ । ତା ମାଧବର ହାତ ଧରି ସେ ବିଦା କରୁଛି ବିବାହିତ ଝିଅଟିଏର ପିତା ଭଳି । ଉଭୟେ ଗଜପତି ଓ ବିଶ୍ୱାବସୁ ଏକାଠି ପାଛୋଟି ନେଉଛନ୍ତି ଜଗନ୍ନାଥଙ୍କୁ ତାଙ୍କ ଅପେକ୍ଷାରତ ଭକ୍ତଙ୍କ ଯାଏଁ ।

ଆରମ୍ଭରୁ ଶେଷ ଯାଏଁ ନାଟକଟି ଯେତିକି ମନୋରଞ୍ଜନ ଧର୍ମୀ, ସେତିକି ମଧ ଚେତନା ଉଦ୍ରେକକାରୀ। ଯେଉଁ ବିଶ୍ୱାବସୁ ଓ ଶବର ପଲ୍ଲୀ ଜଗନ୍ନାଥଙ୍କର ଏନ୍ତୁଡ଼ି ଶାଳ, ଇତିହାସ ଓ ଗବେଷକମାନେ ତାକୁ ନେଇ ଏତେ ଚୁପ୍ କାହିଁକି ? ଅସହ୍ୟ ଏ ନିରବତା ! ପ୍ରଥମ ଗଜପତିଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଠାକୁର ରାଜାଙ୍କ ଯାଏଁ ଓଡ଼ିଶାର ସମସ୍ତ ଗଜପତିଙ୍କ ବିଷୟରେ ସବିଶେଷ ତଥ୍ୟ ଓ ଜ୍ଞାନ ରଖିଥିବା ଆମ ଜଗନ୍ନାଥ ସଂସ୍କୃତିର ଆଲୋଚକମାନେ ଆଜି ସୁଦ୍ଧା ଶବର ରାଜ୍ୟ ଓ ବିଶ୍ୱାବସୁଙ୍କର ଅବସ୍ଥିତି କି ବଂଶଧରମାନଙ୍କ ବିଷୟରେ ସଠିକ୍ ଠିକଣା ଦେଇ ପାରୁନାହାନ୍ତି କାହିଁକି ? ଏ ନିରବତା ଅନେକ କିଛି ଗୋପନୀୟ ତଥ୍ୟ ଓ ସତ୍ୟକୁ ଚାପି ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ ତ? ଗଜପତି ପ୍ରଭୁଙ୍କୁ ବର ମାଗିଥିଲେ ନିର୍ବଂଶ ହେବା ପାଇଁ, ହେଲେ ଆଜି ବି ଜଣେ ଗଜପତି ହିଁ ଜଗନ୍ନାଥଙ୍କ ଆଦ୍ୟ ସେବକ । ହୁଏତ ଏ ସେବା ତାଙ୍କ ଅଧିକାର, ହେଲେ ଶବରଙ୍କର ନିଜ ପ୍ରଭୁଙ୍କ ଉପରେ କଣ କିଛି ଅଧିକାର ନାହିଁ ? ବିଦ୍ୟାପତି ପୂର୍ବରୁ ବିବାହିତ ଥିବା ହେତୁ ଶବର ଝିଅ ଲଳିତାକୁ ନିଜ ରକ୍ଷିତା କରି ରଖିଲେ । କି ଅନ୍ୟାୟ, ଶଠତା ଓ ଅପମାନର ଶିକାର ହୋଇଛନ୍ତି ଲଳିତା ! ସେମାନଙ୍କ ବଂଶଧର ବର୍ତ୍ତମାନ ସୁଦ୍ଧା ଜଗନ୍ନାଥଙ୍କର କିଛି ସେବା (ରଥଯାତ୍ରା, ଅଣସରଘର ଓ ନବ କଳେବର ସମୟର ଗୁପ୍ତ ସେବା)ର ଅଧିକାର ପାଇଛନ୍ତି ସତ, ହେଲେ ପ୍ରକୃତ ଶବର ପଲ୍ଲୀର ଆଦିବାସୀ ଶବର ଏବେ ସୁଦ୍ଧା ଅପରିଚିତ, ଅଲୋଡା, ଆଖୋଜା ହୋଇ ଜୀବନ ବିତାଉଥିବେ କେଉଁ ଏକ ଅଜଣା ଅନ୍ଧାରୀ ପାହାଡ ଗୁମ୍ଫା କି ଜଙ୍ଗଲ ଭିତରେ । ସେମାନଙ୍କୁ ଖୋଜା ଯାଉ ନାହିଁ କାହିଁକି ? ଅଧିକାର ଫେରେଇବା ଡରରେ ?

ଏଭଳି ଅନେକ ପ୍ରଶ୍ନର ଉତ୍ତର ଏବେ ସୁଦ୍ଧା ଉତ୍କଳର ମାନଚିତ୍ରରେ ଶବର ପଲ୍ଲୀର ଭୌଗଳିକ ସ୍ଥିତି ଭଳି ଅସ୍ୱଷ୍ଟ ଓ ଅଦୃଶ୍ୟ । ଜଗନ୍ନାଥଙ୍କୁ ଜଗତକୁ ସମର୍ପିବାର ଅଧିକାର କେବଳ ଆଦିବାସୀ ଶବରଙ୍କର ଥିଲା ସାମନ୍ତବାଦୀ ରାଜାଙ୍କର ନୁହେଁ ।ସେ ଭକ୍ତର ଭଗବାନ, ଭାବର ଠାକୁର । ଆଜି ବି ଘଞ୍ଚ ଜଙ୍ଗଲ ଭିତରେ ଖଣ୍ଡେ ପଥରକୁ ମାଧବ ବୋଲି ପୂଜା କରୁଥିବା ତା ସରଳ ଆଦିବାସୀ ଶବର ଭକ୍ତଙ୍କ ନିକଟକୁ ଯେ ସେ ଫେରି ଯିବ ନାହିଁ ଏ କଥା କିଏ ବା କହି ପାରିବ !


+ଶିବାନୀ ଏନକ୍ଲେଭ
ବମିଖାଲ କେନାଲ ରୋଡ
ଭୁବନେଶ୍ୱର, ୭୫୧୦୧୦


# ଆରମ୍ଭ ହୋଇଗଲାଣି ପରୀକ୍ଷା ଋତୁ: ପାଠପଢ଼ା ପାଇଁ ଟିପ୍ସ ଦେଲେ ଦୀପିକା



ଗତ ମଙ୍ଗଳବାର ଦିନ 'ପରୀକ୍ଷା ପେ ଚର୍ଚ୍ଚା ୨୦୨୫'ର ଦ୍ୱିତୀୟ ଏପିସୋଡର ଲାଇଭ୍ ଷ୍ଟ୍ରିମ୍ ହୋଇଥିଲା। ଏହି ଏପିସୋଡ୍‌ରେ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଛାତ୍ରଛାତ୍ରୀମାନଙ୍କ ସହିତ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ଗୁରୁତ୍ୱ ବିଷୟରେ କଥା ହୋଇଥିଲେ। ଏହି ଏପିସୋଡ୍ ଶିକ୍ଷା ମନ୍ତ୍ରଣାଳୟ, ମାଇଗଭରମେଣ୍ଟ ଇଣ୍ଡିଆ ଏବଂ ପିଏମମୋଦୀ ୟୁଟ୍ୟୁବ ଚ୍ୟାନେଲ ଏବଂ ଦୂରଦର୍ଶନ ଚ୍ୟାନେଲରେ ଉପଲବ୍ଧ ରହିଛି ।ଦୀପିକା ପାଦୁକୋନ ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ଏକ ସ୍ମିତହାସ୍ୟ ଦେଇ ସ୍ୱାଗତ କରିଥିଲେ। ସେ ତାଙ୍କ ପିଲାଦିନର ଏକ ମଜାଦାର କାହାଣୀ ମଧ ସମସ୍ତଙ୍କ ସହିତ ସେୟାର କରି କହିଥିଲେ, 'ମୁଁ ପିଲାଦିନେ ବହୁତ ଦୁଷ୍ଟ ଥିଲି।' ମୁଁ ସବୁବେଳେ ଟେବୁଲ, ଚେୟାର ଏବଂ ସୋଫା ଉପରେ ଚଢ଼ି ଡିଆଁ ଡେଇଁ କରିଥାଏ। ପରୀକ୍ଷା ପାଇଁ ପ୍ରସ୍ତୁତି କରିବାର ମୋ ଅଭିଜ୍ଞତା ବିଷୟରେ କହିଲେ ମୁଁ କହିବି କହିଲେ, 'ପରୀକ୍ଷା ସମୟରେ ମୁଁ ବହୁତ ଚାପ ଅନୁଭବ କରୁଥିଲି, ବିଶେଷକରି ଗଣିତରେ ମୋତେ ବହୁତ ଅସୁବିଧା ହେଉଥିଲା ମୁଁ ଏବେ ବି ଏହି ବିଷୟକୁ ଭୟ କରେ।' 'ଚାପ ଅନୁଭବ କରିବା ସ୍ୱାଭାବିକ ଏବଂ ଏହା ଜୀବନର ଏକ ଅଂଶ।' ଆମେ ଏହାକୁ କିପରି ପରିଚାଳନା କରିବା ତାହା ଗୁରୁତ୍ୱପୂର୍ଣ୍ଣ... ହୋଇଥାଏ। ପରୀକ୍ଷା ଏବଂ ଫଳାଫଳ ବିଷୟରେ ଧର୍ଯ୍ୟ ରଖିବା ଗୁରୁତ୍ୱପୂର୍ଣ୍ଣ... ଆମେ କେବଳ ତାହା କରିପାରିବା ଯାହା ଆମ ନିୟନ୍ତ୍ରଣରେ ଅଛି, ଆମେ ଭଲ ନିଦ ପାଇପାରିବା, ଭଲ ପାଣି ପିଇପାରିବା, ବ୍ୟାୟାମ କରିପାରିବା ଏବଂ ଧ୍ୟାନ କରିପାରିବା।'

# ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍‌ର ସମସ୍ତ ଏପିସୋଡ୍ ଡିଲିଟ୍ କଲେ ସମୟ ରୈନା

ହାସ୍ୟ ଅଭିନେତା ସମୟ ରୈନା ବୁଧବାର ତାଙ୍କ ସୋ'କୁ ନେଇ ହୋଇଥିବା ବିବାଦ ଉପରେ ନୀରବତା ଭଙ୍ଗ କରିଛନ୍ତି। ତାଙ୍କ ସୋ' ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍‌ର ଏକ ସାମ୍ପ୍ରତିକ ଏପିସୋଡ୍ ?ରେ ପ୍ରଦର୍ଶିତ ଅଶ୍ଳୀଳ ହାସ୍ୟରସକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏବେ ସେ ଏହାକୁ ନେଇ



କହିଛନ୍ତି କି ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ହସାଇବା।

ସେ ଆହୁରି ବି ଲେଖିଛନ୍ତି କି ''ଯାହା ସବୁ ଘଟୁଛି ତାହାକୁ ସମ୍ଭାଳିବା ମୋ ପାଇଁ ଏବେ ଖୁବ୍ ଅଧିକ ହୋଇଯାଉଛି। ମୁଁ ମୋ ଚ୍ୟାନେଲ୍‌ରୁ ସମସ୍ତ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍ ଭିଡିଓ ହଟାଇ ଦେଇଛି। ମୋର ଏକମାତ୍ର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ହସାଇବା ଏବଂ ଭଲ ସମୟ ବିତାଇବା। ସେମାନଙ୍କର ତଦନ୍ତ ନିରପେକ୍ଷ ଭାବରେ ସମାପ୍ତ କରିବା ପାଇଁ ମୁଁ ସମସ୍ତ ଏଜେନ୍ସିଗୁଡ଼ିକୁ ପୂର୍ଣ୍ଣ ସହଯୋଗ କରିବି। ଧନ୍ୟବାଦ।''

ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍‌ର ଶେଷ ଏପିସୋଡ୍ ପ୍ରସାରିତ ହେବାର ତିନି ଦିନ ପରେ ରାଇନାଙ୍କ ମନ୍ତବ୍ୟ ଆସିଛି, ଯେଉଁଠାରେ ୟୁଟ୍ୟୁବର ରଣବୀର ଆଲ୍ଲାବାଦିଆଙ୍କ ଦ୍ୱାରା ପିତାମାତାଙ୍କ ଉପରେ କରାଯାଇଥିବା ମଜାକ ଏକ ବଡ଼ ହଙ୍ଗାମା ସୃଷ୍ଟି କରିଥିଲା।

ଉଲ୍ଲେଖଯୋଗ୍ୟ, ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ପରିଚାଳିତ ୟୁଟ୍ୟୁବ୍ ରିୟଲିଟି ସୋ''ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଅଧ୍ୟାୟକୁ ରଣବୀର ଅତିଥି ହୋଇ ଯାଇଥିଲେ। ଏହି ସମୟରେ ସେ ଜଣେ ପ୍ରତିଯୋଗୀଙ୍କୁ ପ୍ରଶ୍ନ କରିଥିଲେ, 'ତୁମେ କ'ଣ ତୁମ ବାପାମାଙ୍କୁ ଜୀବନସାରା ପ୍ରତିଦିନ ଶାରୀରିକ ସମ୍ପର୍କ ରଖୁଥିବାର ଦେଖିବାକୁ ପସନ୍ଦ କରିବ ନା ଥରେ ଏଥିରେ ସାମିଲ ହୋଇ ସବୁଦିନ ପାଇଁ ବନ୍ଦ କରିଦେବ?' ତାଙ୍କର ଏହି ପ୍ରଶ୍ନ କାହାକୁ ପସନ୍ଦ ଆସିନଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୟୁଟ୍ୟୁବ୍ ଏବେ ସେହି ଭିଡିଓକୁ ଡିଲିଟ୍ କରିଦେଇଛି।

# ଓଡ଼ିଶାର କଳା ଓ ସଂସ୍କୃତି ସବୁଠୁ ଶୀର୍ଷରେ: ପ୍ରଶାନ୍ତ ସାହୁ

ଓଡ଼ିଶାର କଳା, ସାହିତ୍ୟ,ସଂସ୍କୃତି ଐତିହ୍ୟ, ପରମ୍ପରା, ଶିକ୍ଷା ଓ ଆଧ୍ୟାତ୍ମିକ ଚିନ୍ତା ଚେତନା ମଧ୍ୟରେ ଯିଏ ସଦା ସର୍ବଦା ଆଲୋଚନା କରନ୍ତି ସେ ହେଉଛନ୍ତି ପ୍ରଶାନ୍ତ କୁମାର ସାହୁ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମ ଠାରେ ଶ୍ରୀ ସାହୁ ୧୯୯୪ ମସିହାରେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ସୁବାସ ଚନ୍ଦ୍ର ସାହୁ ଓ ମାତା ପାର୍ବତୀ ସାହୁ। ତାଙ୍କର ଭାଇ ସୂର୍ଯ୍ୟ କାନ୍ତ ସାହୁ ଓ ଭଉଣୀ ସୁଭଦ୍ରା ସାହୁ। ଶହୀଦ ସ୍ମୃତି ଉଚ୍ଚ ବିଦ୍ୟାଳୟ ଇରମ ରୁ ମାଟ୍ରିକ ପାସ କରି ପ୍ରଶାନ୍ତ ଶହୀଦ ମହାବିଦ୍ୟାଳୟ ବାରାପୁର ରେ ଯୁକ୍ତ ଦୁଇ ପଢ଼ିଲେ। ଯୁକ୍ତ ତିନି ପଢ଼ିଲେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ। ପ୍ରଶାନ୍ତ ଭଦ୍ରକ କଲେଜରେ ପଢୁଥିବା ବେଳେ ସେଣ୍ଟ୍ରାଲ ହଷ୍ଟେଲ ରେ ରହୁଥିଲେ ଓ ପାଠ ପଢ଼ିବା ପାଇଁ ସୁନ୍ଦର ପରିବେଶ ପାଇଥିଲେ। ସି ଟି ଟ୍ରେନିଂ ନେଲେ ଭଦ୍ରକ ଜିଲ୍ଲାର ପାହି ମହୁରାରେ ଓ ବି ଇ ଡି ପଢ଼ିଲେ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱ ବିଦ୍ୟାଳୟ ରେ। ବର୍ତ୍ତମାନ ପ୍ରଶାନ୍ତଙ୍କର ପୋଷ୍ଟ ଗ୍ରାଜୁଏସନ୍ସାଲିଛି ଇତିହାସ ବିଭାଗ ରେ। ପୂର୍ବରୁ ସେ ମୟୂରଭଞ୍ଜ ରେ ଅପର ପ୍ରାଇମେରୀ ଟିଚର ଥିଲେ। ବର୍ତ୍ତମାନ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ ପ୍ରଶାନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଛନ୍ତି। କଳା ସଂସ୍କୃତି ସମ୍ପର୍କରେ ସେ କୁହନ୍ତି ଓଡ଼ିଶାର କଳା ସଂସ୍କୃତି ସବୁଠୁ ଶୀର୍ଷରେ ରହିଛି। ଯାହା ଜୀବନରେ ଆଦୌ ଭୁଲି ହେବ ନାହିଁ। ପାଞ୍ଚଟି ନାଟକରେ ସେ ଅଭିନୟ କରିଛନ୍ତି। ଅନେକ କବିତା ସେ ଲେଖି ଛନ୍ତି। ତାଙ୍କର ଏକ କବିତା ପୁସ୍ତକ ଖୁବ୍ ନିକଟରେ ପ୍ରକାଶ ପାଇବ ବୋଲି ସେ ପ୍ରକାଶ କରିଛନ୍ତି। ବ୍ଲକ୍ ସ୍ତରୀୟ ଭାଷଣ ପ୍ରତିଯୋଗୀତାରେ ଶ୍ରୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଖୁବ୍ ପ୍ରକୃତି ପ୍ରେମୀ ମଣିଷ କ୍ଷ ପରିବେଶ ସୁରକ୍ଷା କରିବା ପାଇଁ ପ୍ରଶାନ୍ତ ଅନେକ ସମୟରେ ବୃକ୍ଷ ରୋପଣ କରି ଥାଆନ୍ତି। ପ୍ରଶାନ୍ତ ସମାଜ ପାଇଁ ବାର୍ତ୍ତା ଦିଅନ୍ତି ସମସ୍ତେ ଆଧ୍ୟାତ୍ମିକ ଚିନ୍ତାଧାରା ମଧ୍ୟରେ ରହିଲେ ମନ ଓ ହୃଦୟ ଠିକ୍ ରହିବ ଓ ସମଗ୍ର ବିଶ୍ୱର କଲ୍ୟାଣ ହେବ। ପ୍ରଶାନ୍ତ ତାଙ୍କର ଏକ କବିତାରେ ଲେଖିଛନ୍ତି ନୃତ୍ୟ ସଙ୍ଗୀତ କ୍ରୀଡ଼ା ରତି, ରସିବ ଜନ ମନେ ପ୍ରୀତି। ରଣ କରିଣ ହେବ ଭୋଗ, ବଢିବ ନାନା ବିଧି ରୋଗ। ଜ୍ଞାନ ଗହ୍ୱର ହେବ କ୍ଷତ, ଅଳ୍ପ ଆୟୁଷେ ଯିବ ପ୍ରାଣ। ବର୍ତ୍ତମାନର ସମାଜକୁ ଦେଖି ପ୍ରଶାନ୍ତ କୁହନ୍ତି ବର୍ତ୍ତମାନ ମଣିଷ ପାଖରେ ମାନବିକତା ଓ ମୌଳିକତା ହଜି ଯାଉଛି। ଅନେକ ଧନ ସମ୍ପତ୍ତି ରଖିଥିବା ମଣିଷ ଦେଖା ଯାଉଛନ୍ତି କିନ୍ତୁ ଭଲ ମଣିଷ ମିଳିବା କଷ୍ଟକର ହୋଇ ପଡ଼ିଛି। ଈଶ୍ୱର ଙ୍କୁ ପାଇବା ପାଇଁ ଆଧ୍ୟାତ୍ମିକ ଚିନ୍ତାଧାରା ରେ ଚାଲିବା ଉଚିତ୍। ମହାତ୍ମା ଗାନ୍ଧୀ , ଉତ୍କଳ ମଣି ଗୋପବନ୍ଧୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଶ୍ରୀ ସାହୁଙ୍କୁ ଭଲ ଲାଗେ। ଭକ୍ତ କବି ମଧୁସୂଦନ ରାଓ, ସନ୍ଥ କବି ଭୀମ ଭୋଇ, ନାରୀ କବି କୁନ୍ତଳା କୁମାରୀ ସାବତ,ଜାତୀୟ କବି ବାଞ୍ଛାନିଧି ମହାନ୍ତି, କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର, ବ୍ୟାସ କବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟଙ୍କ ସାହିତ୍ୟ ସୃଷ୍ଟି ପ୍ରଶାନ୍ତ ଙ୍କୁ ଖୁବ୍ ଭଲ ଲାଗେ । ସାଧୁ ସନ୍ନ୍ୟାସୀ ଓ ମହା ପୁରୁଷ ଙ୍କୁ ସେ ସ୍ୱପ୍ନରେ ଦେଖନ୍ତି। ଶ୍ରୀ ସାହୁ ସମସ୍ତଙ୍କୁ ହସ ହସ ମୁହଁ ଓ ମିଠା ମିଠା କଥାରେ ଆପଣାର କରି



ନିଅନ୍ତି। ତାଙ୍କର ସମସ୍ତ ସ୍ୱପ୍ନ ସାର୍ଥକ ହେଉ। ଈଶ୍ୱରଙ୍କ କୃପାରୁ ପ୍ରଶାନ୍ତଙ୍କର ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ। ଆମର ଏତିକି କାମନା।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ଜୀବନ ଓ ସମୟ ମଣିଷର ଶ୍ରେଷ୍ଠ ଗୁରୁ

ମାଲକାନଗିରି, ୧୩/୨ (ନି.ପ୍ର): ମାଲକାନଗିରି ବ୍ଲକ ଏସ ତଣ୍ଡାପାଲି ପଂଚାୟତ ଅନ୍ତର୍ଗତ ଏମଭି ୧୬ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମାଲକାନଗିରି ବିଧାୟକ ପ୍ରତିନିଧି ସତ୍ୟସରଣ ପାଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାହିତ୍ୟଏକାଡେମି ସଦସ୍ୟ ସାମ୍ବାଦିକ ରତ୍ନାକର ଦାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ ଗୌରଙ୍ଗ ସାଜନ,ରାଜ୍ୟ ଶିକ୍ଷକ ସଂଘ ଉପସଭାପତି ରଞ୍ଜିତ ନାୟକ, ଏବିଇଓ ଅଶ୍ୱିନୀ ମାଝୀ, କୋରକୁଣ୍ଡା ବ୍ଲକ ଶିକ୍ଷକ ସଂଘ ସଭାପତି ଅରବିନ୍ଦ ଜେନା,ଶିକ୍ଷକ ବିକାଶ କୁମାର ସେଠି ଓ ବିଦ୍ୟାଳୟ କମିଟି ସଭାପତି ସୁଧାଂଶୁ ଶେଖର ଯୋଗ ଦେଇଥିଲେ । ପ୍ରଥମେ ଅତିଥିମାନେ ପ୍ରଭୂଶ୍ରୀ ଜଗନ୍ନାଥ ଙ୍କ ପ୍ରତିମୂର୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ବାର୍ଷିକ ବିବରଣୀ ପାଠ ସହ ଉତ୍ସବ ର ଆଭିମୁଖ୍ୟ ସମ୍ପର୍କ ରେ ସୂଚନା ଦେଇଥିଲେ । ଶିକ୍ଷକସଂଘ ଉପଦେଷ୍ଟା ପ୍ରଦୀପ କୁମାର ଦଳେଇ ମଂଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜୀବନ ଓ ସମୟ ମଣିଷର ସର୍ବଶ୍ରେଷ୍ଠ ଗୁରୁ, ଜୀବନ ଆମକୁ ସମୟ ଉପଯୋଗ କରିବା ଶିଖାଏ ଓ ସମୟ ଆମକୁ ଜୀବନର ମୂଲ୍ୟ ବତାଏ, ଆଜିର ଶିଶୁ କାଲିର ନାଗରିକ, ଶିଶୁ ହସିଲେ ଦୁନିଆ ହସିବ ବୋଲି ମୂଖ୍ୟ ବକ୍ତା ଶ୍ରୀ ଦାଶ କହିଥିଲେ।ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟତ୍ରୀ ସାବିତ୍ରୀ ଦେବନାଥ ଓ ଅନୁ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ସୁଲେଖା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮କୋଟି ୮୧ଲକ୍ଷ ୮ହଜାର ୫୮୦ ଟଙ୍କା ପାଇଲେଣି ୧୮୬୭୩ ଚାଷୀ

ପୁରୀ, ୧୩/୨ (ନି.ପ୍ର): ପୁରୀ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକରେ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହ କୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ ସମବାୟ ସମିତିର କର୍ମକର୍ତା ଓ ଆର ଏମ ସି ପକ୍ଷରୁ କୃଷକ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।ଜିଲ୍ଲାର କୃଷକ ମାନେ ଧାନ ବିକ୍ରି ରେ ଯେପରି କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଯୋଗାଣ ବିଭାଗ କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକ ଙ୍କ ଠାରୁ ୧୧୬୮୬୦୨ କ୍ୱିଂଟାଲ ୯୪ କି.ଗ୍ରା ଧାନ ସଂଗ୍ରହ ର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଚଳିତ ମାସ ୧୨ ତାରିଖ ସୁଦ୍ଧା ଖୋଲା ଯାଇଥିବା ସମସ୍ତ ୧୮୭ ଟି ମଣ୍ଡିରେ ୨୧୭୩୩ କୃଷକ ଙ୍କ ଠାରୁ ୮୯୭୪୮୩ କ୍ୱିଂଟାଲ ୯୮ କି.ଗ୍ରା ଧାନ ସଂଗ୍ରହ ହୋଇଛି।୨୦୧୦୨ ଜଣ କୃଷକ ଙ୍କୁ ୧୯୨୫୭୮୦୩୪୦ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଛି। ୧୮୬୭୩ କୃଷକ ୧୮୦୦୮୧୮୫୮୦ ଟଙ୍କା ପାଇଛନ୍ତି। ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି।

# ‘ସେଲ୍ ସାବାସ’ ଯୋଜନା ଅଧୀନରେ ରାଉରକେଲା ଇସ୍ପାତ କାରଖାନାର ବିତ୍ତ ଓ ଲେଖା ବିଭାଗର ବରିଷ୍ଠ ଅଧିକାରୀ ପୁରସ୍କୃତ



ରାଉରକେଲା, ୧୩/୨ (ନି.ପ୍ର): ଫେବୃଆରୀ ୧୧ ତାରିଖରେ ଇଡି ଏଫ୍ ଆଣ୍ଡ ଏ କାର୍ଯ୍ୟାଳୟର ଚିନ୍ତନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବିତ୍ତ ଓ ଲେଖା ବିଭାଗର ତିନି ଜଣ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ପାଇଁ 'ସେଲ୍ ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଆରଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ କାର୍ଯ୍ୟକ୍ରମରେ ଅଧକ୍ଷତା କରି ବରିଷ୍ଠ ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଶ୍ରୀ ରାଜେଶ ଦାସଗୁପ୍ତା ଏବଂ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ସାବାଶ ପୁରସ୍କାର ବିଜେତା ମାନେ ହେଉଛନ୍ତି ବିତ୍ତ ଓ ଲେଖା ବିଭାଗର ଜିଏମ ଶ୍ରୀ ଏନ କାମେଶ୍ୱର ରାଓ, ଶ୍ରୀ ଦିବାକର ପରିଡା ଏବଂ ଶ୍ରୀ ସମୀର କୁମାର ରାୟ। ଶ୍ରୀ ରାଓ ଏବଂ ଶ୍ରୀ ପରିଡା ସାବାସ ଯୋଜନାର ବର୍ଗ-୧ ଅନ୍ତର୍ଗତ ପୁରସ୍କୃତ ହୋଇଥିଲା ବେଳେ ଶ୍ରୀ ରାୟଙ୍କୁ ବର୍ଗ-୨ ଓ ଅଧୀନରେ ୫୦୦୦ ଟଙ୍କା ପୁରସ୍କାର ରାଶି ସହିତ ପୁରସ୍କୃତ କରାଯାଇଥିଲା।

ସ୍ୱୟଂଚାଳିତ ଇନଭଏସ୍ ପ୍ରକ୍ରିୟାକରଣ (ଆରଜେସି) ସିଷ୍ଟମ କାର୍ଯ୍ୟକାରୀ କରିବା, ୧୦ ହଜାର କର୍ମଚାରୀ ଏବଂ ପୂର୍ବତନ କର୍ମଚାରୀଙ୍କ ଅଧିକ ପେନସନ ପାଇଁ ସମସ୍ତ ତଥ୍ୟ ସଫଳତାର ସହ ଆରପିଏଫସିକୁ ଦାଖଲ କରିବା ଏବଂ ବୋଲାଣି ଭବିଷ୍ୟନିଧି ଟ୍ରଷ୍ଟ ଓ ଆରଏସପି ଭବିଷ୍ୟନିଧି ଟ୍ରଷ୍ଟ ମିଶ୍ରଣ କାର୍ଯ୍ୟ ସଫଳ ସମ୍ପାଦନ ଭଳି ବିଭିନ୍ନ ପ୍ରଶଂସନୀୟ କାର୍ଯ୍ୟ ପାଇଁ ବରିଷ୍ଠ ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ବିତ୍ତ ଓ ଲେଖା ବିଭାଗର ଡ଼ିଜିଏମ ଶ୍ରୀ ଏସ୍ ଆର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଇନ ସଚେତନତା ଶିବିର ଅନୁଷ୍ଠିତ

ପୁରୀ, ୧୩/୨ (ନି.ପ୍ର): ଆମ ରାଷ୍ଟ୍ର ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ। ଆଇନ ଆମ ସମସ୍ତଙ୍କ ପାଇଁ ସମାନ। ତେବେ ଅନେକ ସମୟରେ କାର୍ଯ୍ୟ କରୁଥିବା ବେଳେ ଆଇନ ସମ୍ପର୍କରେ ଧାରଣା ଅଭାବରୁ ଅସୁବିଧା ଦେଖା ଦେଇଥାଏ। ତେଣୁ ଆଇନକୁ ସଠିକ ଭାବେ ବୁଝିବା ସହ ଉପଯୁକ୍ତ ଉପଯୋଗ ପାଇଁ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ମତ ଦେଇଛନ୍ତି। ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ସଦର ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦଘାଟନ କରି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ମହାନ୍ତି ଶିଶୁ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆଇନ ରେ ବ୍ୟବସ୍ଥା ରହିଛି। ଶିଶୁ ଓ ମହିଳା ମାନେ ସମାଜର ସମ୍ବେଦନଶୀଳ ଗୋଷ୍ଠୀ ହିସାବରେ ପରିଚିତ। ସେମାନେ ଶିକାର ହେଉଥିବା ଘଟଣାବଳୀକୁ ଅନୁଧ୍ୟାନ ସହ ଯେପରି ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଓ ସତର୍କ କରାଯାଇ ପାରିବ ସେ ସମ୍ପର୍କରେ ପ୍ରତ୍ୟେକ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜାଣିଲେ ଜିଣିବା ଭଳି ଆମେ ପ୍ରତ୍ୟେକ ଆଇନ ସମ୍ପର୍କରେ ସଚେତନ ହୋଇ ପଦକ୍ଷେପ ନେଲେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ ବୋଲି ମତ ଦେବା ସହ ନିଜ ଦାୟିତ୍ୱ ଓ କର୍ତବ୍ୟ ସହ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଏଡିଏମଓ ଡା ବିନୋଦ ବିହାରୀ ରଥ,ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆକ୍ସନ ଏଡର ଜିଲ୍ଲା ସଂଯୋଜକ ରଞ୍ଜିତା ଦାସ, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ,ସୁହାଗୀ ହେମ୍ବ୍ରମ,ସଦର ସିଡିପିଓ ଗୀତାଞ୍ଜଳି ନାୟକ, ମ୍ୟୁନିସିପାଲ୍ଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ମହିଳା ମାନଙ୍କ ସୁରକ୍ଷା ଓ ଅଧିକାର, ଘରୋଇ ହିଂସା, ବୟସ୍କ ମାନଙ୍କୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସଠିକ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଆଇନ ପରାମର୍ଶ ଦାତା ସୁଧୀର କୁମାର ଘୋଷ, ଆଇନ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ମାଷ୍ଟର ଟ୍ରେନର ଭାବେ ବିସ୍ତୃତ ସୂଚନା ଓ ତଥ୍ୟ ପ୍ରଦାନ କରି ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇଥିଲେ।

## ୫ କୁଖ୍ୟାତ ଅପରାଧୀଙ୍କୁ ଗିରଫ କଲା ଟାଉନ ଓ ସଦର ଥାନା ପୋଲିସ

କେନ୍ଦ୍ରାପଡ଼ା, ୧୩/୨ (ନି.ପ୍ର): ଆଜି କେନ୍ଦ୍ରାପଡ଼ା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ବିଭୁ ସାହୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କୁଖ୍ୟାତ ଫେରାର ଅଭିଯୁକ୍ତ ସତ୍ୟପ୍ରିୟ ଜେନାଙ୍କ ସମେତ ତାର ଅନ୍ୟ ୪ଜଣ ସହଯୋଗୀମାନଙ୍କୁ ବସିପୁର ବାଲି ଖାଦାନରୁ ବଟି ମାଗିବାବେଳେ କୌଣସି ଏକ ବିଶେଷ ସୂତ୍ରରୁ ଖବର ପଇ ସଦର ପୋଲିସ ସହିତ ଟାଉନ ପୋଲିସର ମିଳିତ ଚଢାଉବେଳେ ୫ଜଣ କୁଖ୍ୟାତ ଅପରାଧୀ ମାନଙ୍କୁ ଗିରଫ କରାଯାଇଥିବା ସଦର ପୋଲିସ ପକ୍ଷରୁ ଥାନା ଅଧିକାରୀ ବିମଳ ପ୍ରସାଦ ମଲ୍ଲିକ ଏବଂ ଟାଉନ୍ ଥାନା ଅଧିକାରୀ ଦୀଲ୍ଲିପ କୁମାର ସାହୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି।

# ଖଇରିବଣି ଆଶ୍ରମ ହାଇସ୍କୁଲର ବାର୍ଷିକ ଉତ୍ସବ

ବେତନଟୀ , ୧୩/୨ (ନି.ପ୍ର): ବେତନଟୀ ବ୍ଲକ ଖଇରିବଣି ଆଶ୍ରମ ହାଇସ୍କୁଲ ପରିସରରେ ବୁଧବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିନୀତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଡବ୍ଲୁଓ ଗୁରୁଚରଣ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଏ ଡି ଡବ୍ଲୁ ଓ ପ୍ରଫୁଲ୍ଲ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ଅବସର ପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ଡବ୍ଲୁ ଇ ଓ ମଦନ ସିଂ, ତୁଟାପଡା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା, ସନ୍ତରା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା, ପରିଚାଳନା କମିଟି ସଭାପତି ଗୁରଭା ମାଝୀ, ପ୍ରମୁଖ ଉପସ୍ଥିତ ରହିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଗାନା କରାଯିବା ସହ , ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବୋର୍ଦ୍ଧନା କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମସ୍ତ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ବିଦ୍ୟାଳୟର ଉନ୍ନତି କାମନା କରିବା ସହ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନ ନିମନ୍ତେ ବର୍ଷକୁ ଥରେ ବାର୍ଷିକ ଉତ୍ସବ ନିତ୍ୟାନ୍ତ ଆବଶ୍ୟକ ରହିଥିବା କହିଥିଲେ। ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହିଥିବା ପ୍ରତିଭା ମାନ ପରିଲକ୍ଷିତ ହୋଇଥାଏ। ବାର୍ଷିକ କ୍ରୀଡା ତଥା ଅନ୍ୟାନ୍ୟ ପ୍ରତିଯୋଗିତା ମାନଙ୍କରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିନିକା ପାପକ୍ଷୟ ମହୋତ୍ସବ ଉଦଘାଟିତ-କଳା ଓ ସଂସ୍କୃତିର ମହାକୁମ୍ଭ

ସୁବର୍ଣ୍ଣପୁର, ୧୩/୨ (ନି.ପ୍ର): ବିନିକା ମାଟିର କଳା ସଂସ୍କୃତିର ପ୍ରତୀକ ଭାବେ ପରିଚିତ ପଞ୍ଚମ ପାପକ୍ଷୟ ଲୋକ ମହୋତ୍ସବ ଉଦଘାଟିତ ହୋଇଯାଇଛି କ୍ଷ ଏହାକୁ ନେଇ ସହର ସମେତ ବିନିକା ଅଞ୍ଚଳ ଉତ୍ସବ ମୁଖରିତ ହୋଇଛି। ୧୧ରୁ ୧୪ ପର୍ଯ୍ୟନ୍ତ ୪ ଦିନ ଧରି ମହୋତ୍ସବ ଆୟୋଜିତ ହେବ । ଅଞ୍ଚଳର କଳାପ୍ରେମୀ ଯୁବକ ମଶାଲ ଧରି ପୂଣ୍ୟପୀଠ ପାପକ୍ଷୟରୁ ବାଇକ ଶୋଭାଯାତ୍ରାରେ ବିନିକା ଇଷ୍ଟଦେବୀ ମାଁ ନାରାୟଣୀ ମନ୍ଦିରକୁ ପହଞ୍ଚିଥିଲେ । ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା ପରେ ବିନିକାର ପାଲା, ବାଡ଼ିଖେଳ, କଇନ୍ତରାର କରମା, କରତଙ୍ଗର ପରଭା, ସକମାର ସଞ୍ଚାର, ଚଡ଼େଇପଙ୍କର ଘୁବୁକୁଡୁ ଆଦି ସାଂସ୍କୃତିକ ଅନୁଷ୍ଠାନ ସହ ୨୦୦ରୁ ଉର୍ଦ୍ଧ୍ୱ କଳାକାର ପାଦରେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କଲା ପରେ ଡାକ୍ତରଖାନା ସମ୍ମୁଖ ମହୋତ୍ସବ ମଞ୍ଚରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପାପକ୍ଷୟ ଲୋକ ମହୋତ୍ସବ ମଞ୍ଚ ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟାରେ ମହୋତ୍ସବ ମଞ୍ଚକୁ କମିଟି କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ବିନିକା ତହସିଲଦାର ସୀତାରାମ ଭୋଇ ଉଦ୍ ?ଘାଟନ କରିଥିଲେ ବିନିକା ବିଡିଓ ମଣ୍ଟୁ ଖମାରୀ, ବରିଷ୍ଠ ଆଇନଜୀବୀ ତଥା ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି ସନ୍ତୋଷ ପଣ୍ଡା, ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଦାଶ, ଯୁବ ସଂଗଠକ ନବକୃଷ୍ଣ ଦନ୍ତା, ଉପସଭାପତି ପ୍ରଦୀପ ସେଠୀ, ଦେବରାଜ ମେହେର, ବିଜୟ ନାରାୟଣ ବରେଇ, ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଦଣ୍ଡସେନା, ସମ୍ପାଦକ ଧର୍ମେନ୍ଦ୍ର ସାହୁ, ଉମାକାନ୍ତ ଦୀପଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ସମ୍ମାନୀତ ଅତିଥି ଯୋଗଦେଇଥିଲେ ।

# ବେତନଟୀ ବ୍ଲକ ମେଡିଆ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବେତନଟୀ , ୧୩/୨ (ନି.ପ୍ର): ବେତନଟୀ ବ୍ଲକ ମେଡ଼ିଆ ଆସୋସିଏସନ ପକ୍ଷରୁ ଗତକାଲି ବେତନଟୀ ଠାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି ଓ ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ କିଛି ଗଣମାଧ୍ୟମ ପ୍ରତିନିଧି ସାଧାରଣ ଲୋକଙ୍କ ସମସ୍ୟାକୁ ଏଡାଇ ନିଜର ସ୍ୱାର୍ଥ ପୂରଣ ପାଇଁ ନେତା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଚକ୍କର କାଟିବା ସହ ପରୋକ୍ଷରେ ଆଗଧାଡିର ଗଣମାଧ୍ୟମର ପରିଚୟ ଦେଇ ଅଫିସର ମାନଙ୍କୁ ପ୍ରଭାବିତ କରୁଥିବା ନଜରକୁ ଆସୁଛି ଓ ଏଣୁ ପ୍ରତ୍ୟେକ କ୍ଷେତ୍ରରେ ନେତା ଏବଂ ଅଫିସରଙ୍କ ମନମାନି ଚାଲୁଥିବା ବେଳେ ଦୁର୍ନୀତି ମୁଣ୍ଡ ଟେକିଲାଣି ଏବଂ ଆଇନ ଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ଅବସ୍ଥାରେ ପହଂଚିଲାଣି ବୋଲି ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମତବ୍ୟକ୍ତ କରିଛନ୍ତି ଓ ଏହିଭଳି ପରିସ୍ଥିତିରେ ବେତନଟୀ ବ୍ଲକ ମେଡ଼ିଆ ଆସୋସିଏସନର ସମସ୍ତ ସାମ୍ବାଦିକ ନିରପେକ୍ଷତାର ସହ ସାଲିସ ବିହୀନ ଏବଂ ସଠିକ ଖବର ଲୋକଲୋଚନକୁ ଆଣିବାକୁ ସର୍ବଦା ଚେଷ୍ଟିତ ରହିବ ବୋଲି ଆସୋସିଏସନ ପକ୍ଷରୁ ମତପ୍ରକାଶ ପାଇଛି ।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୧୩/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର, ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ହିମାଂଶୁ ଶେଖର ପାଢ଼ୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶୁତୋଷ ହୋତା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ବିଜୟ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତମ ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ଏକ୍ସନଏଡ଼ର ରାଜ୍ୟ ସଂଯୋଜକ ତଥା ସାଧନା କର୍ମୀ ଘାସିରାମ ପଣ୍ଡା ସମାଜରେ ଲିଙ୍ଗଗତ ବୈଷମ୍ୟ ଓ ଭେଦଭାବ କାରଣରୁ ହେଉଥିବା ବିଭିନ୍ନ ପ୍ରକାରର ହିଂସା, ଏହାର କାରଣ ଓ ନିରାକରଣପରେ ବକ୍ତବ୍ୟ ଦେଇଥିବା ବେଳେ ଅନ୍ୟତମ ସାଧନା କର୍ମୀ ଜିଲ୍ଲା ଜୁଭିନାଇଲ ଜଷ୍ଟିସ ବୋର୍ଡ ମେମ୍ବର ତଥା ଆଇନଜୀବୀ ରଂଜିତା ସାହୁ ମହିଳା ମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଏବଂ ସାହାଯ୍ୟକାରୀ ଅନୁଷ୍ଠାନ ଉପରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଉପସ୍ଥିତ ସଦସ୍ୟ, ସଦସ୍ୟା, ଆଶା, ଅଙ୍ଗନବାଡି କର୍ମୀ ସମେତ କଲେଜ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ ।

# ଖୋଲା ମେଲାରେ ପଡିଛି ଡଙ୍ଗରଛିଂଚି ଶୀତଳ ଭଣ୍ଡାର

ଜୟପୁର, ୧୩/୨ (ନି.ପ୍ର): ଜୟପୁର ବ୍ଲକ ଡଙ୍ଗରଛିଂଚି ନିକଟରେ ଥିବା ମିଶନ ଶକ୍ତି ତରଫରୁ ସ୍ଥାପନ ହୋଇଥିବା ଶୀତଳ ଭଣ୍ଡାର ଅଚଳ ଅବସ୍ଥାରେ ପଡିଛି। ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ ହୋଇଥିବା ବେଳେ ସ୍ଥାପନ ଦିନରୁ କାର୍ଯ୍ୟରେ ଲାଗି ପାରିନାହିଁ। ଉକ୍ତ ଶୀତଳଭଣ୍ଡାର ଚାଲିବା ପାଇଁ ସୌରଚାଳିତ ବିଦ୍ୟୁତ ବ୍ୟବସ୍ଥା କରାଯାଇଛି। ଶୀତଳ ଭଣ୍ଡାର ବସିବା ଖବର ଅଂଚଳବାସୀଙ୍କ ମନରେ ବେଶ ଖୁସି ଭରିଦେଇଥିଲା। ଏ ନେଇ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମା ଦୁର୍ଗାଙ୍କୁ ଦାୟୀତ୍ୱ ଦିଆଯାଇଥିଲା।

ସୂଚନା ଅନୁଯାୟୀ, ମା ଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀ ମହିଳା ମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିଲେ ଯେ, ସ୍ଥାନୀୟ ଅଂଚଳବାସୀ ଚାଷ ଉପରେ ନିର୍ଭରଶୀଳ। ପରିବା ଚାଷକରି ପରିବାର ଚଳାଇଥାନ୍ତି। ମାତ୍ର ଅଧିକାଂଶ ସମୟରେ ଅଧିକ ଅମଳ ଯୋଗୁଁ ଦର କମି ଯାଇଥାଏ। ଏପରିକି ମୂଳ ପୁଞ୍ଜି ବାହାରିବା ତ ଦୂରର କଥା ପାରିଶ୍ରମିକ ବି ମିଳେନାହିଁ। ଚାଷି ଫସଲ ଅମଳ ନକରି କ୍ଷେତରେ ନଷ୍ଟ ହେବାକୁ ଛାଡିଦିଅନ୍ତି। ଏହାକୁ ଦୃଷ୍ଟିରେ ରଖି ବାରମ୍ବାର ଦାବି ସତ୍ୱେ ମିଶନ ଶକ୍ତି ପକ୍ଷରୁ ଶୀତଳ ଭଣ୍ଡାର ନିର୍ମାଣ କରାଯାଇଥିଲା। କିନ୍ତୁ ଆଜି ତାହାର ମୂଲ୍ୟ ରହିଲା ନାହିଁ। ଅଭିଯୋଗ ଶୁଣିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର ଏନେଇ ଉଦ୍ୟାନ ଓ କୃଷି ବିଭାଗକୁ ଅନୁରୋଧ କରିବା ପରେ ଡଙ୍ଗରଛିଂଚି ଗ୍ରାମ ରାସ୍ତା କଡରେ ଗତ ମାର୍ଚ୍ଚ ମାସ ୭ ତାରିଖ ୨୦୨୪ ରେ ଶୀତଳଭଣ୍ଡାର ନିର୍ମାଣ କରାଯାଇଥିଲା। ବିଧାୟକ ତାରାପ୍ରସାଦ ବାହିନୀପତି, ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ଆସ୍ଥା ନାୟକ ବ୍ଲକ ଉପାଧ୍ୟକ୍ଷ ଗଣେଷ ପାଢୀ, ସରପଂଚ କମଳ ଲୋଚନ ଗାଦବାଙ୍କ ଉପସ୍ଥିତିରେ ଉଦଘାଟନ କରାଯାଇଥିଲା।

ଉଦ୍ୟାନ ଓ କୃଷି ବିଭାଗୀୟ ଅଧିକାରୀ ସଞ୍ଜିବ ମହନ୍ତ କହିଛନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର ଆମକୁ ଲିଖିତ ଭାବେ ଜଣାଇବା ପରେ ଆମେ ଶୀତଳ ଭଣ୍ଡାର ନିମନ୍ତେ ଟଙ୍କା ପ୍ରଦାନ କରିଥିଲୁ। ଶୀତଳ ଭଣ୍ଡାର ନିର୍ମାଣ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଢେ ୪ ଲକ୍ଷ ଟଙ୍କା ଦେଇଥିବା ବେଳେ ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ୧୦ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଡଙ୍ଗରଛିଂଚି ଠାରେ ମା ଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦାୟୀତ୍ୱ ଦିଆଯାଇଛି। ସେମାନେ ସେହି ଶୀତଳଭଣ୍ଡାରର ରକ୍ଷଣା ବେକ୍ଷଣ ଦାୟୀତ୍ୱରେ ଅଛନ୍ତି। ଯଦି ଆଜି ଶୀତଳଭଣ୍ଡାରଟି ଖୋଲା ମେଲା ହୋଇ ପଡିଛି ତେବେ ସେଥିପାଇଁ ବ୍ଲକ ଅଧିକାରୀ ଓ ସ୍ୱୟଂସହାୟକ ଗୋଷ୍ଠି ଦାୟୀ ଅଟନ୍ତି ବୋଲି କହିଥିଲେ। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ମୋ ନଜରରେ ଶୀତଳଭଣ୍ଡାରଟି ଖୋଲା ହୋଇ ପଡିଥିବା ମୁଁ ଜାଣିନାହିଁ ତୁରନ୍ତ ସେଠାରେ ଚାବି ପକାଇବା ସହ ପାଚେରୀ ନିର୍ମାଣ କରାଯିବ ବୋଲି କହିଥିଲେ।

## ଦେଓଗାଁ ହାଇସ୍କୁଲରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବଲାଙ୍ଗିର, ୧୩/୨ (ନି.ପ୍ର): ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ମଙ୍ଗଳବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରଧାନ ଶିକ୍ଷକ ଅମ୍ବରୀଶ ଭୋଇ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରତାପ ମିଶ୍ର ସଭା ସଂଯୋଜନା ଓ ଶିକ୍ଷକ ରାଜକୁମାର ବେରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧୀ ଖମାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଭକ୍ତ ଚରଣ ସାହୁ, ଆଲୁମିନି ସଭାପତି ବସନ୍ତ ଅଗ୍ରୱାଲ, ପୂର୍ବତନ ପ୍ରଧାନ ଶିକ୍ଷକ କୁମାର ଷାଣ୍ଢ ଓ ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ତଥା ପୂର୍ବ ପ୍ରଧାନ ଶିକ୍ଷକ ପିତବାସ ପଣ୍ଡା ଯୋଗଦେଇ ସର୍ବୋତ୍ତମ ଛାତ୍ରଛାତ୍ରୀ, ଗଠନ କରିବା ପାଇଁ ଶିକ୍ଷକ, ଶିକ୍ଷିକା ଓ ଅଭିଭାବକ କର୍ତ୍ତବ୍ୟ ଉଦ୍ଦେଶ୍ୟରେ ମତ ପ୍ରଦାନ କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିବା ସହ ପୂର୍ବତନ ଶିକ୍ଷକ, କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ଜରାସିଂହାରେ ଟାଙ୍ଗିଆଜାମ କମିଟି ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୧୩/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକର ଐତିହାସିକ ଜରାସିଂହା ଗ୍ରାମଠାରେ ଆଜି ବଲାଙ୍ଗୀରର ଟାଙ୍ଗିଆଜାମ କମିଟି ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗିଆଜାମ କମିଟିର ସଭାପତି ତଥା ପରିବେଶକର୍ମୀ ପ୍ରକୃତିବନ୍ଧୁ ଗୋପାଳ ହୋତାଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଓକିଲସଂଘର ସଭାପତି ଅମ୍ବରିଶ ତ୍ରୀପାଠୀ, ସମ୍ମାନୀତ ଅତିଥି ଭାବରେ ପଥରଚେପା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର,ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଶିକ୍ଷାବିଦ ମନୋରଂଜନ ସାହୁ,ଜିଲ୍ଲାପରିଷଦ ସଭ୍ୟା ସୁମତି ସେଠ୍, ଆଇନଜୀବି ଭକ୍ତଚରଣ ନାଏକ,ଜରାସିଂହାର ବରିଷ୍ଠ ନାଗରିକ ଦୟାନିଧି ମେହେର ଓ ବିଏନଏଏ କ୍ଲବର ସଭାପତି କରୁଣାକର ମେହେର,କୁମାର ଷାଣ୍ଢ ଓ ଦେବପ୍ରସାଦ ମେହେର ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ । ଅତିଥିଗଣ ତାଙ୍କ ବକ୍ତବ୍ୟରେ ଜଙ୍ଗଲସୁରକ୍ଷା,ବନାଗ୍ନୀ ରୋକିବା,ବନୀକରଣ କରାଇବା ଓ ସର୍ବୋପରି ଆଗାମୀପିଢୀ ପାଇଁ ପରିବେଶକୁ ସୁରକ୍ଷା କରିବା ପାଇଁ ସମସ୍ତେ ଧ୍ୟାନଦେବାକୁ ଅନୁରୋଧ କରିଥିଲେ । ଟାଙ୍ଗିଆଜାମ କମିଟିର ସଭାପତି ଏଡଭୋକେଟ ଗୋପାଳ ହୋତା ପରିବେଶ ସୁରକ୍ଷାର ଆଧାତ୍ମିକ ଦିଗ ଉପରେ ବକ୍ତବ୍ୟ ରଖି ମାଟି,ପାଣି,ପବନ,ଆକାଶ ଓ ଅଗ୍ନୀ ଉପରେ ଲୋକଙ୍କୁ ବୁଝାଇଥିଲେ । ବୃକ୍ଷଦ୍ୱାରା କିଭଳି ଜଳଚକ୍ର,ପବନଚକ୍ର ଓ ଜୀବଚକ୍ର ପରିଚାଳିତ ହେଉଛି ସେଉପରେ ଲୋକଙ୍କୁ ବୁଝାଇଥିଲେ । ବୃକ୍ଷ ହିଁ ପୃଥିବୀପୃଷ୍ଠରେ ଜୀବଜଗତକୁ ବଞ୍ଚାଇରଖି ପାରିବ ବୋଲି କହି ତାହାର ସୁରକ୍ଷା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ ।

# ଦୀପିକା ଇସ୍ପାତ ଶିକ୍ଷା ସଦନର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପାଇଁ ପରାମର୍ଶ ଏବଂ କିଟ୍ ପ୍ରଦାନ



ରାଉରକେଲା, ୧୨/୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାପିତ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ଫେବୃଆରୀ ୧୩ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ପାଇଁ ପରାମର୍ଶ ଏବଂ କିଟ୍ ପ୍ରଦାନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଏହି ବିଦ୍ୟାଳୟଟି ଇସ୍ପାତ ସହରର ଅଗ୍ରଣୀ ଜନହିତୈଷୀ ସଂଗଠନ, ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ଅଟେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ଶ୍ରୀମତୀ ନମ୍ରତା ବର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଉତ୍ସବରେ ସଂଘତିର ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ସମ୍ପାଦିକା ଶ୍ରୀମତୀ ସାରିକା କୁମାର ଡି ଏମ ଏସ ର ପରିଚାଳନା କମିଟି ର ସଦସ୍ୟା ତଥା ସ୍ୱେଚ୍ଛାସେବୀ, ପ୍ରଧାନ ଶିକ୍ଷକ ଶ୍ରୀ ଏସ୍ କେ ସାମଲ, ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନେ ଛାତ୍ରଛାତ୍ରୀମାନଙ୍କୁ ସ୍ନାକ୍ସ ପ୍ୟାକେଟ୍ ସହିତ କାର୍ଡ ବୋର୍ଡ ଏବଂ ଲେଖା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। ସେମାନେ ମଧ୍ୟ ପରୀକ୍ଷା ସମୟରେ ବିଷୟଗୁଡ଼ିକର ଅନ୍ତିମ ପ୍ରସ୍ତୁତି ଓ ସଂଶୋଧନ ଏବଂ ପ୍ରଶ୍ନପତ୍ରର ଉତ୍ତର ପାଇଁ ଉତ୍ତମ ଆଭିମୁଖ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସମସ୍ତେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ବିଦ୍ୟାଳୟର ନାମ ରଖିବା ପାଇଁ ଅନୁପ୍ରେରିତ କରିଥିଲେ। ବିଦ୍ୟାଳୟର ସମୁଦାୟ ୮୭ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷା ଦେବେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟିନୀ ଜେନା ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୧୬ ମସିହାରେ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷା ଦେଇଥିଲେ ଏବଂ ସେହି ଦିନଠାରୁ ବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ରେକର୍ଡ ହେଉଅଛି ।

# ସନାତନ ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୩/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ୍ କୃଷ୍ଣପୁର ପଞ୍ଚାୟତର ସନାତନ ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ବେହେରା। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର ଦାସ, ଗଙ୍ଗାଧର ବେହେରା, ବସୁମତି ମାଝି, କାହ୍ନୁ ଚରଣ ବନ୍ଧ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଳାସ କୁମାର ନାୟକ, ପରିଚାଳନା କମିଟି ସଭାପତି ଅଜୟ ରାଉତ ପ୍ରମୁଖ ଏହି ଉତ୍ସବ ର ପ୍ରଥମ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ବାସୁଦେବପୁର ବ୍ଲକ ବି ଡି ଓ ତନ୍ମିତା କର, କବି ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ଶିବ ପ୍ରସାଦ ବାରିକ୍, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମନୋରଞ୍ଜନ ରାଉତ, ବିଳାସ ନାୟକ, ଅଜୟ ରାଉତ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଅତିଥି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ମଞ୍ଚ ସଂଯୋଜନା କରିଥିଲେ ଶିକ୍ଷକ ଚିରଞ୍ଜିବୀ ଭୋଇ। ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ବେହେରା। ଶିକ୍ଷୟତ୍ରୀ ରୀତା ମଣି ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ସୁବାସ ଚନ୍ଦ୍ର ବାରିକ୍ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

# ଖଇରା ମହାବିଦ୍ୟାଳୟରେ ଜାତୀୟସ୍ତରୀୟ ଆଲୋଚନାଚକ୍ର

ଖଇରା, ୧୩/୨ (ନି.ପ୍ର): ଜଗନ୍ନାଥ ନାମର ମହିମା ଅବର୍ଣ୍ଣନୀୟ। ଦାସିଆ ବାଉରୀ, ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି ଭଳି ଭକ୍ତ ମାନଙ୍କୁ ବିପଦରୁ ଉଦ୍ଧାର କରିଛନ୍ତି। ଆଦି ଶଙ୍କରାଚାର୍ଯ୍ୟ, ଶ୍ରୀ ଚୈତନ୍ୟ, ଗୁରୁ ନାନକ, ରାମାନୁଜ ଭଳି ସାଧୁସନ୍ଥ ଓ ଧର୍ମାବଲମ୍ବୀ ମାନେ ପୁରୀଧାମରେ ରହି ଲୀଳା ବର୍ଣ୍ଣନା କରି ଯାଇଛି । ଏଣୁ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନ୍ୟଠାରୁ ଭିନ୍ନ ବୋଲି ଖଇରା ମହାବିଦ୍ୟାଳୟରେ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି। ଗୁରୁବାର ଦିନ ସଂସ୍କୃତ ଓ ପଦାର୍ଥବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାରେ ଶିର୍ଷକ "ଜଗତ ଦର୍ଶନେ ଜଗନ୍ନାଥ" ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସୁରେନ୍ଦ୍ରନାଥ ଦାସ, ପୁରୀ ଚୈତନ୍ୟ ମଠର ଭକ୍ତି ପିୟୁସ ଅବଧୂତ ମହାରାଜ ବିଶିଷ୍ଟ ବକ୍ତା ଭାବେ ଜଗନ୍ନାଥ ଦର୍ଶନ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ତାତ୍ତ୍ୱିକ ଭାଷଣ ପ୍ରଦାନ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଶଶିକାନ୍ତ ପଣ୍ଡା ସ୍ୱାଗତ ଭାଷଣ, ଚିନ୍ମୟୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗର ଅଧ୍ୟାପକ ଡ ଗୋପବନ୍ଧୁ ମହାପାତ୍ର, ଡ ଲକ୍ଷ୍ମୀଧର ନାୟକ, ଯୁଗଳ କିଶୋର ଗାହାଣ, ମୁଖ୍ୟକିରାଣୀ ଅକ୍ଷାଂଶୁ ଦଳେଇ, କର୍ମଚାରୀ ତାପସ ଦାଶ, ସୁଶାନ୍ତ ବିଶ୍ୱାଳ ତଥା ସମସ୍ତ ସେବକ ସହଯୋଗ କରିଥିଲେ ।

# ଓମ୍ୱାଡସି ଆନୁକୂଲ୍ୟରେ ସମ୍ମନ୍ୱିତ ବିକାଶ କାର୍ଯ୍ୟ ଯୋଜନା ସମ୍ବନ୍ଧୀୟ କର୍ମଶାଳା


ବାରିପଦା , ୧୩/୨ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ରେ ଓମ୍ୱାଡସି ଆନୁକୂଲ୍ୟରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ସମ୍ମନ୍ୱିତ ବିକାଶ କାର୍ଯ୍ୟ ଯୋଜନା (ଇଣ୍ଟିଗ୍ରେଟେଡ୍ ଡେଭେଲପମେଣ୍ଟ ଏକ୍ସନ ପ୍ଲାନ) ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି. ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲାପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ପ୍ରଭାତ କୁମାର ବେହେରା, ଏପିଡି ଶ୍ରୀ ଶାନ୍ତନୁ କୁମାର ନାୟକ, ଭୁବନେଶ୍ୱର ଓମ୍ୱାଡସିର ଦକ୍ଷତା ବିଶେଷଜ୍ଞ ଆଦିତ୍ୟ ମୋହନ ପ୍ରଧାନ, ଜୀବିକା ବିଶେଷଜ୍ଞ ଶ୍ରୀ ଜଗନ୍ନାଥ ମିଶ୍ର ଓ ମୟୁରଭଞ୍ଜ ଓମ୍ୱାଡସି ସେଲ ର ଟିମ ଲିଡର ନିହାର କାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କାର୍ଯ୍ୟକ୍ରମ କୁ ସ୍ୱାଗତ କରିଥିଲେ ଏବଂ ଜିଲ୍ଲାପାଳ ଉକ୍ତ କର୍ମଶାଳାର ଉଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି କହିଥିଲେ ଯେ, ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ବ୍ୟତୀତ ଗୋଟିଏ ଅଂଚଳର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଯେଉଁ ଯୋଜନା ଗୁଡିକ ସରକାରୀ ଅନୁଦାନରେ କାର୍ଯ୍ୟକାରୀ ହୋଇପାରୁନାହିଁ ସେ କ୍ଷେତ୍ରରେ ଓମ୍ୱାଡସି ଦ୍ୱାରା ମଂଜୁର ଅର୍ଥରୁ ଏହି ଯୋଜନାଗୁଡିକୁ ମାର୍ଗଦର୍ଶିକା ଅନୁଯାୟୀ କରାଯାଇ ଥାଏ। ମାତ୍ର ଏହି କାର୍ଯ୍ୟଦ୍ୱାରା ଦୀର୍ଘସ୍ଥାୟୀ ଭାବେ ଲୋକଙ୍କ ଜୀବିକାର ଉପରେ କେତେ ମାତ୍ରାରେ ପ୍ରଭାବ ରହିବ ଏବଂ ସେମାନଙ୍କର ଆର୍ଥିକ ଉନ୍ନତି ହେବ ସେ ବିଷୟ କୁ ପ୍ରାଥମିକତା ଦେଇ ଯୋଜନା ପ୍ରସ୍ତୁତ କରିବା ଉଚିତ। ଗୋଟିଏ ସମାନ କାଯ୍ୟ ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ରେ କାର୍ଯ୍ୟକାରୀ ହେଉଛି। ତେଣୁ ବିଭିନ୍ନ ବିଭାଗର ସମନ୍ୱୟରେ ସମ୍ମନ୍ୱିତ କାର୍ଯ୍ୟ ଯୋଜନା।(ଇଣ୍ଟିଗ୍ରେଟେଡ୍ ଡେଭେଲପମେଣ୍ଟ ଏକ୍ସନ ପ୍ଲାନ )ପ୍ରସ୍ତୁତ କରି ବ୍ୟବସ୍ଥିତ ଭାବେ ଅର୍ଥ ବିନିଯୋଗ କଲେ ଯୋଜନା ଗୁଡିକ ଉତ୍ତମ ଭାବେ କାର୍ଯ୍ୟକାରି ହୋଇପାରିବ। ଏହାପରେ ଭୁବନେଶ୍ୱର ଓମ୍ୱାଡସି ଶାଖାର ଦକ୍ଷତା ବିଶେଷଜ୍ଞ ଆଦିତ୍ୟ ମୋହନ ପ୍ରଧାନ **power project presentation** ଜରିଆରେ ସମ୍ମନ୍ୱିତ ବିକାଶ କାର୍ଯ୍ୟ ଯୋଜନା ସମ୍ବନ୍ଧରେ ରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଆଲୋଚନା ପ୍ରସଙ୍ଗରେ ସେ କହିଥିଲେ କି ଏହି ଇଣ୍ଟିଗ୍ରେଟେଡ୍ ଡେଭେଲପମେଣ୍ଟ ଏକ୍ସନ ପ୍ଲାନ ପ୍ରସ୍ତୁତ କରିବା ପୂର୍ବରୁ ପ୍ରତ୍ୟେକ ବିଭାଗ ନିଜ ନିଜ ଅଧୀନରେ କାର୍ଯ୍ୟକାରି ହେଉଥିବା ମୁଖ୍ୟତଃ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଜୀବିକା, ଗ୍ରାମ୍ୟ ଯୋଗାଯୋଗ, ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ସମ୍ପର୍କିତ କେଉଁ ଗ୍ରାମରେ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, କେଉଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି ଏବଂ କେଉଁ ପ୍ରକଳ୍ପ କାର୍ଯ୍ୟ ହେବାକୁ ଅଛି ତାହାର ଏକ ଡାଟା ବେସ ପ୍ରସ୍ତୁତ କରିବେ। ତଦନୁସାରେ ବିଭିନ୍ନ ବିଭାଗ ର ଡାଟା ବେସ ଆଧାର ରେ ମାର୍ଗଦର୍ଶିକା ଅନୁସାରେ ବ୍ୟବସ୍ଥିତ ଢଙ୍ଗରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତା ରେ ଗଠିତ କମିଟି ଜରିଆରେ ଅନୁମୋଦନ ନିମନ୍ତେ ପଠାଯିବ ଏବଂ ଅନୁମୋଦିତ ପରେ ଏକ୍ସନ ପ୍ଲାନ ଅନୁସାରେ ଯୋଜନା କାର୍ଯ୍ୟକାରୀ ହେବ। ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ।


## ଏସ୍. ଇ. ରେଳବାଇ - ଟେଣ୍ଡର

**ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୫/୦୫, ତାରିଖ: ୧୨.୦୨.୨୦୨୫।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ **ତାରିଖରେ ୧୫.୦୦ ଘଣ୍ଟା** ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ **୧୫.୩୦ ଘଣ୍ଟାରେ ଖୋଲାଯିବ। ଏସ୍.ଆଇ.ନଂ.-୧। ଟେଣ୍ଡର ନମ୍ବର: ଇ-କେଜିପି-ୱେଷ୍ଟ-୦୧-୨୦୨୫। କାର୍ଯ୍ୟର ବର୍ଣ୍ଣନା:** ଏଡେନ୍/ଝାରଗ୍ରାମ ଅଧୀନରେ ଏସ୍.ଏସ.ଇ (ପି.ୱେ) ପାଇଁ ଲୋକ ଏବଂ ସାମଗ୍ରୀ ପରିବହନ ପାଇଁ ୧୫ ମାସ ପାଇଁ ୦୪ ଟିଏ କ୍ଷମତା ବିଶିଷ୍ଟ ଟ୍ରକ୍ ଏବଂ ୯୦ ଦିନ ପାଇଁ ୧୦ ଟିଏ କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା। **ଟେଣ୍ଡର ମୂଲ୍ୟ:** ୧୨,୬୯,୭୬୭.୧୦। **ଆୟ ଟଙ୍କା:** ୨୫,୪୦୦। ଏସ୍.ଆଇ.ନଂ.-୨। **ଟେଣ୍ଡର ନଂ: E-KGP-WEST-02-2025। କାର୍ଯ୍ୟର ବର୍ଣ୍ଣନା:** ADEN/W/ ଖଡ଼ଗପୁର ଅଧୀନରେ SSE (P.Way) ପାଇଁ ପୁରୁଷ ଏବଂ ସାମଗ୍ରୀ ପରିବହନ ପାଇଁ 04T କ୍ଷମତା ବିଶିଷ୍ଟ ଟ୍ରକକୁ ୧୫ ମାସ ପାଇଁ ଏବଂ ୯୦ ଦିନ ପାଇଁ 10T କ୍ଷମତା ବିଶିଷ୍ଟ ଟ୍ରକକୁ ଭଡାରେ ନେବା। **ଟେଣ୍ଡର ମୂଲ୍ୟ:** ୧୨,୬୯,୭୬୭.୧୦। **ଆୟ:** ୨୫,୪୦୦। **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୦ (ସିରିଏଲ ନଂ. ୧ ଏବଂ ୨ ପ୍ରତ୍ୟେକ ପାଇଁ)। **ଖୋଲିବାର ତାରିଖ:** ୦୪.୦୩.୨୦୨୫ (ସିରିଏଲ ନଂ ୧ ଏବଂ ୨ ପ୍ରତ୍ୟେକ ପାଇଁ)। **କାର୍ଯ୍ୟ ସମାପ୍ତି ଅବଧି:** ୧୫ ମାସ (ସିରିଏଲ ନଂ. ୧ ଏବଂ ୨ ପ୍ରତ୍ୟେକ ପାଇଁ)। **ବିଡିଂ ଆରମ୍ଭ ତାରିଖ:** ୧୮.୦୨.୨୦୨୫ ରୁ ଏବଂ ୦୪.୦୩.୨୦୨୫ ପର୍ଯ୍ୟନ୍ତ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ (ସିରିଏଲ ନଂ. ୧ ଏବଂ ୨ ପ୍ରତ୍ୟେକ ପାଇଁ)। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www. ireps. gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରଦାତାମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ।

(PR 1130)


# ଐତିହାସିକ ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର ନେଇ ବୈଠକ: ଆଶା କମ୍, ନିରାଶା ଅଧିକ





ନୀଳଗିରି , ୧୩/୨ (ନି.ପ୍ର): ଗଡ଼ଜାତ ମାଟି ନୀଳଗିରିରେ ବହୁ ପୁରାତନ ଓ ଐତିହାସିକ କୀର୍ତ୍ତିରାଜି ରହିଥିବା ବେଳେ ଲକ୍ଷ୍ମୀସାଗର ପୋଖରୀ ତନ୍ମଧ୍ୟରୁ ଅନ୍ୟତମ। ନୀଳଗିରି ବସଷ୍ଟାଣ୍ଡ ବାଇପାସ୍ ନିକଟରେ ଅବସ୍ଥିତ ଉକ୍ତ ପୋଖରୀଟି ୧୯୭୩ ମସିହା ଅର୍ଥାତ ୫୨ବର୍ଷ ତଳେ ନିର୍ମିତ ହୋଇଥିଲା। ତେବେ ଏହିସ୍ଥାନରେ ଏକ ସାପ୍ତାହିକ ହାଟ ବସୁଥିବା ବେଳେ କୌଣସି ପୁଷ୍କରିଣୀ ନଥିବାରୁ ଉକ୍ତ ହାଟକୁ ଆସୁଥିବା ଲୋକଙ୍କ ପାନୀୟଜଳ ସମସ୍ୟାକୁ ଦୂରୀଭୂତ କରିବାକୁ ବାଲିଗୋହିରୀ ଅଞ୍ଚଳର ଅଙ୍କୁର ଚରଣ ମହାପାତ୍ରଙ୍କ ଧର୍ମପତ୍ନୀଙ୍କ ବଡ଼ଭଉଣୀ ଲକ୍ଷ୍ମୀଦେଇଙ୍କ ଦ୍ୱାରା ପ୍ରଦତ୍ତ ଜମିରେ ଏକ ବିରାଟ ପୋଖରୀ ଖନନ କରାଯାଇଥିଲା। ଏଥିସହିତ ସହରର ସୌନ୍ଦର୍ଯ୍ୟବର୍ଦ୍ଧନ କରିବା ସହିତ ଅଭାବୀ ଜଳସଙ୍କଟକୁ ଦୂରକରି କୃଷିକ୍ଷେତ୍ରକୁ ଜଳଯୋଗାଣ ପାଇଁ ଏହି ପୋଖରୀର ଅବଦାନ ଅତୁଳନୀୟ। ତେବେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏବଂ ସ୍ଥାନୀୟ ପ୍ରଶାସନର ଅପରିଣାମଦର୍ଶିତା ପାଇଁ ଉକ୍ତ ଐତିହାସିକ ପୋଖରୀକୁ ପୋତି ଏହାଉପରେ କେନାଲ ନିର୍ମାଣ କରାଯାଇଥିବା ବେଳେ ନୀଳଗିରି ଅଞ୍ଚଳର ବହୁ ସ୍ୱାଭିମାନୀ ବ୍ୟକ୍ତି ଏବଂ କିଛି ରାଜନୈତିକ ଦଳ ଓ ସଂଗଠନ ଏହାକୁ ଘୋରବିରୋଧ କରିଥିଲେ। ତୁରନ୍ତ ପୁନରୁଦ୍ଧାର ନହେଲେ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରଶାସନ ଠାରେ ଅଭିଯୋଗ କରିଥିଲେ। ଏନେଇ ବାରମ୍ବାର ଆନ୍ଦୋଳନ ମଧ୍ୟ ହୋଇଥିଲା। ତେବେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅବଦାନରେ ସାଳନ୍ଦୀ କେନାଲ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଉକ୍ତ ପୋଖରୀଟିକୁ ପୋତି ଡ୍ରେନେଜ୍ କାମ ଚାଲୁରହିଛି। ବିରୋଧପରେ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇଥିବା ପରିଲକ୍ଷିତ ହୋଇଥିଲା। ଗୁରୁବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରୀ ବିକାଶଙ୍କ ନିର୍ଦ୍ଦେଶରେ, ନୀଳଗିରି ତହସିଲଦାର ସୋନମ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ତହସିଲଦାରଙ୍କ ଚାମ୍ବରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସାଳନ୍ଦୀ କେନାଲ ଡିଭିଜନ ସୋରର ଏସଡିଓ ମଳୟ କୁମାର ଧାରୁଆ, ସହକାରୀଯନ୍ତ୍ରୀ ଭବାନୀଶଙ୍କର ପାଣିଗ୍ରାହି, ପୂର୍ତ୍ତବିଭାଗ ଯନ୍ତ୍ରୀ ଶ୍ରୀନିବାସ ଜେନା, ସହକାରୀଯନ୍ତ୍ରୀ ଲକ୍ଷ୍ମଣ ସିଂ, ସନ୍ତୋଷ କୁମାର ପଣ୍ଡା ଓ କନିଷ୍ଠ ଯନ୍ତ୍ରୀ ଜୟଦେବ ଦେ, ଏନ୍ଏସି ନିର୍ବାହୀ ଅଧିକାରୀ ହିମାଂଶୁ ଅଂଶୁମାନ ପରିଡ଼ା, ସିପିଏମ ଦଳର ଅଭିଯୋଗକାରୀ ବିଜୟ କୁମାର ପାତ୍ର, ଜ୍ୟୋତିର୍ମୟ ରାଉତ୍, ପୋଖରୀ ଲିଜଧାରି ପ୍ରଫୁଲ୍ଲ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବି ରାଉତ, ସମରେନ୍ଦ୍ର ବାରିକ, ଲୋକନାଥ ଦଳେଇ ଓ ଯୁବ ସମାଜସେବୀ ଜଗବନ୍ଧୁ ମୁନିଙ୍କ ଉପସ୍ଥିତିରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଶେଷରେ ତହସିଲଦାର ଶ୍ରୀମତୀ ଦାସ ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗ ଓ ଡ୍ରେନଜ ବିଭାଗକୁ ପୋଖରୀର ପୁନରୁଦ୍ଧାର ଓ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ସୌନ୍ଦର୍ଯ୍ୟକରଣ ପାଇଁ ଦାୟିତ୍ୱ ଦେଇଛନ୍ତି। ଯେତେଶୀଘ୍ର ବର୍ଷାଦିନ ପୂର୍ବରୁ ଉକ୍ତକାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ତେବେ ଏହି ନିର୍ଦ୍ଦେଶ କେତେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିବା ସହିତ ପୋଖରୀର ପୂର୍ବାବସ୍ଥା ଫେରିବାକୁ ନେଇ ସନ୍ଦିହାନ ହୋଇ ପଡିଛନ୍ତି ନୀଳଗିରିବାସି।

# ୪୬ ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନ: ମୁମ୍ବାଇ, ଚେନ୍ନାଇ, ପାରାଦୀପ ବିଜୟୀ



ପାରାଦ୍ୱୀପ , ୧୩/୨ (ନି.ପ୍ର): ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନ ସକାଳେ ଖେଳା ଯାଉଥିବା ପ୍ରଥମ ମ୍ୟାଚରେ ମୁମ୍ବାଇ ବନ୍ଦର ବିଶାଖପାଟଣା ବନ୍ଦରକୁ ୫-୦ ଗୋଲରେ ପରାସ୍ତ କରିଥିବା ବେଳେ ଚେନ୍ନାଇ ବନ୍ଦର ଗୋଆ ବନ୍ଦରକୁ ୫-୦ ଗୋଲରେ ପରାସ୍ତ କରିଛି । ଅପରାହ୍ନରେ ଖେଳା ଯାଇଥିବା ଦୁଇଟି ମ୍ୟାଚରେ ପାରାଦୀପ ବନ୍ଦର କୋଚୀନ ବନ୍ଦରକୁ ୪-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିବା ବେଳେ ଅନ୍ୟ ଏକ ମ୍ୟାଚରେ ଭିଓସି ବନ୍ଦର ଓ କଲିକତା ବନ୍ଦର ମଧ୍ୟରେ ଖେଳ ୧-୧ ଗୋଲରେ ଅମିମାଂସିତ ରହିଥିଲା ।

# ଫେରିବାଲାଠାରୁ ଟଙ୍କା ଲୁଟ୍

ଜୟପୁର, ୧୩/୨ (ନି.ପ୍ର): ଫେରି ବେପାରୀଙ୍କ ଠାରୁ ଟଙ୍କା ଏବଂ ମୋବାଇଲ ଲୁଟିଲେ ୩ ଦୁର୍ବୃତ୍ତ । ବୈପାରୀଗୁଡା ଥାନାରେ ଏତଲା ଦେଲେ ବେପାରୀ । ୩୨୬ ନମ୍ବର ଜାତୀୟ ରାଜପଥ ବୈପାରୀଗୁଡା ଥାନା ଅନ୍ତର୍ଗତ ଟାପାଯୋଡ଼ି ଛକରେ ବୁଧବାର ଅପରାହ୍ନ ଚାରିଟା ସମୟରେ ଏଭଳି ଘଟଣା ଘିଟିଥିବା ବେଳେ ସନ୍ଧ୍ୟା ଛଅଟା ସମୟରେ ବୈପାରୀଗୁଡା ଥାନାରେ ଏତଲା ଦେଲେ ବେପାରୀ । ଜୟପୁର ଜୟନଗର ପାଇକ ସାହିର ଅବଦୁଲ ଅଲିମ ନାମକ ଜଣେ ଫେରି ବ୍ୟବସାୟୀ ବାଇକ ଯୋଗେ ଗାଁ ଗାଁ ବୁଲି ଷ୍ଟିଲ ଓ କଂସା ଜିନିଷ ବିକ୍ରି କରନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବାଖରାବାଦ ୟୁଥ କ୍ଲବର...

ପାଇଁ ଉପସ୍ଥିତ ଯୁବ ସମାଜକୁ ଆହ୍ୱାନ କରିଥିଲେ । ଶିବିରରୁ ମୋଟ ୭୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କ୍ଲବର ପାଖ ପଡିଆରେ ୧୦ ରୁ ଅଧିକ ବଉଳ ବୃକ୍ଷ ରୋପଣ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବେତନଟି ବନ ଉପଖଣ୍ଡ ଅଧିକାରୀ ମନୋହର ଖାଁନ, ଅଧ୍ୟାପକ ଗୌରାଙ୍ଗ ଚରଣ ପଣ୍ଡା, ଯୁବନେତା ସରୋଜ କୁମାର ଲେଙ୍କା, ବେଦକାର ସୁରେଶ ଚନ୍ଦ୍ର ପାଣି, ଯୁବ ବ୍ୟବସାୟୀ ସହଦେବ ବେହେରା ବାଲେଶ୍ୱର ରକ୍ତ ଭଣ୍ଡାରର ସୁଚିସ୍ମିତା ଦାସ ଓ ଟେକନିସିଆନ ମାନେ ରକ୍ତ ସଂଗ୍ରହରେ ସାହାର୍ଯ୍ୟ କରିଥିଲେ । କ୍ଲବର ସମ୍ପାଦକ ସଞ୍ଜିବ କୁମାର ଲେଙ୍କା କୋଷାଧ୍ୟକ୍ଷ ସୁମନ କୁମାର ସେନାପତି ସମେତ କ୍ଲବର ସଦସ୍ୟ ୭୬ ଜଣ ଥିବା ବେଳେ ପୁଲିସବିଭାଗରେ ୨୭ଜଣ ଓ ଭାରତୀୟ ସାମରିକ ବିଭାଗ ସମେତ ବିଭିନ୍ନ ବିଭାଗରେ ରହି ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଶେଷରେ କ୍ଲବର ବରିଷ୍ଠ ସଦସ୍ୟ ଗଣେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଫେବୃଆରୀରୁ ଟାଇଁ ...

୩୭ ଡିଗ୍ରୀ ତାତିରେ ଅସ୍ତବ୍ୟସ୍ତ ହୋଇପଡିଛି ଜନଜୀବନ । ଲୋକଙ୍କ ଭିତରେ ଭାଳେଣି, ଏବେଠୁ ଏତେ ଗରମ ତ ଆଗକୁ ହେବ କଣ ? ଏପଟେ ଚଳିତ ବର୍ଷ ପ୍ରଥମ ଥର ଫେବ୍ରୁଆରୀ ମାସରେ ୩୫ ଡିଗ୍ରୀ ଛୁଇଁଛି ରାଜଧାନୀ ତାତି । ଦିନ ସାଢେ ୨ଟା ବେଳକୁ ହିଁ ଭୁବନେଶ୍ୱର ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା । ରାଜଧାନୀ ବାସିନ୍ଦାଙ୍କ କହିବା ଅନୁସାରେ ପୂର୍ବରୁ କେବେ ଫେବ୍ରୁଆରୀରେ ଖରା ଏତେ କାଟୁ ନଥିଲା । ଗତବର୍ଷ ଫେବ୍ରୁଆରୀ ଆଜିର ଦିନରେ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଥିବା ବେଳେ ଭୁବନେଶ୍ୱରରେ ୩୨.୮ ଡିଗ୍ରୀ ରେକର୍ଡ ହୋଇଥିଲା । ଫେବ୍ରୁଆରୀ ୧୦ ତାରିଖରେ ୩୪ ଡିଗ୍ରୀ ସେଲସିୟସ ଉପରେ ରାଜ୍ୟର ୧୧ ସହର । ଫେବ୍ରୁଆରୀ ୧୧ ତାରିଖରେ ରାଜ୍ୟର ୮ଟି ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରେକର୍ଡ ହୋଇଛି । ଫେବ୍ରୁଆରୀ ୧୨ ତାରିଖରେ ୩୫ ଡିଗ୍ରୀ ପାର କରିଥିଲା ୧୦ଟି ସହରର ତାପମାତ୍ରା । ୩୭ ଛୁଇଁଥିଲା ଝାରସୁଗୁଡା ତେବେ ଫେବ୍ରୁଆରୀରୁ ରାଜ୍ୟରେ ଏତେ ଗରମ କାହିଁକି ? ପାଣିପାଗ ବିଭାଗ କହିଛି, ଓଡ଼ିଶା ଉପକୂଳକୁ ଗୁରୁଚାପ ବଳୟ କବ୍ ?ଜା କରି ରଖିଥିବାରୁ ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଥଣ୍ଡା-ଶୁଷ୍କ ପବନ ଅବରୋଧ ହୋଇଛି । ଏଥିସହ ପଶ୍ଚିମା ଝଡ଼ ପ୍ରଭାବରେ ତାତି ବଢୁଛି । ବର୍ତ୍ତମାନ ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ୨ରୁ ୩ଡିଗ୍ରୀ ବଢିଛି । ରାତିର ତାପମାତ୍ରା ବି ବୃଦ୍ଧି ପାଇଛି । ବିଶେଷ କରି ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ଗରମ ଅନୁଭୂତ ହେଉଛି ।

## ରାଜ୍ୟପାଳଙ୍କ ଅଭିଭାଷଣ...

୨୦୨୪ ନଭେମ୍ବରରେ ଆରକ୍ଷୀ ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀ ଆୟୋଜନ ଏବଂ ୨୦୨୫ ଜାନୁଆରୀ ମାସରେ ସିଙ୍ଗାପୁର ଜନରାଜ୍ୟର ରାଷ୍ଟ୍ରପତିଙ୍କ ଗସ୍ତ, ୧୮ତମ ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଆୟୋଜନ ପାଇଁ ସରକାରଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ ।୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ରଖିଛନ୍ତି ସରକାର। ଏଥିସହ 'ଭିଜନ ୨୦୩୬' ପାଇଁ ୩ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିଛି । ବିକଶିତ ଭାରତ ୨୦୪୭ ପାଇଁ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ସରକାରଙ୍କର ବିସ୍ତୃତ ଯୋଜନା ରହିଛି, ଯେଉଁଥିରେ ଭାରତର ଅର୍ଥନୀତିକୁ ଓଡ଼ିଶାର ୧.୫ ଟ୍ରିଲିୟନ ଡଲାର ଯୋଗଦାନର ଆଭିମୁଖ୍ୟ ରହିଛି । ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଓଡିଶା ନିଜର ସମୃଦ୍ଧ କୃଷି ଐତିହ୍ୟ ଏବଂ ପାରମ୍ପରିକ ଚାଷ ପଦ୍ଧତି ବଜାୟ ରଖୁଛି । ଏହି କ୍ଷେତ୍ରର ଅଗ୍ରଗତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି କୃଷକ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ, ସରକାର ଯତ୍ନବାନ ଅଛନ୍ତି । ଜଳବାୟୁ ବିପଦରୁ କୃଷକମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ, ରବି ଋତୁ ପାଇଁ ସରକାର ୧.୩୬ ଲକ୍ଷ ଚାଷୀଙ୍କୁ ପଞ୍ଜିକୃତ କରି ଫସଲ ବୀମା ଭୁକ୍ତତାକୁ ସୁନିଶ୍ଚିତ କରିଛନ୍ତି । ଦାରିଙ୍ଗବାଡି ଓ ସ୍ୱାଭିମାନ ଅଞ୍ଚଳ ଭଳି କ୍ଷେତ୍ରରେ "ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ" ଜରିଆରେ ଜୈବିକ ଚାଷକୁ ଅଗ୍ରାଧିକାର ଭିତ୍ତିରେ ପ୍ରୋତ୍ସାହିତ କରାଯାଉଛି । କୃଷି କ୍ଷେତ୍ରରେ ସାମିଲ ମହିଳାମାନଙ୍କୁ ସଶକ୍ତ କରିବା ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଋଣ ପ୍ରଦାନକୁ ସୁଗମ କରି କୃଷି ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି ସରକାର । ସେହିପରି ମତ୍ସ୍ୟ ଚାଷ ଓ ଆକ୍ୱାକଲଚର୍ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । 'ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା'' ହାତକୁ ନିଆଯାଇଛି। ସଘନ ମାଛଚାଷ ପାଇଁ ବାୟୋ-ଫ୍ଲକ୍ ଟେକ୍ନୋଲୋଜି ମାଛ ଚାଷରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଗୋଲ୍ ଫର୍ ମ୍ୟାନେଜମେଣ୍ଟ ଆଣ୍ଡ ଟ୍ରିଟମେଣ୍ଟ ଅଫ୍ ଆନିମଲ୍ସ' (ଗୋମାତା) ଯୋଜନା ଅଧୀନରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ (ଏମଭିୟୁ) ମାଧ୍ୟମରେ ପ୍ରାଣୀ ଚିକିତ୍ସା ଅନୁଷ୍ଠାନରେ ବ୍ୟାପକ ପ୍ରାଣୀ ଚିକିତ୍ସା ସେ ସେବା ପ୍ରଦାନ କରାଯାଉଛି।ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା (ଏମପିକେୱାଇ) ଅଧୀନରେ ବୁଲା ଗୋରୁଗାଈମାନଙ୍କୁ ଘରୋଇ ଗୋଶାଳାରେ ରଖି ଖାଦ୍ୟ ଦେବାର ବ୍ୟବସ୍ଥା ହୋଇଛି।ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି ।

## ବିଜେପି ମୁହାଁ ବିଜେଡ଼ି ...

ସେ ହଠାତ୍ କିଛି ବୁଝିପାରିନଥିଲେ । ତା ପରେ ଦେଇଥିଲେ ଉତ୍ତର । ଉତ୍ତରରେ ଦେହ ଭଲ ନଥିବାରୁ ଆସି ନଥିଲି ବୋଲି କହିଥିଲେ ସନା ମହାକୁଡ଼। ନବୀନ ମଧ୍ୟ ତାଙ୍କ କଥା ବୁଝିପାରୁନଥିବାର ଭିଡିଓରୁ ଜଣାପଡିଛି । ପାଖରେ ଥିବା ବିଜେଡି ବିଧାୟକ ଶାରଦା ଜେନା ନବୀନ ପଟ୍ଟନାୟକଙ୍କୁ କହିଥିଲେ, ତାଙ୍କ ଦେହ ଭଲ ନଥିଲା । ଏହା ଶୁଣିବା ପରେ ତାଗିଦ୍ କରି ନବୀନ କହିଥିଲେ- ଦେହ ଭଲ ନଥିଲା ନା ବିଜେପି ଆଡକୁ ମୁହାଁଉଛ ? ନବୀନଙ୍କର ଏଇ କେଇପଦ କଥା ରାଜନୈତିକ ମହଲରେ ବଡ଼ ହଲଚଲ୍ ସୃଷ୍ଟି କରିଛି। ଜଣକ ପରେ ଜଣେ ବିଜେଡି ନେତା ଯେ ବିଜେପି ମୁହାଁ, ଏହାକୁ ଯେମିତି ସ୍ପଷ୍ଟ କରିଦେଇଛନ୍ତି ଖୋଦ୍ ବିଜେଡି ମୁଖିଆ ନବୀନ ପଟ୍ଟନାୟକ। ତା ସହ ବିଜେଡି ନେତା ବିଜେପି ପଳାଉଥିବା ଚିନ୍ତା ଏବେ ଦଳପତିଙ୍କୁ ବେଶ୍ ଘାରିଛି। କାହିଁକି ନା ଏପର୍ଯ୍ୟନ୍ତ ନିର୍ବାଚନ ପୂର୍ବରୁ ଓ ପରେ ୨ ରାଜ୍ୟସଭା ସାଂସଦଙ୍କ ସହ ଅନେକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଜେଡି ନେତା ବିଜେପି ମୁହାଁ ହୋଇ ସାରିଲେଣି। ବିଜେପି ଆଡ଼କୁ ଯାଉଛନ୍ତି କି କହି ଟେରଚ୍ଛା ବାଣ ମାରିଲେ ନବୀନ ପଟ୍ଟନାୟକ ।

## ଟ୍ରମ୍ପ-ମୋଦୀ ୱାନ ଟୁ ...

ଆଲୋଚନା ପରେ ଆମେରିକା ଯୁଦ୍ଧ ସମ୍ପର୍କରେ ରଷିଆ ସହ ଆଲୋଚନା କରିଛି । ଖାଲି ଆଲୋଚନା କରିଛି ତାହା ନୁହେଁ ବରଂ କେମିତି ଯୁଦ୍ଧ ବନ୍ଦ ହେବ ସେନେଇ ଆମେରିକା ଚେଷ୍ଟା ବି କରୁଛି । ସେପଟେ ବର୍ତ୍ତମାନ ସ୍ଥିତିରେ ଚୀନ ଭାରତ ସହ ପଙ୍ଗା ନେବାକୁ ଚାହୁଁନି ହେଲେ ଚୀନ ଯେଉଁପରି ଭାବରେ ଆଗ୍ରେସିଭ୍ ହେଉଛି ତାହାକୁ କମାଇବାକୁ ଚାହୁଁଛି ଭାରତ । ମିଳିଥିବା ସୂଚନା ଅନୁସାରେ ଆମେରିକା, ଭାରତ, ଅଷ୍ଟ୍ରେଲିଆ ଓ ଜାପାନ ଅନେକ କ୍ଷେତ୍ରରେ ମିଶିକି କାମ କରୁଛନ୍ତି । କେବଳ ଏହି ଦେଶ ଗୁଡ଼ିକ ନୁହେଁ ବରଂ ଅନେକ ଛୋଟ ଛୋଟ ଦେଶ ମଧ୍ୟ ମିଶିକି କାମ କରୁଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାକିସ୍ତାନ ସହ ଆମେରିକା କୌଣସି କଥାବାର୍ତ୍ତା ହେବାକୁ ଚାହୁଁନି । ଏମିତିକି ସେ ଦେଶ ଆମେରିକାର ରାଡାରରେ ବି ନାହିଁ ବୋଲି କୁହାଯାଉଛି । ତେଣୁ ପାକିସ୍ତାନ ଯେଉଁ ଆଶା ରଖିଛି ଆମେରିକା ଉପରେ ଆର୍ଥିକ ସହାୟତା ଲାଗି ତାହା ମଧ୍ୟ ମିଳିବ ନାହିଁ । ଏପଟେ, ବାଂଲାଦେଶର ଦଳ ଆମେରିକାରେ ଅନେକ ପ୍ରଚାର କରିଛି । ତେଣୁ ବାଂଲାଦେଶ ଉପରେ କିଛି ଆକ୍ସନ ହେଲେ ସରକାର ଚାପରେ ଆସିବ । ଯାହା ଆମେରିକା ଚାହୁଁନି । ହେଲେ ବାଂଲାଦେଶକୁ ଭାରତ ଅନେକାଂଶରେ ସାହାଯ୍ୟ କରୁଛି । ତେଣୁ ବିବାଦ ବେଶୀ ଦିନ ରହିବ ନାହିଁ ବୋଲି କୁହାଯାଉଛି । ମୋଟ୍ ଉପରେ ମୋଦୀ-ଟ୍ରମ୍ପଙ୍କ ଆଲୋଚନା ପରେ ଜଣାପଡ଼ିବ ଦୁଇ ବିଶ୍ୱ ନେତା କେଉଁ କେଉଁ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ସୀମାନ୍ତ ତେଲେଙ୍ଗାନାରେ...

ପଡିୟମ୍ ନଗେଶ, ସୋଡି ଅର୍ଜୁନ, ପଡିୟମ୍ ଆଡମା, ମଡକମ୍ ଉଙ୍ଗା, କୁଞ୍ଜାମ ଘାସି, ମିର୍ଗମ ସୁକାୟା, ମାଡବି ଇଡମାୟା, ସେଲ୍ଲମ୍ ଭେଙ୍କଟ, ସାଲବାମ୍ ଶଙ୍କର, ମାଡବି କୋସା, ଦିର୍ଜ ସୁଲା, ସୋଡି ଇଡମା। ଏହି ମାଓବାଦୀ ମାନେ ପ୍ରକାଶ କରିଛନ୍ତି ଯେ, ଗତ ଜାନୁଆରୀ ମାସରେ ପ୍ରାୟ ୨୨ ଜଣ ମାଓବାଦୀ ଆତ୍ମ ସମର୍ପଣ କରିଥିବା ବେଳେ ସେମାନଙ୍କୁ ଯୋଗାଇ ଦେଇଥିବା ସମସ୍ତ ସୁବିଧା ସୁଯୋଗ, ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ସାମିଲ କରି ସେମାନଙ୍କୁ ଯୋଗାଇବା ଓ ପରିବାର ବର୍ଗ ସହ ଶୁଖମୟ ଜୀବନ ଯାପନ କରିବା ପାଇଁ ନିଷ୍ପତି ନେଇ ଏମାନେ ଆତ୍ମ ସମର୍ପଣ କରିଛନ୍ତି ।

## ମଧ୍ୟପ୍ରଦେଶରେ ...

କାରଟି ଓଲଟି ପଡିବାରୁ ଯୁବକମାନେ ଫସିଯାଇଥିଲେ,ଯେଉଁମାନଙ୍କୁ ବହୁ ପରିଶ୍ରମ କରି ବାହାରକୁ ବାହାର କରାଯାଇଥିଲା ।ଦୁର୍ଘଟଣାରେ ତିନିଜଣ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେଜଣେ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନାନୁସାରେ ଦୁର୍ଘଟଣା ବୁଧବାର ବିଳମ୍ବିତ ରାତି ପ୍ରାୟ ୨.୩୦ ସମୟରେ ଇଟାରସୀ-ନର୍ମଦାପୁରମ ମଝିରେ ପୱାରଖେଡା ନିକଟରେ ନବୋଦୟ ବିଦ୍ୟାଳୟ ଏବଂ କନ୍ୟା ଶିକ୍ଷା ପରିସର ଗେଟର ସମ୍ମୁଖରେ ହୋଇଥିଲା ।ନର୍ମଦାପୁରମ(ଦେହାତ)ଥାନା ପ୍ରଭାରୀ ପ୍ରବୀଣ ଚୌହାନ କହିଛନ୍ତି ଯେ ଚାରିଜଣ ଯୁବକ ସହରର ପାହାଡିୟା ନିକଟରେ ରିସର୍ଟରେ ବିବାହ ଉତ୍ସବରେ ଯାଇଥିଲେ ।ସେଠାରୁ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।ଦୁର୍ଘଟଣାରେ ତିନିଜଣ ଯୁବକଙ୍କ ମୃତ୍ୟୁ ଘଟିଛି ଏବଂ ଜଣେ ଯୁବକ ଆହତ ହୋଇଛି ।ଡାଏଲ ୧୦୦ ଏବଂ ଆମ୍ବୁଲାନ୍ସ ଷ୍ଟାଫ ଘଟଣାସ୍ଥଳରେ ପହଁଞ୍ଚି ମୃତକଙ୍କୁ ଜିଲ୍ଲା ହସ୍ପିଟାଲ ଏବଂ ଆହତଙ୍କୁ ନର୍ମଦା ହସ୍ପିଟାଲରେ ଭର୍ତ୍ତୀ କରିଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢାଏ

ବେତନଟୀ, ୧୩/୨ (ନି.ପ୍ର): ବେତନଟୀ ବ୍ଲକ୍ ର ଉପାନ୍ତ ଅଞ୍ଚଳ ରୂପେ ପରିଚିତ ଖଣ୍ଡଦେଉଳା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାର ୬୦ ବର୍ଷ ଅତିକ୍ରମ କରିଅଛି । ଏଥିନିମନ୍ତେ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୪-୨୫ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତପନ କୁମାର ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି । ଫେବୃଆରୀ ୧୩ ତାରିଖ ଅପରାହ୍ଣରେଏଥି ନିମନ୍ତେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବେତନଟୀ ବିଇଓ ବିପ୍ଲବ କର ଓ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି ଙ୍କ ସହିତ ମୁଖ୍ୟବକ୍ତା ରୂପେ ପୂର୍ବତନ ବିଆରସିସି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସମ୍ମାନିତ ଅତିଥିଭାବେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି,ତିନିଜଣ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ସିଂହ, ସନାତନ ସିଂ, ଶଚ୍ଛିନ୍ଦ୍ର ସିଂହ, ସିଆରସିସି ଦେବାଶୀଷ ସାହୁଙ୍କ ସମେତ ୨ଜଣ ୱାଡମେମ୍ବର , ପଞ୍ଚାୟତ ସମିତି ସଭ୍ୟା ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନ। ସମିତିର ସଭ୍ୟ, ସଭ୍ୟାଙ୍କ ଉଦ୍ଦେଶ୍ୟରେ ମଂଚାସୀନ ଅତିଥିଗଣ ଶିକ୍ଷା ସଂର୍ପକୀତ କିଛି ଉପଦେଶ ବ୍ୟକ୍ତବ୍ୟ ଛଳରେ ଦେଇଥିଲେ। ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା ଓ ଶିକ୍ଷାରେ ଅଗ୍ରଗତିର ପ୍ରମାଣପତ୍ର ଅତିଥିଗଣଙ୍କ ଠାରୁ ଛତ୍ରଛାତ୍ରୀଗଣ ଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷିକା ସକ୍ରିୟ ସହଯୋଗ କରିଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।




# ଖଇରା ଏଭିଏମ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକୋତ୍ସବ



ଖଇରା, ୧୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ସ୍ଥିତ ଏଭିଏମ ଇଂରାଜୀ ମିଡିୟମ ସ୍କୁଲର ୧୫ତମ ବାର୍ଷିକୋତ୍ସବ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇ ଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଗାହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚରମ୍ପା ମହାବିଦ୍ୟାଳୟର ଅଧ୍ୟକ୍ଷ ପିତାମ୍ବର ନାୟକ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟବକ୍ତା, ଅଧ୍ୟାପକ ବନମାଳୀ ବାରିକ ଓ ସ୍ୱଚ୍ଛ ଭାରତ ଅଭିଯାନର ସାରଥୀ ଗୟାଧର ବିଶ୍ୱାଳ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପ୍ରାର୍ଥନା, ଗୁରୁଜନଙ୍କୁ ଭକ୍ତି ତଥା ବିଶୃଙ୍ଖଳିତ ଆଚରଣ ଦ୍ୱାରା ସଫଳତା ହାସଲ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ । ଶିକ୍ଷୟତ୍ରୀ ଜ୍ୟୋତିଶ୍ରୀ ନନ୍ଦ ଓ ମମତାରାଣୀ ନାୟକ ଅତିଥି ପରିଚୟ, ତାପସୀ ଖଟୁଆ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟତ୍ରୀ ଆଲଫାରାଣି ଦାସ, ଜିକେ ଶ୍ୱେତାମ୍ବରୀ, ଜ୍ୟୋତିପ୍ରଭା ମହାନ୍ତି, ସାଇପ୍ରିୟା ସେଠୀ, ଶ୍ରିଲିପ୍ସା ପଣ୍ଡା ସହଯୋଗ କରିଥିଲେ । ବିଦ୍ୟାଳୟର ପରିଚାଳକ ପ୍ରଶାନ୍ତ ଦ୍ୱିବେଦୀ ଉପସ୍ଥିତି ଓ କଣ୍ଠଶିଳ୍ପୀ ଲକ୍ଷ୍ମୀପ୍ରିୟା ଓ ପଦ୍ମନାଭଙ୍କ ସଙ୍ଗୀତ ଉତ୍ସବକୁ ଅଧୀକ ରୋଚକ କରିଥିଲା ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ବଡସାହି, ୧୩/୨ (ନି.ପ୍ର): ବଡସାହି ବ୍ଲକ୍ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବି.ଡି.ଓ ବନଜା ଦାସ ଅଧକ୍ଷ୍ୟତା କରିଛନ୍ତି । ମୂଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷ୍ୟା ମିନତୀ ସିଂ, ସମ୍ମାନୀତ ଅତିଥି ଭାବେ ଫେଡରେସନ ସଭାପତି ପୂର୍ଣ୍ଣିମା ମିଶ୍ର, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ଅଧ୍ୟାପିକା କଳ୍ପଲତା ବେହେରା, ସିଡିପିଓ ସୁପ୍ରଭା ନାୟକ, ବଡସାହି ସରପଂଚ ଓ ସମିତି ସଭ୍ୟା ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ପ୍ରଭୂ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ପ୍ରଦାନ କରିଥିଲେ । ସେହିପରି ସମାଜ ମଙ୍ଗଳ କାର୍ଯ୍ୟାଳୟ, ବାରିପଦା ପକ୍ଷରୁ ସୁରକ୍ଷା ଅଧିକାରିଣୀ ଜୟଶ୍ରୀ ହୋତା, କାର୍ଯ୍ୟକ୍ରମ ଅଧିକାରିଣୀ ଅଂଜଳୀ ଦାସ ଓ ପ୍ରକାଶ କୁମାର ବାରିକ୍ ପ୍ରମୁଖ ଯୋଗ ଦେଇ ସାଧାରଣ ଲୋକର ଅଧିକାର, ନ୍ୟାୟ, ଦାୟିତ୍ୱ, ସୁରକ୍ଷା, କର୍ତବ୍ୟ ଓ ବିକାଶ ଉପରେ ବକ୍ତବ୍ୟ ରଖିବା ସହିତ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଉପସ୍ଥିତ ମିଶନଶକ୍ତି ମହିଳା, ସିଆରପି, ଇସି ମେମ୍ବର, ଏମବିକେ, ଅଙ୍ଗନବାଡି କର୍ମୀ, ଆଶା ଓ ସରପଂଚ ସମିତିସଭ୍ୟ ମାନଙ୍କ ସଚେତନ କରିଥିଲେ । କାରଣ ଆଇନର ଦିଗ ଉପରେ ଆମେ ସମସ୍ତ ଜାଣିଲେ ଯାଇ ଜିଣିବା ବୋଲି ମତବ୍ୟକ୍ତ କରିବା ସହିତ ଏହି ବାର୍ତା ପଂଚାୟତ ଓ ଗାଁ ଗାଁରେ ପହଂଚାଇବାକୁ ପରାମର୍ଶ ଦେଇଥିଲେ । ଶିକ୍ଷାବିତ ସଚ୍ଚିନ୍ଦ୍ର ବିଶ୍ୱାଳ ସଂଯୋଜନା ଓ ମଂଚ ପରିଚାଳନା କରିଥିବା ବେଳେ ସିଡିପିଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ସୁପରଭାଇଜର ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

# ପରାଗ ସାହିତ୍ୟ ସଂସଦର ପ୍ରତିଭା ସମ୍ମାନ ଘୋଷିତ

## ପରାଗ ଉପନ୍ୟାସ ସମ୍ମାନ ପାଇବେ ସୃଷ୍ଟିଧର ପରିଡ଼ା ଓ ଯୁବ ପୁରସ୍କାର ପାଇବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ଆଳି, ୧୩/୨ (ନି.ପ୍ର): ଆଳିର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦ ଆସନ୍ତା ରବିବାର ତା୧୬/୨/୨୫ ରିଖ ରେ ତା'ର ୪୩ ତମ ବାର୍ଷିକ ଉତ୍ସବ ସମ୍ବର୍ଦ୍ଧନା ସଭା ଓ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରୁଛି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରତିଭା ଧାରୀ ସାହିତ୍ୟିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଏକ ସ୍ୱତନ୍ତ୍ର ବୈଠକରେ ଘୋଷିତ ହୋଇଛି। ଚଳିତ ବର୍ଷ 'ପରାଗ ଉପନ୍ୟାସ ସମ୍ମାନ' ପାଇବେ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା। 'ପରାଗ କବିତା ସମ୍ମାନ' ପାଇବେ ଡ ଶ୍ରୀହରି ଧଳ, ଖଗେଶ୍ୱର ମହତାବ ଓ ନିରାକାର ଦାସ। 'ପରାଗ ଗଳ୍ପ ସମ୍ମାନ' ରେ ସମ୍ମାନିତ ହେବେ ଗାଳ୍ପିକ ଦିଲ୍ଲୀପ କୁମାର ସାହାଣୀ, 'ପରାଗ ସାହିତ୍ୟ ଓ ସଂପାଦନା ସମ୍ମାନ' ପାଇବେ ପଞ୍ଚବଟୀ ର ସଂପାଦକ ସୁଶାନ୍ତ ନାୟକ,'ପରାଗ ସଫଳ ସାହିତ୍ୟିକ ସମ୍ମାନ' ପାଇବେ ଭାଗିରଥି ବେହେରା ଓ ହିମାଂଶୁ ପରିଡ଼ା ପାଇବେ, ବସନ୍ତ ଦାସ ପାଇବେ ପରାଗ ଗୀତିକବିତା ସମ୍ମାନ, ମିଳନ ମିଶ୍ର ପାଇବେ ପରାଗ ଗୀତି ମଞ୍ଜରୀ ସମ୍ମାନ, ଲାବଣ୍ୟ ନାୟକ ପାଇବେ ପରାଗ ସର୍ଜନ ସମ୍ମାନ,ଓ ପରାଗ ଯୁବ ପ୍ରତିଭା ସମ୍ମାନ ପାଇବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ କବି ତଥା ଅବସର ପ୍ରାପ୍ତ ଲୋକସଂପର୍କ ଅଧିକାରୀ ନିରାକାର ଦାସ, ମୁଖ୍ୟ ବକ୍ତା ଭାବରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ର ସଂପାଦିକା ସୈରିନ୍ଧ୍ରି ସାହୁ ଓ ସମ୍ମାନିତ ଅତିଥି ଭାବେ ଡଃ କାଳୀପଦ ପଣ୍ଡା ଓ କିଶୋର ମିଶ୍ର ଯୋଗଦେବେ। ଉତ୍ସବରେ ପରାଗ ସାହିତ୍ୟ ସଂସଦ ର ସଭାପତି ରମେଶ ପଣ୍ଡା ଅଧକ୍ଷତା କରିବେ ଓ ବରିଷ୍ଠ ଉପସଭାପତି ନିଳଦ୍ରୀ ଭୂଷଣ ମହାପାତ୍ର ସଂଚାଳନ କରିବେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ରେ ଉପସଭାପତି କବି ଅଶୋକ ବିଶ୍ୱାଳ ଅଧକ୍ଷତା କରିବେ। ଉତ୍ସବରେ ଓଡ଼ିଶା ର ବିଭିନ୍ନ ଜିଲ୍ଲାରୁ ୪୦ ଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିବେ ବୋଲି ଅନୁଷ୍ଠାନର 'ସଂପାଦକ' ବନମାଳୀ ସେନାପତି ଜଣାଇଛନ୍ତି।

# ପୁନେରେ ଆଉ ଜଣେ ଜିବିଏସ ରୋଗୀଙ୍କ ମୃତ୍ୟୁ

ମୁମ୍ବାଇ, ୧୩/୨ (ନି.ପ୍ର): ପୁନେ ଜିଲ୍ଲାର ଖଡ଼କବାସଲାରେ ଗୁଲିୟନ ବୈରେ ସିଂଡ୍ରୋମ (ଜିବିଏସ) ପୀଡ଼ିତ ଆଉ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି । ଜିବିଏସ ରେ ରାଜ୍ୟରେ ଏପର୍ଯ୍ୟନ୍ତ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ୮ ରେ ପହଂଚିଛି। ରାଜ୍ୟରେ ଏପର୍ଯ୍ୟନ୍ତ ଜିବିଏସ ର ୨୦୩ ଜଣ ରୋଗୀ ମିଳିସାରିଛନ୍ତି। ତନ୍ମଧ୍ୟରୁ ୧୦୯ ଜଣ ଲୋକ ସମ୍ପୂର୍ଣ୍ଣ ଠିକ୍ ହେବା ପରେ ଛାଡି ଦିଆଯାଇଛି । ସୁବେ ର ବିଭିନ୍ନ ହସ୍ପିଟାଲ ରେ ୫୪ ରୋଗୀ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି । ଯେତେବେଳେ କି ୨୦ ଜଣ ଭେଂଟିଲେଟର ରେ ଅଛନ୍ତି ।

# ନୀଳମଣି କଲେଜରେ ରକ୍ତଦାନ ଶିବିର: ୫୩ ୟୁନିଟ ରକ୍ତ ସଂଗ୍ରହ

ବାଲେଶ୍ୱର, ୧୩/୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ପୁରାତନ ଛାତ୍ର ସଂସଦ, ରୋଭର ଓ ରେଞ୍ଜର ୟୁନିଟ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରା ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ମେଡିକାଲ ଅଫିସର ଡ଼ଃ ଲକ୍ଷ୍ମୀକାନ୍ତ ଉଦଗାତା, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନ ଶିବିରର ଗୁରୁତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିବା ସହ ସ୍ୱେଚ୍ଛା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଡ. ଆରୁଣୀ ମିଶ୍ର, ବାସନ୍ତୀ ସାହୁ, ଦେବେନ୍ଦ୍ର ଆଚାର୍ଯ୍ୟ ଓ ଗଣେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ କରିଥିଲେ । ଯୁବ ରେଡ଼କ୍ରସ କାଉନସେଲର ଶ୍ରବଣ ନାୟକ, ଅନ୍ନପୂର୍ଣ୍ଣା ରଣା, ପ୍ରୋଗ୍ରାମ ଅଫିସର ଡ଼ଃ ଆରୁଣୀ ମିଶ୍ର, ଲାଖିରାମ୍ ହାଁସଦା ଓ ସତ୍ୟେନ୍ଦ୍ର କୁମାର ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କର ଲାବରେଟୋରି ଟେକ୍ନିସିଆନ୍ ଦେବାଶିଷ ଦତ୍ତ, ପଲ୍ଲବୀ ମହାପାତ୍ର, କାଉନସେଲର ମୋନାଲିସା ମହାନ୍ତି, କ୍ଷୀରୋଦ ବେହେରା ଓ ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୫୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ସଞ୍ଜୟ କୁମାର ପ୍ରଧାନ, ଜ୍ୟୋତିରଞ୍ଜନ ବର, ମନ୍ମଥ କୁମାର ଦଳେଇ, ଗୌରୀଶଙ୍କର ମହାକୁଡ଼ୁ, ଅଶୋକ କୁମାର ମଢୁଆଳ, ବିବେକ ପାକଳ, ମୋନାଲିସା ପରିଡ଼ା, ବୀଣାପାଣି ଗିରି, ବବିତା ନାୟକ, ନିରଞ୍ଜନ ମହାଳିକ, ଶ୍ରୀଧର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।




# ନହଙ୍ଗ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ବାର୍ଷିକୋତ୍ସବ

ଖଇରା, ୧୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ପ୍ରତିଯୋଗିତା ଓ ବାର୍ଷିକୋତ୍ସବ ବୁଧବାର ଦିନ ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷା ଅନିତାରାଣି ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, ଅଳକାନନ୍ଦା ସାହୁ,ସୁଲୋଚନା ଦାସ ଓ କ୍ରୀଷ୍ଣାରାଣୀ ଖଟୁଆ, ଅଧ୍ୟାପକ ଅର୍ଜୁନ ଚରଣ ଲେଙ୍କା,ବସନ୍ତ କୁମାର ସୂତାର ଓ ବିଷ୍ଣୁପଦ ରାଉଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାମାନଙ୍କୁ ଶୃଙ୍ଖଳିତ ହେବାକୁ ଅତିଥି ମାନେ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନକାରୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଟ୍ରେନରୁ ଖସି ଗୋଡ଼ ହାତ ହରାଇଲେ ଯୁବକ

ବସ୍ତା, ୧୩/୨ (ନି.ପ୍ର): ଦକ୍ଷିଣ ପୂର୍ବ ରେଳ ପଥର



ରାଜଘାଟ ରେଳ ଷ୍ଟେସନରେ ସକାଳ ସମୟ ରେ ଘଟିଛି ଦୁର୍ଘଟଣା। ଜଳେଶ୍ୱର ରୁ ପୁରୀ ଅଭିମୁଖେ ଯାଉଥିବା ପାସେଞ୍ଜର ଟ୍ରେନ ରୁ ଖସି ପଡ଼ି ଗୋଡ ହାତ ହରାଇଲେ ମଧୁପୁରା ଗ୍ରାମ ର ଭୁବନ ଘୋଷ(୫୫)। ସୂଚନା ଅନୁସାରେ ଭୁବନ ସକାଳ ସମୟ ରେ ପାସେଞ୍ଜର୍ ଟ୍ରେନ ରେ ଯିବାକୁ ରାଜଘାଟ ଷ୍ଟେସନ ଆସିଥିଲେ । ତେବେ ସେଠାରେ ଟ୍ରେନ ରେ ଉଠୁଥିବା ବେଳେ ଗୋଡ ଖସି ଯିବାରୁ ଭୁବନ ପ୍ଲାଟ ଫର୍ମ ତଳକୁ ଖସି ପଡ଼ିବା ସମୟ ରେ ଟ୍ରେନ ଛାଡି ଦେଇ ଥିଲା। ତାଙ୍କର ଡାହାଣ ହାତ ଓ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ କଟି ଯାଇଛି । ସେ ରକ୍ତ ଜୁଡୁବୁଡୁ ହୋଇ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ଉପସ୍ଥିତ ଲୋକେ ଉଦ୍ଧାର କରି ବସ୍ତା ମେଡିକାଲ କୁ ଚିକିତ୍ସା ପାଇଁ ପଠାଇଥିବା ବେଳେ, ଅଧିକ ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ରର ଅଷ୍ଟମ ବାର୍ଷିକ ଉତ୍ସବ




ବାଲେଶ୍ୱର, ୧୩/୨ (ନି.ପ୍ର): ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର, ଧରମପୁର, ଫୁଲାଡିରେ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମହାସମାରୋହରେ ମାତୃ ପୂଜନ ଓ ସମର୍ପଣ ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉତ୍କଳ ଶିକ୍ଷା ପରିଷଦ ପ୍ରମୁଖ ଶ୍ରୀମତୀ ଲିଜାରାଣୀ ଦାସ୍ ପରିଚାଳନା କରିଥିଲେ। ପୂର୍ବାହ୍ନ ୧୧ଘଟିକାରେ ସାଧାରଣ ସଭା ଆୟୋଜନ କରାଯାଇଥିଲା, ଏଥିରେ ମୁଖ୍ୟ ଅତିଥି ବେଣୁଧର ବାରିକ୍, ମୁଖ୍ୟ ବକ୍ତା ଏଲ. ଆଇ. ସି ର ପ୍ରବନ୍ଧକ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବରେ ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱର ର ଶିଶୁ ବାଟିକା ପ୍ରମୁଖ ଶ୍ରୀମତୀ ଲିଜାରାଣୀ ଦାଶ, ଅନୁଷ୍ଠାନର ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱାଳ, ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ରାଉତ, ଷ୍ଟେଟ ବ୍ୟାଙ୍କ ପ୍ରବନ୍ଧକ ,ଶ୍ରୀମତୀ ପଙ୍କଜିନୀ ସେଠୀ , ବରିଷ୍ଠ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବିଜୟ କୁମାର ପରିଡା ମଞ୍ଚାସୀନ ହୋଇଥିଲେ। ବାଣୀ ନିର୍ମାଲ୍ୟ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ ପିଲାଙ୍କ ଅନ୍ତର୍ନିହୀତ ପ୍ରତିଭାର ବିକାଶ ଘଟିଲେ, ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ମଧୁସୂଦନ ଦାସ ସଭାପତିତ୍ୱ କରିଥିଲେ। ସରକାରୀ ଓ ପ୍ରାବେସିକ ମେଧାବୀ ହାସଲ କରିଥିବା ପିଲାମାନଙ୍କୁ ସମ୍ମାନିତ କରାଯାଇଥିଲା, ମାତୃଭାଷାରେ ବେଶୀ ନମ୍ବର ରଖିଥିବା ପ୍ରିୟାଂସି ଦତ୍ତ କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା, କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶ୍ରୀଯୁକ୍ତ ଦାମୋଦର ମାହାଣ୍ତା ଧନ୍ୟବାଦଅର୍ପଣ କରିଥିଲେ, ଏହି କାର୍ଯ୍ୟକୁ ଗୁରୁଜୀ ଗୁରୁମା - ଚମ୍ପାବତୀ ଦାସ୍, ସରସ୍ୱତୀ ଦତ୍ତ, ଗୀତାଞ୍ଜଳୀ ଦାସ୍, ସୁସ୍ମିତା ବେହେରା, ହରପ୍ରିୟା ପରିଡା, ସୁଜାତା ବାରିକ୍, ପ୍ରଭାତି ସେଠୀ, ମନ୍ଦାକିନୀ ସ୍ୱାଇଁ, ପ୍ରଜ୍ଞା ପାରମିତା ମହାନ୍ତି ଓ ଜିତୁ କୁମାର ସେଠୀ। ସଭାଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଦାନବୀର ହରିଶ୍ଚନ୍ଦ୍ର) କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଶଣ କରାଯାଇଥିଲା।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରର ପଞ୍ଚମ ଦିବସ

ବାସୁଦେବପୁର, ୧୩/୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ପଞ୍ଚମ ଦିବସର ଶୀତ କାଳୀନ ସ୍ୱତନ୍ତ୍ର ଶିବିର କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ପଞ୍ଚମ ଦିବସରେ ଶିବିରାର୍ଥି ମାନେ ସକାଳ ଛଅ ଟା ରେ ପ୍ରାର୍ଥନା କରିଥିଲେ ଓ ଏହା ପରେ ମହାବିଦ୍ୟାଳୟ ସାମ୍ନା ରେ ଥିବା ଖେଳ ପଡିଆ ସଫା କରିଥଲେ। ଅପରାହ୍ନରେ ଏଚଆଇଭି ଏଡ଼ସ ଓ ଫାଷ୍ଟ ଏଡ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଟଳ ବିହାରୀ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ଶ୍ରୀମତୀ ସୁଜାତା ମହାପାତ୍ର, ତୃପ୍ତି ମହିଳା ମହାବିଦ୍ୟାଳୟ ର ଅଧ୍ୟାପିକା ଶୈଳବାଳା ଦାଶ ପ୍ରମୁଖ ଏହି ଶିବିର ରେ ଅତିଥି ଭାବେ ଯୋଗ ଦେଇ ଏଚ ଆଇ ଭି ଓ ଫାଷ୍ଟ ଏଡ୍ ସମ୍ପର୍କରେ ଶିବିରାର୍ଥୀ ମାନଙ୍କୁ ବୁଝାଇ ଥିଲେ। ଏହି ସଭାରେ ସଂଯୋଜକ ଭାବରେ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ କୁମାର ବେହେରା ଶିବିର ପରିଚାଳନା କରିଥିଲେ। ଏହି ସଭାରେ କାଉନ ସିଲର ମଧୁସ୍ମିତା ସେଠି ଓ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଶାନ୍ତ କୁମାର ପାଢ଼ୀ ଅତିଥି ଭାବେ ଯୋଗ ଦେଇ ଶିବିରାର୍ଥୀ ମାନଙ୍କୁ ଆଶୀର୍ବାଦ କରିବା ସହିତ ସମାଜର ମଙ୍ଗଳ ପାଇଁ ଭଲ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟ କରାଯାଇ ଥିଲା। ଏଥିରେ ସମସ୍ତ ବିଦ୍ୟାର୍ଥୀ ବୃକ୍ଷ ରୋପଣ କରିଥିଲେ। ଶେଷରେ ଅଧ୍ୟାପିକା ଡକ୍ଟର ଶୁଭସନ୍ଧ୍ୟା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ପ୍ରସନ୍ନଚନ୍ଦ୍ରପୁରର ବଜ୍ରାର୍ଜୁନ ଉପ୍ରା ବିଦ୍ୟାଳୟକୁ ଅପଗ୍ରେଡ୍ କରିବାକୁ ଦାବି

କପ୍ତିପଦା, ୧୩/୨ (ନି.ପ୍ର): କପ୍ତିପଦା ବ୍ଲକ ନଟୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପ୍ରସନ୍ନଚନ୍ଦ୍ରପୁର ଗ୍ରାମରେ ପ୍ରତିଷ୍ଠିତ ହୋଇଛି ବଜ୍ରାର୍ଜୁନ ଉ.ପ୍ରାମ.ଇ ବିଦ୍ୟାଳୟ। ଏହି ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଟି ୧୯୯୦ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଉକ୍ତ ବିଦ୍ୟାଳୟ ପାର୍ଶ୍ୱରେ ସରକାରୀ ଉ.ପ୍ରା ବିଦ୍ୟାଳୟ ରହିଛି । ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୭୯ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ ବଜ୍ରାର୍ଜୁନ ଉପ୍ରା.ମଇ ବିଦ୍ୟାଳୟରେ ୪୪ଜଣ ଛାତ୍ରଛାତ୍ରୀ ପଢନ୍ତି । ତେବେ ଗତ ମାସ ୩୧ତାରିଖରେ ଉକ୍ତ ବଜ୍ରାର୍ଜୁନ ବିଦ୍ୟାଳୟର ଏକମାତ୍ର ଶିକ୍ଷକ ଅବସର ଗ୍ରହଣ କରିସାରିଥିବାରୁ ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ରହିଛି । ଏଥିସହିତ ବିଦ୍ୟାଳୟରେ ରୋଷେଇ କରୁଥିବା ୨ଜଣ ପାଚିକା ଓ ସହାୟକଙ୍କ ଚାକିରୀ ମଧ ଆଶଙ୍କାରେ ରହିଛି। ଗତବର୍ଷରୁ ଉକ୍ତ ବିଦ୍ୟାଳୟକୁ ଅପଗ୍ରେଡେଡ୍ କରିବାପାଇଁ ମୟୂରଭଂଜ ଡିପିସି, ଡିଇଓ ଏବଂ ଓପେପା ଭୁବନେଶ୍ୱରଙ୍କୁ ପ୍ରସ୍ତାବ ପଠାଯାଇଥିଲେ ମଧ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ତେବେ ସଂପୂର୍ଣ୍ଣ ଆଦିବାସୀ ଅଧୁଷିତ ଅଞ୍ଚଳରେ ସ୍ଥାପିତ ଉକ୍ତ ବିଦ୍ୟାଳୟର ସ୍ଥିତି ରକ୍ଷା ପାଇଁ ସରକାର ଏହାର ତୁରନ୍ତ ଅପଗ୍ରେଡ୍ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବୀ ଜଣାଇଛନ୍ତି। ନଚେତ୍ ଆଗାମୀ ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ହିଙ୍ଗଳାଙ୍କ ପୀଠରେ ସ୍ୱାସ୍ଥ୍ୟ ଶିବିର

ବଡସାହି, ୧୩/୨ (ନି.ପ୍ର): ବଡସାହି ବ୍ଲକ୍ ଅଧିନ ସୁହାଗପୁର କଉଡିଖଣି ଶାଳ ଜଙ୍ଗଲରେ ପୂଜା ପାଉଥିବା ମା' ହିଙ୍ଗୁଳାଙ୍କ ବଡପୂଜା ଆସନ୍ତ ଫେବୃୟାରୀ ୧୫ ତାରିଖ । ଏଥିପାଇଁ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଅଯାଇଛି । ବୁଧୁବାର ଅଧିବାସ ହୋଇଥିବା ବେଳେ ସଂନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଭଜନରେ ନୃତ୍ୟ ପରିବେଷଣ ହେବ ବୋଲି ଟ୍ରଷ୍ଟି ସୁନୀଲ କୁମାର ଦାଶ ପ୍ରକାଶ କରିଛନ୍ତି । ଟ୍ରଷ୍ଟ ଆନୁକୁଲ୍ୟରେ ବୁଧୁବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୬୮ଜଣ ରୋଗୀ ପଂଜିକୃତ ହୋଇଥିଲେ । ସେମାନେ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଡାକ୍ତମାନଙ୍କଠାରୁ ପରାମର୍ଶ ନେବା ସହିତ ସେମାନଙ୍କୁ ମାଗଣାରେ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida